



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-90 •TUESDAY •23 SEPTEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୯୦ •ମଙ୍ଗଳବାର •୨୩ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





# ଆଜି ରତ୍ନଭଣ୍ଡାରକୁ ଯିବ ମହାପ୍ରଭୁଙ୍କ ରତ୍ନାଳଙ୍କାର

ପୁରୀ,୨୨।୯(ସମିସ): ଦୀର୍ଘ ୧୪ ମାସ ପରେ ଆସନ୍ତାକାଲି (ମଙ୍ଗଳବାର) ସ୍ଥାନାନ୍ତର ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର। ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ସ୍ଥାନାନ୍ତର ସମୟରେ ଆନନ୍ଦବଜାର କିନ୍ତୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାଭାବିକ ରହିବ। ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ। ମହାପ୍ରଭୁଙ୍କ ସେବାରେ କରାଯାଉଥିବା ଏହି ଦର୍ଶନ କଟକଣା ପାଇଁ ଭକ୍ତମାନେ ସହଯୋଗ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିବେଦନ କରିଛି।

- ନାଟମଣ୍ଡପ ଓ ଜଗମୋହନ ଶୋଧ କରାଯିବ
- ଆନନ୍ଦବଜାରକୁ ଯାଇପାରିବେ ଶ୍ରଦ୍ଧାଳୁ

■ ବିଳମ୍ବିତ ରାତିରେ ଅଘଟଣ

## କାନ୍ଥ ପଡ଼ି ବାପା-ମା' ମୃତ, ଝିଅ ଗୁରୁତର

ବସ୍ତା ବ୍ଲକ, ୨୨।୯(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କାନ୍ଥ ପଡ଼ି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ନାବାଳିକା ଝିଅ ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଗ୍ରାମର ପିଥ ମୁର୍ମୁ (୩୯) ଓ ତାଙ୍କ ସ୍ତ୍ରୀ ମିନତି ମୁର୍ମୁ (୩୫)। ତାଙ୍କ ଝିଅ ଲକ୍ଷ୍ମୀକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ଘରର ଗୋଟିଏ ପଟ କାନ୍ଥ ହଠାତ୍ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ବାପା, ମାଆ ଓ ଝିଅ ଚାପି ହୋଇ ରହିଥିଲେ। ଚିତ୍କାର ଶୁଣି ପଡ଼ୋଶୀ ସେମାନଙ୍କୁ ମାଟି ତଳୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ପିଥ ଓ ମିନତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଝିଅ ଲକ୍ଷ୍ମୀକୁ ଡାକ୍ତରଙ୍କ ପରାମର୍ଶକ୍ରମେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଘଟଣାସ୍ଥଳ ବୁଲି ଦେଖିବା ସହ ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବସ୍ତା ଏସଡିପିଓ ମାନସ କୁମାର ଦେଓ, ବସ୍ତା ଥାନା ଆଇଆଇସି ରଞ୍ଜିତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୧୫ ମାସରେ ୧୫ ଆତ୍ମାହୁତି

ଭୁବନେଶ୍ୱର, ୨୨।୯(ସମିସ): ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଉଥିବା ବେଳେ ଆତ୍ମାହୁତି ଘଟଣା ମଧ୍ୟ ଢେର୍ ବଢ଼ିଛି। କିଏ ନିର୍ଯାତନା ସହି ନପାରି ଆତ୍ମାହୁତି ଦେଇଛି ତ ଆଉ କିଏ ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଛି। ବିଶେଷକରି, ଗତ ୧୫ ମାସରେ ରାଜ୍ୟରେ ୧୫ଜଣ ଯୁବତୀ ଓ ମହିଳା ଆତ୍ମାହୁତି ଦେଇଛନ୍ତି। ରାଜ୍ୟରେ ପାରିବାରିକ କଳହଠାରୁ ଆରମ୍ଭ କରି ଯୌତୁକ ଓ ମାନସିକ ନିର୍ଯାତନା ମାମଲା ବଢ଼ିଛି। ଏସବୁର ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନେ ନିଜକୁ ଜାଳିଦେବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଗତ ଦିନରେ ବାଲେଶ୍ୱର, ବଲାଙ୍ଗୀ, ଜଟଣୀ, ଜଗତପୁର, ରରୁଆଁ, ବ୍ରହ୍ମପୁର ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ, ଖଇରା, ରାଉରକେଲା, ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୋଟ ୧୫ ଜଣ ଛାତ୍ରୀ ଓ ମହିଳା ଏଥିରେ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୯ଟି ଧର୍ତ୍ତବ୍ୟ ଓ ୬ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୩ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୦ଟି ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ଏଥିସହ ୨ଟି ମାମଲା ଫାଇନାଲ୍ ରିପୋର୍ଟ ମିଷ୍ଟେକ୍-ଅଫ୍-ଫ୍ୟାକ୍ଟ କରାଯାଇଛି। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି।

■ ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ

## ୧୫ ମାସରେ ୨୦୨ କୋଟିର ସମ୍ପତ୍ତି ଠାବ

ଭୁବନେଶ୍ୱର,୨୨।୯(ସମିସ): ଗତ ୧୫ମାସରେ ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ ପଡ଼ିଥିବା ବେଳେ ୨୦୨ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ୭୭ଟି ଆୟ ବହିର୍ଭୂତ ଠୁଳ ମାମଲା ଓ ଲାଞ୍ଚ ନେବା ଅଭିଯୋଗରେ ୧୨୨ଟି ମାମଲା ରହିଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଲିଖିତ ଉତ୍ତରରେ ଉଲ୍ଲେଖ ରହିଛି ଯେ ଗତ ୫ ବର୍ଷରେ ୩୬୬୧ଟି ଦୁର୍ନୀତି ନିବାରଣ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ୭୨୨ଟି ମାମଲା ତଦନ୍ତାଧୀନ ରହିଛି। ୨୦୨୪ ଜୁଲାଇ ୧ରୁ ୨୦୨୫ ସେପ୍ଟେମ୍ବର ୧୫ମଧ୍ୟରେ ରାଜ୍ୟ ଭିଜିଲାନ୍ସ ବିଭାଗ ୭୭ଜଣ ସରକାରୀ ଅଧିକାରୀଙ୍କ ଘରେ ଚଢ଼ଉ କରିଛି। ସେମାନଙ୍କ ପାଖରୁ ମୋଟ ୨୦୨.୫୮ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ୮.୩୮ କୋଟି ଟଙ୍କା ନଗଦ ରାଶି ଥିବା ବେଳେ ୨୧୮ ଗୋଟି ଫ୍ଲାଟ, ୭୭୫ ଗୋଟି ପ୍ଲଟ୍, ୧୬ଟି ସୁନା ବିସ୍କୁଟ ସହ ମୋଟ ୨୫ କିଲୋ ୫୫୩ ଗ୍ରାମର ସୁନା ଅଳଙ୍କାର, ୧୩ଟି ଫାର୍ମହାଉସ, ୪୪.୨୧କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ୪୩.୦୨ କୋଟି ଟଙ୍କାର ବୀମାରାଶି। ଏହି ସମୟ ମଧ୍ୟରେ ମୋଟ ୭୮୫ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଛି। ସେହିପରି ୧୭୦ ଲୋକଙ୍କୁ ଦଣ୍ଡିତ କରାଯାଇଛି।

# ୨ କୋଟି ହିତାଧିକାରୀ ପାଇନାହାନ୍ତି ଆୟୁଷ୍ମାନ କାର୍ଡ

ଭୁବନେଶ୍ୱର,୨୨।୯(ସମିସ): ନବୀନ ସରକାରଙ୍କ ସ୍ୱାସ୍ଥ୍ୟ ସଞ୍ଜିବନୀ ବିଏସ୍‌କେୱାଇ ବନ୍ଦ କରି ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ପ୍ରଚଳନ କଲେ। ମାତ୍ର ୧୫ ମାସ ପରେ ବି ରାଜ୍ୟର ୨ କୋଟି ଲୋକ ଏଯାଏ ଆୟୁଷ୍ମାନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। କୌତୂହଳର କଥା ହେଉଛି ପୂର୍ବ ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ବର୍ଷକୁ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୩୮୨୭ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆୟୁଷ୍ମାନ ଯୋଜନାରେ ଏଯାଏ ରାଜ୍ୟ ସରକାର ଏହାର ଏକ ତୃତୀୟାଂଶରୁ କମ୍ ଅର୍ଥାତ୍ ମାତ୍ର ୧୧୧୯ କୋଟି ଟଙ୍କା ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି। ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବ ଯୋଜନାରେ ବିଏସ୍‌କେୱାଇ କାର୍ଡକୁ ଅଚଳ କରିବାର ମୂଲ୍ୟ ବାବଦରେ ରାଜକୋଷରୁ ରାଜ୍ୟ ସରକାର ପ୍ରାୟ ୧୬.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଆୟୁଷ୍ମାନ୍ କାର୍ଡ ଛପା ଏବଂ ବିତରଣ ପାଇଁ ୬ କୋଟି ୨୬ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହିତ କାର୍ଡ କଭର କିଟ୍ ପାଇଁ ୧୦ କୋଟି ୨୫ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ମୋଟ୍ ଅର୍ଥକୁ ମିଶାଇଲେ ଏବାବଦକୁ ବର୍ତ୍ତମାନ ସୁଦ୍ଧା ୧୬ କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ବିଡ଼ମ୍ବନା ହେଉଛି ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ ୧.୪୭ କୋଟି ଜଣଙ୍କୁ କାର୍ଡ ବର୍ଣ୍ଟନ କରାଯାଇଛି ଓ ଅବଶିଷ୍ଟ ପ୍ରାୟ ୨ କୋଟି ଲୋକଙ୍କୁ କାର୍ଡ ବର୍ଣ୍ଟନ କାର୍ଯ୍ୟ ଏବେ ବି ଜାରି ରହିଛି।


- ୩.୪୬ କୋଟି ହିତାଧିକାରୀଙ୍କ ମଧ୍ୟରୁ କାର୍ଡ ପାଇଛନ୍ତି ମାତ୍ର ୧.୪୭ କୋଟି
- କାର୍ଡ ଛପା, କଭର ଓ ବିତରଣ ପାଇଁ ୧୬ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ
- ବିଏସ୍‌କେୱାଇରେ ବର୍ଷକ ଖର୍ଚ୍ଚ ୩୮୨୭ କୋଟି, ଆୟୁଷ୍ମାନରେ ମାତ୍ର ୧୧୧୯

ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆୟୁଷ୍ମାନ କାର୍ଡ ବାବଦକୁ କିପରି ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି, ତାହା ପଦାକୁ ଆସିଛି। ପୂର୍ବରୁ ବିଏସ୍‌କେୱାଇ ଯୋଜନାର ସ୍ମାର୍ଟ କାର୍ଡ ପ୍ରତି ଲୋକଙ୍କ ନିକଟରେ ରହିଥିଲା। ସରକାର ଏହି ଯୋଜନାର ନାମ ପରିବର୍ତ୍ତନ କରିଥିଲେ ବି ସେହି କାର୍ଡକୁ ମଧ୍ୟ ଆୟୁଷ୍ମାନ କାର୍ଡକୁ ପରିବର୍ତ୍ତନ କରାଯାଇ ପାରିଥାଆନ୍ତା ଓ ଚିପ୍ ଲଗା କାର୍ଡଗୁଡ଼ିକ ଅଚଳ ହୋଇ ନ ଥାନ୍ତା। ମାତ୍ର ରାଜ୍ୟ ସରକାର ନୂତନ କାର୍ଡ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ପାଇଁ ରାଜ୍ୟ ରାଜକୋଷ ଉପରେ ବିପୁଳ ବୋଝ ପଡ଼ିଥିଲେ ହେଁ ଏହା ଏଯାଏ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ।

ଅନ୍ୟପକ୍ଷରେ ଆୟୁଷ୍ମାନ କାର୍ଡ ବର୍ଣ୍ଟନ ପରଠାରୁ ପ୍ରତି ମାସରେ ଘରୋଇ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କାର ବିଲ୍ ପୈଠ କରିଛନ୍ତି ଓ ସରକାର ୨୦୨୩-୨୦୨୪ରେ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କା ବିଲ୍ ପ୍ରଦାନ କରିଛନ୍ତି ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ରାଜ୍ୟବାସୀଙ୍କୁ ନିରାଶ କରିଛି। ଆୟୁଷ୍ମାନ କାର୍ଡ ବର୍ଣ୍ଟନ ଆରମ୍ଭ ହେବାଠାରୁ ସରକାର ୪୦୫୦୪୪ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ଅଦ୍ୟାବଧି ୧୧୧୯ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ତତ୍କାଳୀନ ବିଜେଡି ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ବାବଦରେ ରାଜ୍ୟ ସରକାର ୨୦୨୩-୨୪ରେ ୨୭୮୨ କୋଟି ଟଙ୍କା ଓ ୨୦୨୪-୨୫ରେ ୩୮୨୭ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ସହ ରାଜ୍ୟ ବାହାରେ ଥିବା ପଞ୍ଜିକୃତ ଚିକିତ୍ସାଳୟରେ ୨୧ ହଜାର ୩୯୪ ହିତାଧିକାରୀ ଚିଚିତ୍ସା ସୁବିଧା ବାବଦକୁ ୫୫ କୋଟି ୫୫ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରୀ ତଥ୍ୟ ପ୍ରଦାନ କରିଛନ୍ତି।

# ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ରାଜେନ୍ଦ୍ର ସ୍ମରଣୀୟ ହୋଇ ରହିବେ: ନବୀନ





ଭୁବନେଶ୍ୱର,୨୨।୯(ସମିସ): ଲୋକପ୍ରିୟ ରାଜନେତା ରାଜେନ୍ଦ୍ର ଢୋଲକିଆ ବିଜେଡିର ଏକ ସ୍ତମ୍ଭ ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା। ସେ ସବୁବେଳେ ତୃଣମୂଳସ୍ତରର ଲୋକଙ୍କ ସହ ଯୋଡ଼ି ହୋଇ ରହିବା ସହ ସେମାନଙ୍କ ସୁଖ ଦୁଃଖର ସାଥୀ ଥିଲେ। ନୂଆପଡ଼ାର ବିକାଶ କ୍ଷେତ୍ରରେ ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସବୁଦିନ ମନେ ରହିବେ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସ୍ୱର୍ଗତଃ ଢୋଲକିଆଙ୍କ ବିୟୋଗରେ ନୂଆପଡାରେ ଆୟୋଜିତ ଶୋକ ସଭାରେ ଶ୍ରୀ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତଃ ଢୋଲକିଆ ବାବୁଙ୍କ ଅଧୁରା କାମକୁ ପୁରା କରିବାକୁ ତାଙ୍କ ପରିବାର ସହ ବିଜେଡି ଓ ସେ ନିଜେ ସମସ୍ତେ ଏକାଠି କାମ କରିବେ ବୋଲି ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ନୂଆପଡାର ବିକାଶରେ ସ୍ୱର୍ଗତ ଢୋଲକିଆଙ୍କ ଅବଦାନ ବିଷୟରେରେ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଭିତ୍ତିଭୂମି ବିକାଶ ବିଶେଷ କରି ନୂଆପଡାରେ ବିଜୁ ଏକ୍ସପ୍ରେସ ୱେ, ପିଇବା ପାଣି ଓ ଜଳସେଚନ କ୍ଷେତ୍ରରେ ସ୍ୱର୍ଗତ ଢୋଲକିଆ ବହୁତ ଭଲ କାମ କରିଥିଲେ। ଜନଜାତି ଭାଇ ଭଉଣୀମାନଙ୍କ କଲ୍ୟାଣ ସହ ନୂଆପଡାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଢୋଲକିଆ ବାବୁଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ସେହିପରି ସମାଜସେବା କ୍ଷେତ୍ରରେ ମଧ୍ୟ ଢୋଲକିଆ ବାବୁଙ୍କ ବିଶେଷ ପରିଚୟ ଥିଲା। ଗରିବ ଲୋକଙ୍କ ବିବାହ ହେଉ ବା ଚକ୍ଷୁ ଚିକିତ୍ସା ଶିବିର ଓ ଭିନ୍ନକ୍ଷମମାନଙ୍କ ପାଇଁ ଶିବିର ଆୟୋଜନ କରି ସେ ଲୋକଙ୍କ ସେବା ଜାରି ରଖିଥିଲେ। ତାଙ୍କର ଶାନ୍ତ ସରଳ ଅମାୟିକ ଓ ନିରହଂକାର ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରଣୀୟ ଥିଲେ। ସ୍ୱର୍ଗତ ଢୋଲକିଆ ଆଜି ଆମ ଭିତରେ ନାହାନ୍ତି; କିନ୍ତୁ ନୂଆପଡାର ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ସେ ଲୋକଙ୍କ ପ୍ରିୟ ଥିଲେ ଏବଂ ସବୁବେଳେ ପ୍ରିୟ ହୋଇ ରହିଥିବେ ବୋଲି ନବୀନ ମତବ୍ୟକ୍ତ କରିଥିଲେ।

■ ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ୍

## ଖାଲି ପଡ଼ିଛି ୧୩୩୨ ଅନୁମୋଦିତ ଅଧ୍ୟାପକ ପଦ

କଟକ, ୨୨।୯ (ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୨୨ଟି ଅନୁମୋଦିତ ଅଧ୍ୟାପକ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ସମସ୍ତ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟ ନୋଟିସ୍ ଜାରି ସହ ଜବାବ ତଲବ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ ଅନୁସାରେ ରାଜ୍ୟ ସରକାର ଏହି ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟକୁ ନିୟନ୍ତ୍ରଣ କରିଥା'ନ୍ତି। ଏହି ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗତ ୨୦୨୨ ମସିହାରୁ କୌଣସି ଅଧ୍ୟାପକ ନିଯୁକ୍ତି ଦିଆଯାଇନାହିଁ। ବହୁ ପଦବୀ ଖାଲି ପଡ଼ିବାରୁ ଶିକ୍ଷାଦାନ ଏବଂ ଗବେଷଣା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏହି କ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ ଟି ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡ଼ିଥିବା ବେଳେ ରେଭେନ୍ସାରେ ୧୬୧, ଏମଏସ୍‌ସିବିରେ ୫୮ଟି, ବ୍ରହ୍ମପୁରରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁରରେ ୭୬ଟି, ଫକିରମୋହନ ବିଶ୍ୱବିଦ୍ୟାଳୟରେ ୪୯ଟି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ଏସ୍‌ଏଜେଏସଭିରେ ୨୦ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ୧୦୬ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ଟି, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ୫୦ଟି ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୯୬ଟି ମଞ୍ଜୁରୀପ୍ରାପ୍ତ ପଦ ଖାଲିପଡ଼ିଛି।

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଲି ପଡ଼ିଥିବା ଅଧ୍ୟାପକ, ପ୍ରଫେସର୍ ଓ ଆସୋସିଏଟ୍ ପ୍ରଫେସର୍ ପଦ ପୂରଣ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରକାରୀ ଓକିଲ ମାମଲା ଶୁଣାଣି ବେଳେ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ହୋଇଥିବା ବେଳେ ପଦବୀ ପୂରଣ ପାଇଁ ସମ୍ପୃକ୍ତ ପ୍ରତିଷ୍ଠାନଗୁଡ଼ିକ ପଦକ୍ଷେପ ନେଇପାରିବେ ବୋଲି କହିଥିଲେ। ଏଣୁ, ହାଇକୋର୍ଟ ସମସ୍ତ ବିଶ୍ୱବିଦ୍ୟାଳୟକୁ ନୋଟିସ୍ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୦କୁ ଧାର୍ଯ୍ୟ କରିଛନ୍ତି।

**ସରକାରଙ୍କୁ ବିଜେଡିର 'ଦାଦନ' ବାଣ**

# 'ଦାଦନମୁକ୍ତ ଓଡ଼ିଶା' ପ୍ରତିଶ୍ରୁତି ପାଣିର ଗାର

ଭୁବନେଶ୍ୱର,୨୨।୯(ସମିସ): ନିଜର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ଦାଦନ ମୁକ୍ତ କରିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର କ୍ଷମତାକୁ ଆସିବାର ୧୫ ମାସ ପରେ ମଧ୍ୟ ରାଜ୍ୟରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ବିଜେପିର ଦାଦନମୁକ୍ତ ଓଡ଼ିଶା ପ୍ରତିଶ୍ରୁତି ପାଣିର ଗାର ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ରାଜ୍ୟ ବିଜେପି ସରକାର ଦାଦନ ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ ଦାଦନ ସମସ୍ୟାକୁ ନେଇ ବିଜେପି ପକ୍ଷରୁ ପୂର୍ବ ସରକାରଙ୍କୁ ସମାଲୋଚନା କରୁଥିଲା ଓ କ୍ଷମତାକୁ ଆସିଲେ ଏହି ସମସ୍ୟାର ସମାଧାନ କରିବ ବୋଲି ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। ମାତ୍ର କ୍ଷମତାକୁ ଆସିବାର ୧୫ ମାସ ଉଦ୍ଧ୍ୱର୍ ବିତି ଯାଇଥିଲେ ମଧ୍ୟ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ଦାଦନ ସମସ୍ୟା ସମାଧାନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନରେ ସୀମିତ।



ଗ୍ରାମାଞ୍ଚଳରେ ମନରେଗା ଯୋଜନା ମାଧ୍ୟମରେ କର୍ମ ଦିବସ ଯୋଗାଇଦେବା କମୁଥିବାରୁ ସମସ୍ୟା ରାଜ୍ୟରେ ଉତ୍କଟ ରୂପ ନେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ସମୁଦାୟ ୧୭ କୋଟି ୬୧ ଲକ୍ଷ କର୍ମ ଦିବସ ଯୋଗାଇଦିଆ ଯାଇଥିବା ବେଳେ ବିଜେପି ସରକାର ସମୟରେ ଏହି ସଂଖ୍ୟା ୧୦ କୋଟି ତଳକୁ ଖସି ଆସିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୩.୩୯ ଲକ୍ଷ ପରିବାରଙ୍କୁ ୧୦୦ ଦିନର କର୍ମ ଦିବସ ଯୋଗାଯାଇଥିବା ବେଳେ ଏହା ବିଜେପି ସରକାରଙ୍କ ସମୟରେ ୧.୪୯ ଲକ୍ଷକୁ କମିଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରକୁଦା ଓ ସାନପାଟଣା ଗ୍ରାମରୁ ପ୍ରାୟ ଏକ ହଜାର ଲୋକ ଗତ ମାସରେ ଦାଦନ ଖଟିବାକୁ ଗୋଆ, ମାଙ୍ଗାଲୋର ଓ ତାମିଲନାଡୁ ଯାଇଛନ୍ତି। ଏହି ଦୁଇ ଗ୍ରାମ ଏବେ ପୁରୁଷଶୂନ୍ୟ ହୋଇ ପଡିଛନ୍ତି। ଏମାନଙ୍କ ଭିତରୁ ଜଣଙ୍କର ସେଠାରେ ମୃତ୍ୟୁ ଘଟିଛି, ଯାହାର ମରଶରୀର ଆଜି ଗ୍ରାମକୁ ଅଣାଯାଉଛି। ରାଜ୍ୟ ବିଜେପି ସରକାର କେବଳ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି ଓ ବିକଶିତ ଓଡ଼ିଶା ଗଠନର ସୁନେଲି ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ସମସ୍ୟା ସମାଧାନ ଦିଗରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ସେହିପରି ଧ୍ରୁବ ଚରଣ ସାହୁ କହିଥିଲେ ଯେ ବିଜେପିର ଓଡ଼ିଶାକୁ ଦାଦନମୁକ୍ତ କରିବା ଓ ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପ୍ରତିଶ୍ରୁତି ଆଜି ପାଣିର ଗାର ପାଲଟିଛି। ପ୍ରତିଦିନ ରାଜ୍ୟ ବାହାରେ କେଉଁଠି ନା କେଉଁଠି ଓଡ଼ିଶାର ଶ୍ରମିକଙ୍କ ଦୁର୍ଦ୍ଦଶାର ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। କେବଳ ପୁରୀ ଜିଲ୍ଲାରେ ନୁହେଁ, ବରଂ ସମଗ୍ର ଓଡ଼ିଶାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କେନ୍ଦ୍ରାପଡା ଜିଲ୍ଲାରେ ନବୀନ ସରକାରଙ୍କ ସମୟରେ ଏକ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ସ୍ଥିର ହୋଇଥିଲା ଯାହା ଏବେ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

- ଅରକୁଦା, ସାନପାଟଣାରୁ ଦାଦନ ଯାଇଛନ୍ତି ହଜାରେ
- ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ ଗଠନରେ ସୀମିତ
- ରାଜ୍ୟରେ କମିବା ପରିବର୍ତ୍ତେ ଉତ୍କଟ ହେଉଛି ସମସ୍ୟା

# ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା; ୩ ଅଟକ

ତେଲକୋଇ, ୨୨।୯(ସମିସ): ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ୍ ରାଣୀବେଡ଼ା ସଂରକ୍ଷିତ ଜଙ୍ଗଲରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆଜି ସ୍ଥାନୀୟ କାଉବସା ନାଳ ନିକଟରୁ ବନ ବିଭାଗ ଉକ୍ତ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ହାତୀଟିର ବୟସ ୮ରୁ ୧୦ବର୍ଷ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗୋକୁଳ ଜୁଆଙ୍ଗ (୪୨) ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ୨ଅଭିଯୁକ୍ତ ଇନ୍ଦ୍ରମଣି ଜୁଆଙ୍ଗ (୫୬) ଓ ଗଣେଶ ଜୁଆଙ୍ଗ(୨୫)କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି। ସମସ୍ତଙ୍କ ଘର ଟାଙ୍ଗିରୀ ଗ୍ରାମ ଦୁବନାଳୀ ସାହିରେ। ଅପରପକ୍ଷେ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ଉକ୍ତ ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି। ବନ ବିଭାଗ କହିଛି, ସୋଲାର୍ ବାଡ଼ ସ୍ଥାନରେ କରେଣ୍ଟ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି।

**ନାଳରୁ ଉଦ୍ଧାରହେଲା ଗଳିତ ମୃତଦେହ**



ଅପରପକ୍ଷେ, ହାତୀର ମୃତ୍ୟୁ ଘଟି ଗଳିତ ଅବସ୍ଥାରେ ପହଞ୍ଚିଥିଲେ ହେଁ ବନବିଭାଗ ଟେର୍ ନ ପାଇବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାତୀ ନିରୀକ୍ଷଣ ଓ ହାତୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ବିଭିନ୍ନ କର୍ମଚାରୀ ନିୟୋଜିତ କରି କୋଟିକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବିମଳା ସେକ୍ସନରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଫଳରେ ହାତୀ ଓ ବନ୍ୟପ୍ରାଣୀ ସମ୍ପଦ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ନିରୀକ୍ଷଣ ପାଇଁ ସରକାର ଜିପିଏସ୍ ଟ୍ରାକିଂ, ଡ୍ରୋନ୍ ଭଳି ଅତ୍ୟାଧୁନିକ ବ୍ୟବସ୍ଥା ସାଙ୍ଗକୁ ଓ ପାଦଚଲା ଟ୍ରାକିଂର ନିୟମ କରିଥିବା ବେଳେ ବିମଳା ସେକ୍ସନରେ ସବୁ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଫଳରେ ତେଲକୋଇ ରେଞ୍ଜରେ କ୍ରମଶଃ ଗୋଟିଏ ପରେ ଗୋଟିଏ ହାତୀର ଗଳିତ ଅବସ୍ଥାରେ ମୃତଦେହ ଉଦ୍ଧାର ହେବାରେ ଲାଗିଛି। ଏନେଇ ତେଲକୋଇ ଅଞ୍ଚଳର ପରିବେଶବିତ୍ ଓ ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

କଟକ, ୨୨।୯(ସମିସ): ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏକାଡେମୀର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ୧୯୫୭ ମସିହାରେ ଗଠିତ ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ସାହିତ୍ୟର ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ସାହିତ୍ୟିକଙ୍କ ମାନଦଣ୍ଡ ସ୍ଥିର କରିବା, ସାହିତ୍ୟିକ କାର୍ଯ୍ୟକଳାପକୁ ସମନ୍ୱିତ କରିବା ଏବଂ ସେମାନଙ୍କ ମାଧ୍ୟମରେ ରାଜ୍ୟର ସାଂସ୍କୃତିକ ଏକତାକୁ ପ୍ରୋତ୍ସାହିତ କରିବା ଏହାର ଭୂମିକା ରହିଛି। କିନ୍ତୁ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇ ସେମାନେ ଅବ୍ୟାହତି ନେଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି। ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ପରିଷଦ କାର୍ଯ୍ୟକାଳ ଗତ ୨୦୨୩ ଜୁଲାଇ ୧୯ ପରଠାରୁ ଶେଷ ହୋଇଛି। ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ୫ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା। ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୭କୁ ଧାର୍ଯ୍ୟ କରାଯାଇଛି।

- ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ
- ୧୬ ମାସ ପୂର୍ବରୁ ସରିଲାଣି ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ




ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ
▶କ୍ରୀଡ଼ା ପୃଷ୍ଠାରେ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-90 • TUESDAY • 23 SEPTEMBER 2025 • PAGE-12 • ₹ 6.00

ବର୍ଷ-୪୩ • ସଂଖ୍ୟା-୯୦ • ମଙ୍ଗଳବାର • ୨୩ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦







# ବିକ୍ରିହେବ ଅଧଡଜନ ସରକାରୀ ଉଦ୍ୟୋଗ

## ଓଏନ୍‌ଜିସିଠାରୁ ଏନ୍‌ଏଚ୍‌ପିସି ଯାଏଁ ସାମିଲ

**ନୂଆଦିଲ୍ଲୀ,୨୨।୯ (ଏଜେନ୍ସି):** କେନ୍ଦ୍ର ସରକାର ବିକ୍ରି କରିବେ କେତେକ ସରକାରୀ ଉଦ୍ୟୋଗ। ଏଥିରେ ଶିଳ୍ପ ସଂସ୍ଥାଠାରୁ ଆରମ୍ଭ କରି କେତେକ ନାମୀ ବ୍ୟାଙ୍କର ନାମ ମଧ୍ୟ ରହିଛି। କେନ୍ଦ୍ର ସରକାର ଚଳିତ ବର୍ଷ ଅଧ ଡଜନରୁ ଅଧିକ ସରକାରୀ କମ୍ପାନୀରେ ଥିବା ଅଂଶଧନ ବିକ୍ରି କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। କେନ୍ଦ୍ର ପୁଞ୍ଜି ପ୍ରତ୍ୟାହାର ସଚିବ ଅରୁଣୀଶ ଚାୱଲା ଏହି ସୂଚନା ଦେଇଛନ୍ତି।

ଏହା ଅଧୀନରେ, ଆଇଡିବିଆଇ ବ୍ୟାଙ୍କର ପୁଞ୍ଜି ପ୍ରତ୍ୟାହାର ମଧ୍ୟ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ଶେଷ ହେବା ଆଶା କରାଯାଉଛି। ଚାୱଲା କହିଛନ୍ତି ଯେ ସରକାର ଖୁବ୍ ଶୀଘ୍ର ଅଧିକ ଅଫର ଫର ସେଲ୍ (ଓଏଫ୍‌ଏସ୍) ଏବଂ କିଛି ଆଇପିଓ ମଧ୍ୟ ଆରମ୍ଭ କରିବେ। ପୁଞ୍ଜି ପ୍ରତ୍ୟାହାର କରାଯିବାକୁ ଥିବା କମ୍ପାନୀ ମଧ୍ୟରେ ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି) ଏବଂ ଜାତୀୟ ଜଳ ବିଦ୍ୟୁତ ନିଗମ(ଏନ୍‌ଏଚ୍‌ପିସି) ଭଳି ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛି। ରିପୋର୍ଟ ଅନୁଯାୟୀ ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କରେ ଥିବା ଅଂଶଧନକୁ ମଧ୍ୟ ବିକ୍ରି କରାଯାଇପାରେ। ଏଥିରେ ଲକ୍ଷ୍ୟ ହେଉଛି ସରକାରୀ ରାଜସ୍ୱ ବୃଦ୍ଧି କରିବା ଏବଂ ବଜାରରେ ନିବେଶକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା। ଶ୍ରୀ ଚାୱଲା ଏହା ମଧ୍ୟ କହିଛନ୍ତି ଯେ ପ୍ରାକୃତିକ ସମ୍ପଦ କ୍ଷେତ୍ରର ଏକ ସରକାରୀ କମ୍ପାନୀ କିମ୍ବା ଏହାର ସହାୟକ କମ୍ପାନୀର ଚଳିତ ଆର୍ଥିକବର୍ଷରେ ସରକାର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ଆଣିବା ଯୋଜନାରେ ରହିଛନ୍ତି। ଯଦିବା ସେ କମ୍ପାନୀର ନାମ ପ୍ରକାଶ କରିନାହାଁନ୍ତି, କିନ୍ତୁ ଏହା ବିଶ୍ୱାସ କରାଯାଉଛି ଯେ ଏହା ଓଏନ୍‌ଜିସି କିମ୍ବା ଏନ୍‌ଏଚ୍‌ପିସିର ଏକ ସବୁଜ ଶକ୍ତି କମ୍ପାନୀ ହୋଇପାରେ। ଉଭୟ କମ୍ପାନୀ ସେମାନଙ୍କର ସବୁଜ ଶକ୍ତି ୟୁନିଟ୍ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବାକୁ ଯୋଜନା କରୁଛନ୍ତି।

ଯଦିବା ସରକାର ଚଳିତ ବର୍ଷ ପ୍ରାରମ୍ଭରେ କିଛି ଅଂଶଧନ ବିକ୍ରି କରିଥିଲେ, କିନ୍ତୁ ବଜାର ଅସ୍ଥିରତା ଏଥିରେ ସ୍ୱଳ୍ପକାଳୀନ ବିରାମ ଦେଇଥିଲା। ବର୍ତ୍ତମାନ ବଜାର ସ୍ଥିର ହୋଇଥିବାରୁ, ସରକାର ପୁଣି ପୁଞ୍ଜିଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ। ସରକାର ଖୁବ୍ ଶୀଘ୍ର ଅନେକ ସରକାରୀ କମ୍ପାନୀରେ ଅଂଶଧନ ବିକ୍ରି କରି ପାଣ୍ଠି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସରକାର ବୀମା, ପ୍ରତିରକ୍ଷା ଏବଂ ମହାକାଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସଂଖ୍ୟାଲଘୁ ଅଂଶଧନ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଚାୱଲା କହିଛନ୍ତି ଯେ ଏହି କ୍ଷେତ୍ରଗୁଡ଼ିକରେ ଅଂଶଧନ ବିକ୍ରି ମଧ୍ୟ ଷ୍ଟକ୍ ବଜାର ନିୟମାବଳୀ ଅନୁଯାୟୀ କରାଯିବ। ଲକ୍ଷ୍ୟ ହେଉଛି ନିବେଶକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ଏବଂ ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ବୃଦ୍ଧି କରିବା। ସରକାର ଚଳିତ ବର୍ଷ ତାଙ୍କର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଅତିକ୍ରମ କରିବାକୁ ଆଶା ରଖିଛନ୍ତି। ଚଳିତବର୍ଷ ପାଇଁ ସରକାର ୪୭,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତଥାପି, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଚଳିତବର୍ଷ ୧.୨୦ ଲକ୍ଷ କୋଟିରୁ ଅଧିକ ଲାଭାଂଶ ଲକ୍ଷ୍ୟ ରଖିଛନ୍ତି।




## ୧୦ ବର୍ଷର ତଥ୍ୟ ଆଧାରିତ ସିଏଜି ରିପୋର୍ଟ

# ୨୦୨୨-୨୩ରେ ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି

**ଭୁବନେଶ୍ୱର,୨୨।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ଦେଶବ୍ୟାପୀ ବିଭିନ୍ନ ସମୟରେ ପ୍ରଶଂସା କରାଯାଇଛି। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ରୂପାନ୍ତରିତ କରିବା ପଛରେ ନବୀନଙ୍କ ନେତୃତ୍ୱ ଏବଂ ପ୍ରଭାବୀ ଶାସନ ପ୍ରଣାଳୀ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ନବୀନଙ୍କ ଏହି ଆର୍ଥିକ ସୁପରିଚାଳନା ଉପରେ ମୋହର ମାରିଛନ୍ତି ସିଏଜି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଦେଶରେ ଶ୍ରେଷ୍ଠ ୩ ରାଜସ୍ୱ ବଳକା ରାଜ୍ୟରେ ସାମିଲ ହୋଇଛି ଓଡ଼ିଶା। ୨୦୧୩-୧୪ରୁ ୧୦ ବର୍ଷର ନବୀନ ସରକାରଙ୍କ ଆର୍ଥିକ ପରିଚାଳନାକୁ ଅନୁଶୀଳନ କରି ଏଭଳି ରିପୋର୍ଟ ପ୍ରକାଶ କରିଛନ୍ତି ମହାଲେଖାକାର। ସିଏଜିଙ୍କ ଉପରୋକ୍ତ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଖୁସିବ୍ୟକ୍ତ କରିଛନ୍ତି ନବୀନ।



**ନବୀନଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ସିଏଜିର ମୋହର**

**ଖୁସି ବ୍ୟକ୍ତ ସହ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଲେ ନବୀନ**

ସିଏଜିଙ୍କ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ରାଜ୍ୟର ବଳକା ରାଜସ୍ୱ ୧୯,୪୫୬ କୋଟି ଥିଲା। ଯାହା ସମଗ୍ର ଦେଶରେ ତୃତୀୟ । ୨୦୦୦ ମସିହାରେ ନବୀନ ଓଡ଼ିଶାର ଦାୟିତ୍ୱ ନେବା ସମୟରେ ଓଡ଼ିଶା ଏକ ଅଭାବୀ ତଥା ଆର୍ଥିକ ନିଅଣ୍ଟିଆ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କର୍ମଚାରୀଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଅର୍ଥ ନ ଥିବା ବେଳେ ରାଜ୍ୟର ଆର୍ଥିକ ସ୍ଥିତି ବେଶ୍ ଚିନ୍ତାଜନକ ରହିଥିଲା। ମାତ୍ର ନେତୃତ୍ୱ ନେବାର କିଛିବର୍ଷ ମଧ୍ୟରେ ନବୀନ ଓଡ଼ିଶାର ଅର୍ଥନୀତିକୁ ସବଳ, ସୁସ୍ଥ ଭାବେ ଗଢ଼ି ତୋଳିଥିଲେ। ଫଳସ୍ୱରୂପ ବ୍ୟାପକ ସଂସ୍କାର ଫଳରେ ୨୦୦୬ ମସିହା ପରଠାରୁ ଓଡ଼ିଶା କ୍ରମାଗତ ଭାବେ ନିଜର ଆର୍ଥିକ ବଳକା ସ୍ଥିତି ବଜାୟ ରଖି ଆସୁଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସୁଚିନ୍ତିତ ଯୋଜନା, ଆର୍ଥିକ ସୁପରିଚାଳନା ଓ ୫-ଟି ▶ପୃଷ୍ଠା-୭

## ଆସୁଛି ବଡ଼ ବର୍ଷା

# ଫିଙ୍କାପଡ଼ିବ ପାର୍ବଣ

**ଭୁବନେଶ୍ୱର,୨୨।୯ (ସମିସ):** ପଛକୁ ପଛ ଦୁଇଟି ଲଘୁଚାପ ପାର୍ବଣ ମାହୋଲକୁ ଫିକା ପକାଇଛି। ସୋମବାର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ତା' ପଛକୁ ଆଉ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି। ଏହା ଆସନ୍ତା ୨୫ ତାରିଖରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।


ସୋମବାର ସକାଳେ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା କୋରାପୁଟରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ ଓ ସମ୍ବଲପୁରରେ ୩୯ ମିମି ଲେଖାଏଁ ▶ପୃଷ୍ଠା-୭

## ବିଧାନସଭାରେ ଗର୍ଜିଲା ବିଜେଡି

# ଧୋଇଗଲା ପ୍ରଥମାର୍ଦ୍ଧ, ଚାଲିଲା ୭ ମିନିଟ୍

## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ଚଳିବ ନାହିଁ ନାରାରେ କମ୍ପିଲା ଗୃହ

**ଭୁବନେଶ୍ୱର, ୨୨।୯ (ସମିସ):** ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଥିବା ଅଭିଯୋଗ କରି ସୋମବାର ପ୍ରଥମାର୍ଦ୍ଧ ଅଚଳ କରିଛି ମୁଖ୍ୟ ବିରୋଧୀ ଦଳ ବିଜେଡି। ପଞ୍ଚାୟତିରାଜ ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ବାବୁରାଜକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ବିଜେଡି ବିଧାୟକମାନେ ଗୃହରେ ପ୍ରବଳ ନାରାବାଜି କରିଥିଲେ। ଫଳରେ ମାତ୍ର ୭ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।



ଗୃହ ବାହାରେ ବିଜେଡିର ପ୍ରତିକ୍ରିୟା, ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି ସରକାର

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ହାତରେ ପ୍ଲାକାର୍ଡ, ପୋଷ୍ଟର ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜି କରିଥିଲେ ବିଜେଡି ବିଧାୟକ। ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ଚଳିବ ନାହିଁ, ଡବଲ ଇଞ୍ଜିନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ, ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଏହି ସମୟରେ ସନାତନ ବିଜୁଳିଙ୍କର ଏକ ତାରକା ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖୁଥିବା ବେଳେ ବିଜେଡି ସଦସ୍ୟଙ୍କ ନାରାବାଜି ଯୋଗୁଁ ଏହା ▶ପୃଷ୍ଠା-୭

# କଂଗ୍ରେସର ଅନାସ୍ଥା ନୋଟିସ ଅଗ୍ରାହ୍ୟ

## ଗୃହତ୍ୟାଗ କରି ଗାନ୍ଧିମୂର୍ତ୍ତି ତଳେ କଂଗ୍ରେସ ସଦସ୍ୟଙ୍କ ଧାରଣା



**ଭୁବନେଶ୍ୱର, ୨୨।୯ (ସମିସ):** ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ସୋମବାର ଅପରାହ୍ଣରେ ଏ ସଂକ୍ରାନ୍ତରେ ରୁଲିଂ ଦେଇ ବାଚସ୍ପତି କହିଛନ୍ତି ଯେ ଅନାସ୍ଥା ନୋଟିସ୍ ହସ୍ତଗତ ହେବାର ପରଦିନ ଏହାକୁ ଗୃହକୁ ଆଣିବାକୁ ▶ପୃଷ୍ଠା-୭

**ବାଚସ୍ପତିଙ୍କ ଜରିଆରେ ଶାସକ ଦଳ ଗଣତନ୍ତ୍ରକୁ ହତ୍ୟା କରିଛି**

## ବିପଦରେ ବଣ୍ଡାଘାଟି ରାସ୍ତା

# ରାଜପଥ ତଳୁ ଧସିଲା ମାଟି



**ଖଇରପୁଟ, ୨୨।୯ (ସମିସ):** ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅଞ୍ଚଳକୁ ଯାତାୟାତ କରିବା ବିପଦମୟ ହୋଇପଡ଼ିଛି। ଜିଲ୍ଲାର ଖଇରପୁଟ ବ୍ଲକ ସଦର ମହକୁମାରୁ ବଣ୍ଡାଘାଟିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମାଙ୍କଡ଼ଝୋଲା ନିକଟରେ ରାସ୍ତା ତଳୁ ମାଟି ଖସିବା ଫଳରେ ଯାତାୟତ ବିପଦପୂର୍ଣ୍ଣ ହୋଇ ପଡିଛି। ଗତ କିଛି ଦିନ ଧରି ଅବିରତ ପ୍ରବଳ ବର୍ଷା ପାଇଁ ପାହାଡ଼ରୁ ଆସୁଥିବା ▶ପୃଷ୍ଠା-୭

# ପୁଣି ଭାସିଗଲା କଳିଙ୍ଗା ଘାଟି ରାସ୍ତା

**ଜି.ଉଦୟଗିରି, ୨୨।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ମଙ୍ଗଳବାର ହୋଇଥିବା ଭୂ-ସ୍ଖଳନ ସ୍ଥାନ ଆଜି ପୁଣି ଧୋଇଯାଇଛି। ପ୍ରବଳ ବର୍ଷା ଯୋଗୁଁ ଆଜି ଘାଟିରେ ବଡ଼ବଡ଼ ପଥର ପାହାଡ଼ରୁ ଖସିବା ସହ ମାଟି ଅତଡ଼ା ଧସିଥିଲା। ପାହାଡ଼ ଉପରୁ ପାଣି ସ୍ରୋତ ଅତି ଜୋର୍‌ରେ ଆସିବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଭୟରେ ଦୌଡ଼ି ପଳାଇଥିଲେ। ରାସ୍ତାକାମ ପାଇଁ ବ୍ୟବହାର ହେବାକୁ ଥିବା ବାଲି, ଗୋଡ଼ି, ମାଟି ସବୁ ଧୋଇ ହୋଇଯାଇଥିଲା। ରାସ୍ତା କାମରେ ପ୍ରତିଦିନ ବର୍ଷା ପ୍ରତିବନ୍ଧକ ସାଜୁଥିବା ବେଳେ ଆଗକୁ ଲଘୁଚାପ ଥିବାରୁ ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢ଼ିଛି।

ଭୂ-ସ୍ଖଳନକୁ ୭ ଦିନ ବିତିଥିଲେ ମଧ୍ୟ ଯାତାୟାତ ସ୍ୱାଭାବିକ ହୋଇପାରି ନାହିଁ। ଏଭଳି ସ୍ଥିତିରେ ଅସ୍ଥାୟୀ ରାସ୍ତା ବାହାର କରିବାକୁ ଆପ୍ରାଣ ଉଦ୍ୟମ ଜାରି ରହିଥିଲା।

ଅନ୍ୟପଟେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଶତାଧିକ ବସ୍ ଅନ୍ୟ ରାସ୍ତାରେ ଯାତାୟାତ କରୁଥିବାରୁ ହୋଟେଲ ▶ପୃଷ୍ଠା-୭

**ପ୍ରବଳ ବର୍ଷାରେ ପାହାଡ଼ରୁ ଖସିଲା ବଡ଼ବଡ଼ ପଥର**

**ଭାସିଗଲା ମରାମତିରେ ଲାଗିଥିବା ବାଲି, ଗୋଡ଼ି ପଥର**



# ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ !

**କଟକ/ଚୌଦ୍ୱାର, ୨୨।୯ (ସମିସ):** କଟକ କମିସନରେଟ୍ ପୁଲିସ ବ୍ୟବସ୍ଥାରେ ପୁଣି ଏକ ହାଜତ ମୃତ୍ୟୁ ଅଭିଯୋଗ ହୋଇଛି। ଚୌଦ୍ୱାର ଥାନାରେ ଜଣେ ଅଭିଯୁକ୍ତର ହାଜତ ମୃତ୍ୟୁ ଘଟଣାକୁ ନେଇ ପୁଲିସର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ବାଡ଼େଇ ବାଡ଼େଇ ମାରି ଦେଇଥିବା ପରିବାରବର୍ଗଙ୍କ ପକ୍ଷରୁ ଅଭିଯୋଗ ଉଠିଛି। ଅନ୍ୟପଟେ ପୁଲିସର ଖାମଖିଆଲି ବ୍ୟବସ୍ଥାର ସୁଯୋଗ ନେଇ ଅଭିଯୁକ୍ତ ଆତ୍ମହତ୍ୟା କରିଥିବା ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ଶଙ୍କରପୁର ଅଞ୍ଚଳର ରସାନନ୍ଦ ନାୟକ (୩୯)ଙ୍କୁ ଚୌଦ୍ୱାର ପୁଲିସ ବାଇକ ଚୋରି ଅଭିଯୋଗରେ ଗିରଫ କରିଥିଲା। ତେବେ ଥାନାର ନବୀକରଣ କାର୍ଯ୍ୟ ଚାଲୁଥିବା ଯୋଗୁଁ ଅଭିଯୁକ୍ତ ▶ପୃଷ୍ଠା-୭

**ପୁଲିସ ମାଡ଼ରେ ଅତିଷ୍ଠ ହୋଇ ଜୀବନ ହାରିଲେ ଅଭିଯୁକ୍ତ**

**ବେକରେ ବେଲ୍ଟ ବାନ୍ଧି ଝୁଲିପଡ଼ିଲେ, ଏସ୍‌ସିବିରେ ମୃତ୍ୟୁ**

## ନିଟ୍ ପରୀକ୍ଷାରେ ସିକ୍ୟୁରିଟି ଗାର୍ଡ ପୁଅଙ୍କ ସଫଳତା

ବାଲିଆପାଳ, ୨୨।୯ (ସମିସ): ନିଟ୍ ପରୀକ୍ଷାରେ ବସ୍ତା ବ୍ଲକ୍ ନାବାରା ପଞ୍ଚାୟତ ଅନ୍ତର୍ଗତ ସିତାଡିହା ଗାଁର ଜ୍ୟୋତି ପ୍ରକାଶ ସଫଳତା ଅର୍ଜନ କରିଛନ୍ତି। ସେ ୨୬୪୪୦ ରାଙ୍କରେ ଥିବା ବେଳେ କାଉନସେଲିଂ ପରେ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜରେ ପଢିବା ପାଇଁ ମନୋନୀତ ହୋଇଛନ୍ତି। ପିତା କ୍ଷୀରୋଦ ସାହୁ ଓ ମାତା ରୀତାଞ୍ଜଳି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଜ୍ୟୋତି ପ୍ରକାଶ। ତାପୁଣ୍ଡିଆସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟରୁ ୨୦୨୨ରେ ୫୬୭ ନମ୍ବର ଏବଂ ୨୦୨୪ରେ +୨ରେ ୫୩୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ବାପା ବାଲିଆପାଳରେ ଏକ ଘରୋଇ କମ୍ପାନୀରେ



ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ମା' ଜଣେ ଗୃହିଣୀ। ପୁଅର ଡାକ୍ତରୀ ପଢ଼ିବାର ମନୋବୃତ୍ତି ଦେଖି ବାପା ବହୁତ ଗରୀବ ହୋଇଥିଲେ ମଧ୍ୟ ୬ ମାସ ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରରେ ନାମ ଲେଖାଇଥିଲେ। କୋଚିଙ୍ଗ ନେବାର ପ୍ରଥମ ଥର ପରୀକ୍ଷାରେ ପାସ୍ କରିଥିବାରୁ ଜ୍ୟୋତି ପ୍ରକାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି। ଏହି ସଫଳତା ପାଇଁ କଠିନ ପରିଶ୍ରମ, ଗୁରୁଜନ, ବାପା, ମାଆ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପିଲା ଦିନରୁ ପାଠପଢାଉ ଥିବା ଶିକ୍ଷକ ଖଗେନ୍ଦ୍ର ପାଳ ଓ ହାଇସ୍କୁଲର ପରମାନନ୍ଦ ଦେଙ୍କୁ ଶ୍ରେୟ ଦେଇଛନ୍ତି ଜ୍ୟୋତି ପ୍ରକାଶ।

## ବନ୍ୟା ଯୋଗୁଁ ଚାଷ ଜମି ପଡ଼ିଆ



କାଳିପଦା, ୨୨।୯ (ସମିସ); ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ନଦୀ ତଟ ଚାଷ ଜମି ଧୋଇ ଯାଇଛି। ଫଳରେ ଅଧିକାଂଶ ଚାଷ ଜମି ଏବେ ପଡିଆ ପଡିଛି। କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପଞ୍ଚାୟତର କେବଳ ଡିପ ଜମିକୁ ଛାଡି ଦେଲେ ପ୍ରାୟେ ଗହୀର ଜମିରେ ଚାଷ ନାହିଁ। ଶେଷ ଥରକୁ ମିଶାଇ ସୁବର୍ଣ୍ଣ ରେଖାରେ ଷଷ୍ଠ ଥର ବନ୍ୟା ଆସି ସାରିଛି। ଦୀର୍ଘ ଦିନ ଧରି ରୁଆ ଧାନ ଚାଷ ପାଣିରେ ବୁଡି ରହିବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହା ଯାଇଛି। ଏବେ ଚାଷୀଙ୍କ ପାଖରେ ଧାନ ତଳି ନାହିଁ କି ସମୟ ମଧ୍ୟ ନାହିଁ। ଉଜୁଡି ଯାଇଥିବା ଜମିର ଚାଷୀଙ୍କୁ ସରକାର ସହାୟତା ଦିଅନ୍ତୁ ବୋଲି ଗଗନ ବେହେରା, ନିଶିକାନ୍ତ ମାହାନା, ଜନାର୍ଦ୍ଦନ ପତି, ଖଗେଶ୍ୱର ପାତ୍ର, ନଳିନୀ କାନ୍ତ ଜେନା, ହିମାଂଶୁ କୁମାର ବାରିକ, ଶୁଭ୍ରାଂଶୁ କୁମାର ଜେନା ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

## ପୂଜାକାଳୀନ ସ୍ୱତନ୍ତ୍ର ସେବା ଶିବିର




କାଳିପଦା, ୨୨।୯ (ସମିସ): ବାଲିଆପାଳ ବ୍ଲକ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପୂଜା କାଳୀନ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରକୁ ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ଉଦ୍‌ଘାଟନ କରି ସେବା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ପ୍ରାକ କଥନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତିହାସ ଅଧ୍ୟାପକ ରାଜେନ୍ଦ୍ର ବାରିକ ସ୍ୱେଚ୍ଛାସେବୀମାନଙ୍କର କାର୍ଯ୍ୟଧାରା ଓ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ସାତଦିନିଆ ଏହି ଶିବିର ସ୍ୱେଚ୍ଛାସେବୀ ଏଚଆଇଭି ଏଡ଼ସ, କୋଭିଡ ନିରାକରଣ, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ, ଟୀକା କରଣ, ସ୍ୱଳ୍ପ ସଞ୍ଚୟ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବେ। ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ଅଧ୍ୟାପକ ଉତ୍ତମ ମାହାନା, ଅପର୍ଣ୍ଣା ମାଝୀ, ସୁକାନ୍ତ କୁମାର ଜେନା, ସନ୍ୟାସୀ ବେହେରା, ଅରୁଣ ମାଣିକ, ବିଶ୍ୱମ୍ବର ରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟେଲର ଦୋକାନୀଙ୍କ ମୃତ୍ୟୁ

ଜଳେଶ୍ୱର,୨୨।୯ (ସମିସ) : ବାଘମାରି ଗ୍ରାମର ବାବାଜି ଜେନାଙ୍କର ସାନ ପୁଅ ଖଗେନ୍ଦ୍ର ଜେନା (୩୮)ଙ୍କ ଉଚ୍ଚ ରକ୍ତଚାପ ଜନିତ ମୃତ୍ୟୁ ହୋଇଛି। ସେ ବାଘମାରି ଛକ ନିକଟରେ ଗୋଟିଏ ଟେଲର ଦୋକାନ କରି ନିଜ ପରିବାରର ପ୍ରତିପୋଷଣ କରୁଥିଲେ। ଖଗେନ୍ଦ୍ରଙ୍କ ୨ଟି ଝିଅ ଥିବା ବେଳେ ସ୍ତ୍ରୀ ୫ ମାସର ଗର୍ଭବତୀ ଅଛନ୍ତି। ୧୦ ଦିନ ଆଗରୁ ହଠାତ୍ ସନ୍ଧ୍ୟା ସମୟରେ ଖଗେନ୍ଦ୍ର ଶୋଇ ଉଠିବା ପରେ ମୁଣ୍ଡ ବୁଲାଇ ବାନ୍ତି ହେଲା ଆଉ ତାଙ୍କୁ ସଙ୍ଗେ ସଙ୍ଗେ ଜଳେଶ୍ୱର ହସ୍ପିଟାଲ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ହସ୍ପିଟାଲ୍ ନିଆ ଯାଇଥିଲା। ଅଧିକ ଗୁରୁତ୍ୱର ହେବାରୁ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୁଣି ସେଠାରୁ ଭୁବନେଶ୍ୱରସ୍ଥିତ ଏକ ହସପିଟାଲରେ ଭର୍ତ୍ତି କରା ଯାଇଥିଲା। ଗୁରୁବାର ଦିନ ହସ୍ପିଟାଲ୍‌ରୁ ତାଙ୍କୁ ଘରକୁ ଆଣିଥିଲେ ପରିବାର ଲୋକେ। ଆଜି ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି।

# ଡଗରା ବେଳାଭୂମିରେ ସାମୁଦ୍ରିକ ଥାନା ପ୍ରତିଷ୍ଠା କେବେ

ବାଲିଆପାଳ, ୨୨।୯ (ସମିସ)






- ଝାଉଁ ଜଙ୍ଗଲ ସଫା କରିଦେଇଛନ୍ତି କାଠ ମାଫିଆ
- ବନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବାଲିଆପାଳ ବ୍ଲକର ମନରୋମ ଡଗରା ବେଳାଭୂମି। ଏହାର ସୌନ୍ଦର୍ଯ୍ୟ, ବିସ୍ତୀର୍ଣ୍ଣ ବେଳାଭୂମି, ନାଲି କଙ୍କଡାର ଲୁଚକାଳି ଖେଳ ସାଙ୍ଗକୁ ଶାନ୍ତ ସୁଶୀତଳ ବିସ୍ତୀର୍ଣ୍ଣ ଝାଉଁଜଙ୍ଗଲର ବଣଭୋଜିର ମଜାନେବା ପାଇଁ ପ୍ରତିଦିନ ବାଲିଆପାଳ ବ୍ଲକ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଛୁଟିଆସିଥାନ୍ତି। ସାଙ୍ଗସାଥୀ ପରିବାର ତଥା ଆତ୍ମୀୟସ୍ୱଜନଙ୍କ ଗହଣରେ ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରି ମତୁଆଲା ହୁଅନ୍ତି ପର୍ଯ୍ୟଟକ। ନଭେମ୍ବର ମାସଠାରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଏହି ବେଳାଭୂମିରେ ହଜାର ହଜାର ପର୍ଯ୍ୟଟକ ଭିଡ ଜମୁଥିବା ବେଳେ ବର୍ଷର ଅନ୍ୟ ସମୟରେ ମଧ୍ୟ ପର୍ଯ୍ୟଟକଙ୍କ ଗହଳି ଲାଗିଥାଏ। ସରକାରଙ୍କ ପକ୍ଷରୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଥିଲେ ମଧ୍ୟ ଏହାର ଆଖିଦୃଶିଆ ଉନ୍ନତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିବାରୁ ସନ୍ଧ୍ୟା ପୂର୍ବରୁ ପର୍ଯ୍ୟଟକମାନଙ୍କୁ ଫେରିବାକୁ ପଡୁଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବେଳାଭୂମି ଠାରୁ ଅନୀତଦୂରରେ ଚଉମୁଖଠାରେ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାରୁ ଏହି ବେଳାଭୂମିରେ ଗୁରୁତ୍ୱ ଆହୁରି ବଢିଯାଇଛି। ତେବେ ଏହି ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ପତି କୌଣସି ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକ ଏଠାକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି ବେଳାଭୂମିଟି ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ଫାଣ୍ଡି ଅଧିନରେ ରହିଛି। ବାଲିଆପାଳ ଥାନାଠାରୁ ଏହି ବେଳାଭୂମିର ଦୂରତା ୧୫ କିଲୋମିଟର ହୋଇଥିବା ବେଳେ ଜାମକୁଣ୍ଡା ଫାଣ୍ଡିଠାରୁ ୯ କିଲୋମିଟର ଦୂର। ଏହି ବେଳାଭୂମି କଙ୍କଡାପାଳ ମୁହାଣଠାରୁ ହଂସକରା ପର୍ଯ୍ୟନ୍ତ ୧୫ କିଲୋମିଟର ବ୍ୟାପ୍ତ। ବେଳାଭୂମିକୁ ଲାଗି ଡଗରା, ଚଉମୁଖ, ବେତଗଡିଆ, ନୂଆଗାଁ, ଜମ୍ବିରାଇ, ଅଳଡିହା ପ୍ରଭୃତି ପଞ୍ଚାୟତ ରହିଛି। ଥାନା ଓ ଫାଣ୍ଡିଠାରୁ ଏହି ସବୁ ଅଞ୍ଚଳ ଅନେକ ଦୂର ହୋଇଯାଇଥିବାରୁ ଏହାର ସୁଯୋଗ ନେଇ ବହୁ ବେଆଇନ ଦେଶୀ ଓ ବିଦେଶୀ ମଦଭାଟି, ଜୁଆଆଡ୍ଡା ସାଙ୍ଗକୁ ଆସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ବେଳାଭୂମି ପରିସରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ନିଶାସକ୍ତ ଯୁବକ ଆଡ୍ଡା ଜମାଇବା ସହ ଅନେକ ସମୟରେ ଛୋଟ ବଡ ଗଣ୍ଡଗୋଳ ତଥା ମହିଳାଙ୍କ ପ୍ରତି ଅସଦାଚରଣ କରୁଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଆସୁଛି। ଡଗରା ବେଳାଭୂମିରେ ଏକ ଫରେଷ୍ଟ ବିଟ୍ ଥିଲେ ମଧ୍ୟ କର୍ମଚାରୀ ଅଭାବରୁ ବନବିଭାଗ କର୍ମଚାରୀମାନେ ବେଳାଭୂମିର ସୁରକ୍ଷା ଦେବାର ବିଫଳ ହେଉଛନ୍ତି। କାଠମାଫିଆ ମାନେ ଝାଉଁଜଙ୍ଗଲ ସଫା କରିନେଉଛନ୍ତି। ପ୍ରତିବର୍ଷ ଏହି ଡଗରା ଓ ଚଉମୁଖ ବେଳାଭୂମିରେ ହଜାର ହଜାର ଅଲିଭି ରିଡଲେ କଇଁଛ ଅଣ୍ଡା ଦେବା ପାଇଁ ଆସିଥାନ୍ତି। ଚଳିତ ବର୍ଷ ପାଖା ପାଖି ୪୦ହଜାର କଇଁଛ ଶାବକକୁ ସମୁଦ୍ରରେ ଛଡାଯାଇଛି। ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏହି କଇଁଛମାନେ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ଜଳପଥରେ ବାହ୍ୟଶତ୍ରୁ ମଧ୍ୟ ଏହି ଅଂଚଳରେ ପ୍ରବେଶ କରିବାର ସମ୍ଭାବନା ରହିଛି। ପ୍ରସ୍ତାବିତ୍ ସୁବର୍ଣ୍ଣରେଖା ବନ୍ଦର ପାଇଁ ଏହି ଅଂଚଳରେ ସବୁବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଛି। ଏହି ସମସ୍ତ ଦୃଷ୍ଟି କୋଣରୁ ଡଗରାଠାରେ ଏକ ସାମୁଦ୍ରିକ ଥାନା ପ୍ରତିଷ୍ଠା ପାଇଁ ଏବେ ଦାବି ଜୋର ଧରିଛି। ବାଲିଆପାଳ ସୂଚନା ଅଧିକାର ସଂଘ ପକ୍ଷରୁ ଏ ନେଇ ବାଲିଆପାଳ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଯାଇଛି। ସରକାର ଏହି ବେଳାଭୂମିରେ ଏକ ସାମୁଦ୍ରିକ ଥାନା ପାଇଁ କେବେ ଦୃଷ୍ଟି ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର। ବାଲିଆପାଳ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ବାଲିଆପାଳ ଓ ଜାମକୁଣ୍ଡା ଫାଣ୍ଡି ୨୮ଟି ପଂଚାୟତକୁ ସୁରକ୍ଷା ଦେବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଚଉମୁଖ, ଡଗରା, ଯମୁନାଶୂଳ ଓ ଚାନ୍ଦମଣୀ ବିସ୍ତୀର୍ଣ୍ଣ ବେଳାଭୂମିକୁ ପର୍ଯ୍ୟଟନ କ୍ଷେତ୍ର ନେଇ ବାଲିଆପାଳବାସୀ ଯେଉଁ ସ୍ୱପ୍ନ ଦେଖୁଛନ୍ତି ଏହାର ପର୍ଯ୍ୟଟକ ସୁରକ୍ଷା ପାଇଁ ସାମୁଦ୍ରିକ ଥାନା ନିହାତି ଜରୁରୀ। ଏଥିପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଂଚ ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଅଛି। ତତକାଳୀନ ଏସପି ସାଗରିକା ନାଥଙ୍କ ସମୟରେ ଏଠାରେ ସାମୁଦ୍ରିକ ଥାନା ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ କେଉଁ କାରଣ ପାଇଁ ଏହା ଶୀତଳଭଣ୍ଡାରକୁ ଚାଲିଯାଇଛି ? ଥାନାରେ କର୍ମଚାରୀ ଅଭାବରୁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଛି। ଡଗରାରେ ଏକ ସାମୁଦ୍ରିକ ଥାନା ପ୍ରତିଷ୍ଠା ନିତ୍ୟାନ୍ତ ଜରୁରୀ।

## ପାର୍ବଣରେ ବୈଦ୍ୟୁତିକ ସତର୍କତାକୁ ଟିପିଏନ୍‌ଓଡିଏଲର ଗୁରୁତ୍ୱ

ବାଲେଶ୍ୱର,୨୨।୯ (ସମିସ): ସୁରକ୍ଷାକୁ ସର୍ବଦା ଅଗ୍ରାଧିକାର ଦେଉଥିବା ଟିପିନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପାର୍ବଣଋତୁ ଅବସରରେ ବିଦ୍ୟୁତ ସମ୍ପର୍କିତ ସତର୍କତାକୁ ବିଶେଷ ଧ୍ୟାନ ଦେବା ପାଇଁ ସମସ୍ତ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ପରାମର୍ଶ ଦେଇଛି। ପବିତ୍ର ଦୁର୍ଗାପୂଜା ଓ କାଳୀ ପୂଜା ଅବସରରେ ନିର୍ମାଣ କରାଯାଉଥିବା ମଣ୍ଡପ ତଥା ଅସ୍ଥାୟୀ ଟେଣ୍ଟଗୁଡ଼ିକୁ ବିଦ୍ୟୁତ ଖୁଣ୍ଟ, ତାର ଅବା ଟ୍ରାନ୍ସଫର୍ମରଗୁଡିକଠାରୁ ସୁରକ୍ଷିତ ଦୂରତାରେ ନିର୍ମାଣ ଏବଂ ଉପରେ ଝୁଲୁଥିବା ବିଦ୍ୟୁତ ତାର ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଅବଗତ କରାଯାଇଛି। ସାଜସଜ୍ଜା ସମୟରେ କୌଣସି ବିଦ୍ୟୁତ ତାର ଅବା ଉପକରଣଗୁଡ଼ିକଠାରୁ ଦୂରତା ପ୍ରତି ଧ୍ୟାନ ଦେବା ତଥା ପୂଜା ପେଣ୍ଡାଲରେ ବିଦ୍ୟୁତ ସଂଯୋଗ କରିବା ପାଇଁ ନିକଟସ୍ଥ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରିବାକୁ ଟିପିଏନଓଡିଏଲ ପକ୍ଷରୁ ମଧ୍ୟ ପରାମର୍ଶ ଦିଆଯାଇଛି। ସେହିପରି ଭସାଣ ଓ କାଳୀ ପୂଜା ଅବସରରେ ବାଣ ଫୁଟାଇବା ସମୟରେ ବିଦ୍ୟୁତ ଖୁଣ୍ଟ ଅବା ତାରଗୁଡିକ ଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ ଏବଂ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକ ନିକଟରେ ଆଦୌ ବାଣ ନ ଫୁଟାଇବାକୁ କୁହାଯାଇଛି। ଘର ସାଜସଜ୍ଜାରେ ଛିଣ୍ଡା କିମ୍ବା ପୁରୁଣା ତାରକୁ ବ୍ୟବହାର ନ କରିବାକୁ ଦର୍ଶାଯାଇଥିବା ବେଳେ ପାର୍ବଣଋତୁରେ ପର୍ବଗୁଡ଼ିକୁ ହର୍ଷଉଲ୍ଲାସର ସହ ପାଳନ ସହିତ ସତର୍କତା ପ୍ରତି ସର୍ବଦା ଯତ୍ନବାନ ହେବାକୁ ଟିପିଏନଓଡିଏଲ ପକ୍ଷରୁ ସମସ୍ତ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ପରାମର୍ଶ ଦିଆଯାଇଛି।

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ମାନସିକ ସ୍ୱାସ୍ଥ୍ୟ ସଚେତନତା ଆଲୋଚନାଚକ୍ର




ଜଳେଶ୍ୱର, ୨୨।୯ (ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ "ମାନସିକ ସ୍ୱାସ୍ଥ୍ୟ ସଚେତନତା ଓ ଏହାର ଗୁରୁତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଉଦ୍‌ଘାଟନ କରିଥିବା ବେଳେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁସ୍ଥ ଜୀବନ ପାଇଁ ସୁସ୍ଥ ମନ ଲୋଡା ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ପ୍ରତ୍ୟେକ ମଣିଷ ମାନସିକ ସ୍ତରରେ ସୁସ୍ଥ ରହିଲେ ତାର ଜୀବନର ମୂଲ୍ୟବୋଧ ବୃଦ୍ଧି ଘଟିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ସୁସ୍ମିତା ପାତ୍ର, ସାଇସ୍ମିତା ଗିରି, ବର୍ଷା ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ଅଧ୍ୟାପକ ବନବିହାରୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର; ୨୦ ୟୁନିଟ୍ ସଂଗ୍ରହ

ବାଲିଆପାଳ, ୨୨।୯ (ସମିସ): ବାଲିଆପାଳ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୋମବାର ରକ୍ତ ଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ହସ୍ପିଟାଲ ଇନର୍ଚାରଜ ପ୍ରୀତମ ସାହୁ, ଲମ୍ବୋଦର ମାହାନା, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା, ଜିଲ୍ଲା ଯକ୍ଷ୍ମା ସଂଯୋଜକ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ହସ୍ପିଟାଲ୍ ସୁପରଭାଇଜର ରମାନାଥ କର, ବ୍ଲକ ପ୍ରୋଗ୍ରାମ ଅଫିସର୍ ବିଶ୍ୱଜିତ ଦାସ, ଫାର୍ମାସିଷ୍ଟ ସରୋଜ ଦାସ, ପିଏଚଇଓ ଝୁନିବାଳା ଦେ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତ ଦାନ ଶିବିର ଆୟୋଜନ କରାଯାଇ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ବୁଧବାର ଓ ଗୁରୁବାର ଦିନ ଗର୍ଭବତୀ ମହିଳା ମାନଙ୍କର ଅଲଟ୍ରାସାଉଣ୍ଡ କରାଯିବ ବୋଲି ସୂଚନା ମିଳିଛି।

## ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଳେଶ୍ୱର ବ୍ଲକ, ୨୨।୯ (ସମିସ): ଗତ ଶୁକ୍ରବାର ଜଳେଶ୍ୱର ବ୍ଲକ୍ ପରିସରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘେରାଉ କରିବା ଘଟଣା ଏବେ ନୂଆ ମୋଡ଼ ନେଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଲିମା ରାଉତ ଏ ନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜଳେଶ୍ୱର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୋଗ ଅନୁଯାୟୀ ୧୯ ତାରିଖ ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଅଧିକାରୀ ତାଙ୍କ ଅଫିସରେ କାମ କରୁଥିବା ବେଳେ ଜଳେଶ୍ୱର ବିଜେପି ଦଳର କର୍ମକର୍ତ୍ତା ମାନଙ୍କ ମଧ୍ୟରେ ବିଜେପି ନାରୀନେତ୍ରୀ ସୁମତୀ ଦେ, କାଳିଚରଣ ଦାସ, ରବୀନ୍ଦ୍ର ପ୍ରଧାନ, ଚନ୍ଦ୍ରକାନ୍ତ ଗିରି, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ ମହାନ୍ତି, ସମ୍ପଉଆ ସରପଞ୍ଚ ସୁଶାନ୍ତ ପ୍ରଧାନ, ସଞ୍ଜୀବ ସେନାପତି, ସଞ୍ଜୀବ ଜେନାଙ୍କ ସମେତ ଅନ୍ୟମାନେ ସେଠାକୁ ଆସିଥିଲେ। ରବୀନ୍ଦ୍ର ପ୍ରଧାନ ଓ ଚନ୍ଦ୍ରକାନ୍ତ ଗିରି ପାଟିତୁଣ୍ଡ କରିବା ସହ ଗାଳିଗୁଲଜ କରିଥିଲେ। ଅନୁରୂପ ଭାବେ କାଳିଚରଣ ଦାସ ଓ ରତ୍ନାକର ଗିରି ମଧ୍ୟ ଗାଳିଗୁଲଜ କରି ଦୁର୍ବ୍ୟବହାର ପ୍ରଦର୍ଶନ ସହ ତାଙ୍କୁ ଜଳେଶ୍ୱରରୁ ବଦଳି କରିଦେବାର ଧମକ ଦେଇଥିଲେ। ଏହି ଘଟଣା ପରେ ଅଧିକାରୀଙ୍କ ମର୍ଯ୍ୟାଦା ହାନି ହେବା ସହ ଜୀବନ ପ୍ରତି ବିପଦ ରହିଛି ବୋଲି ଶ୍ରୀମତୀ ରାଉତ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଦୁର୍ବ୍ୟବହାର ଘଟଣାକୁ ଖଣ୍ଡନ କରିଛନ୍ତି ବିଜେପି କର୍ମକର୍ତ୍ତା।

## ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର




ବାଲେଶ୍ୱର,୨୨।୯ (ସମିସ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୁଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଭୋଗରାଇ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନେଇ ଦୁଇଦିନିଆ ଚତୁର୍ଥ ପର୍ଯ୍ୟାୟ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପ ଜିଲ୍ଲାପାଳ ଶିବ ମାଲଭ୍ୟ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିବର୍ଷ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି। ବାଲେଶ୍ୱର ଜିଲ୍ଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ସଫଳତାର ସାମ୍ନା ମଧ୍ୟ କରୁଛି। ତେଣୁ ସମନ୍ୱୟ ରକ୍ଷା କାର୍ଯ୍ୟ କଲେ ନିଶ୍ଚିତ ଭାବେ ବିପର୍ଯ୍ୟୟ ମୁକାବିଲା ସଫଳ ହେବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ କହିଥିଲେ। ଏହି ପ୍ରଶିକ୍ଷଣରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପିଇଓମାନଙ୍କୁ ବିଭିନ୍ନ ପ୍ରକାର ବିପଦ ସମୟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସତର୍କତା, ପ୍ରାୟୋଗିକ ପଦକ୍ଷେପ ଓ ସରକାରୀ ସମନ୍ୱୟ ପ୍ରକ୍ରିୟା ବିଷୟରେ ପରାମର୍ଶ ଦେଇଥିଲେ। ପିଇଓମାନେ ବିପଦ ସମୟରେ ଜନସାଧାରଣଙ୍କୁ ସୁରକ୍ଷାରେ ରଖିବା, ସମୟୋଚିତ ସହାୟତା ପହଞ୍ଚାଇବା ଓ ସରକାରୀ ସମନ୍ୱୟକାରୀ ଭାବେ କାର୍ଯ୍ୟ କରିବା ବିଷୟରେ ଜ୍ଞାନ ଲାଭ କରୁଛନ୍ତି ବୋଲି ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ଆନନ୍ଦ କୁମାର ବେହେରା, ପ୍ରଦୀପ କୁମାର ଜେନା, ଅଞ୍ଜନ କୁମାର ଚାନ୍ଦ ଓ ବିମଳେନ୍ଦୁ ଗିରି ପ୍ରଶିକ୍ଷଣ ଦେଇଥିଲେ। ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାସନ ଦୋକାନରୁ ଚୋରି

ନୀଳଗିରି, ୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ କ୍ରମାଗତଭାବେ ଚୋରି ସଂଖ୍ୟା ବଢ଼ିବାରେ ଲାଗିଛି। ଏହି କ୍ରମରେ ଗତ ୧୭ ବୁଧବାର ରାତ୍ରୀ ସମୟରେ ମାଲିକ ଉଦୟ କୁମାର ମହାନ୍ତିଙ୍କ ଦୋକାନରୁ ଚୋରି ହୋଇଛି। ସକାଳ ହେବାରୁ ଚୋରି ହୋଇଥିବା ପାଖ ଦୋକାନୀ ଖବର ଦେଇଥିଲେ। ଦୋକାନ ମାଲିକ ଶ୍ରୀ ମହାନ୍ତି ଦୋକାନରେ ପହଂଚି ଦେଖନ୍ତି ତୋ କଂସା ପିତଳ ଏବଂ ମୂଲ୍ୟବାନ ଜିନିଷ ସବୁ ଚୋରି ହୋଇଛି। ଏହାର ଆନୁମାନିକ ଚାରିଲକ୍ଷ ଟଙ୍କାରୁ ଉଦ୍ଧ୍ୱର୍ ଏବଂ ଦଶ ହଜାର ଟଙ୍କା ଚୋରି ନେଇ ଈଶ୍ୱରପୁର ଫାଣ୍ଡିରେ ମାଲିକ ଉଦୟ କୁମାର ମହାନ୍ତି ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମାମଲା ରୁଜୁ ହେବାସହ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ତଦନ୍ତ ଜାରି ରଖିଥିବା ଜଣା ପଡିଛି।

## ପିକ୍‌ଅପ ଜବତ, ୧୮ ଗୋରୁ ଉଦ୍ଧାର

ରାଜଘାଟ, ୨୨।୯ (ସମିସ): ରବିବାର ବିଳମ୍ବିତ ରାତିରେ ବସ୍ତା ଥାନା ଅଧିକାରୀ ରଞ୍ଜିତ କୁମାର ସାହୁ କୌଣସି ସୂତ୍ରରୁ ଖବରପାଇ ପିକଅପକୁ ପିଛାକରି ଭେଲୋରା ଛକ ନିକଟରେ ଜବତ କରିଥିଲେ। ମାତ୍ର ଡ୍ରାଇଭର ଓ ଖଲାସି ଖସିଯିବାରେ ସକ୍ଷମ ହୋଇଥିଲେ। ଗାଡ଼ିରେ ଥିବା ୧୮ ଟି ଗୋରୁ ଉଦ୍ଧାର କରି ଗୋଶାଳା ପଠାଇବା ସହିତ ପିକଅପକୁ ଜବତ କରି ତଦନ୍ତ ଜାରିରଖିଛନ୍ତି।

# ବ୍ଲକ୍‌ସ୍ତରୀୟ ଜିପିଏଲ୍‌ଏଫ୍ କର୍ମୀ ସାମ୍ମୁଖ୍ୟ ସଂଘର ଧାରଣା

ଜଳେଶ୍ୱର/ଭୋଗରାଇ, ୨୨।୯ (ସମିସ)






ଜଳେଶ୍ୱର ବ୍ଲକ ସ୍ତରୀୟ ଜିପିଏଲଏଫ କର୍ମୀ ସାମ୍ମୁଖ୍ୟ ସଂଘ ପକ୍ଷରୁ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ଆଜି ଧାରଣା ଦିଆଯାଇଛି। ପୂର୍ବପରି ସ୍ଥାୟୀ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି, ଦରମା ସିଧା ଜମାଖାତାକୁ ପ୍ରଦାନ, ୬ ମାସର ବକେୟା ଦରମା ପ୍ରଦାନ, ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ, ପର୍ଫମାନ୍ସ ବୋନସ୍ ପ୍ରହସନ ବନ୍ଦ କରିବା ଇତ୍ୟାଦି ଦାବି ନେଇ ଆଜି ଶତାଧିକ କର୍ମୀ ଅନିର୍ଦ୍ଦିଷ୍ଟ କାଳ ଲାଗି ଧାରଣାରେ ବସିଥିଲେ। ଉପରୋକ୍ତ ସମସ୍ୟାର ସମାଧାନ ଲାଗି ବାରମ୍ବାର ପଦସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ନ ହେବାରୁ ସମାଧାନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସଭାନେତ୍ରୀ ଶାନ୍ତିଲତା ବେହେରା, ନିତ୍ୟାନନ୍ଦ ଘୋଷ, ଚନ୍ଦନ ସାମଲ, ଶାନ୍ତିଲତା ଖଟୁଆ, ବିମଳା ମହାନ୍ତି, ମାନସୀ ରାଜ, ଝରଣା ସିଂ, ପ୍ରତୀମା ମଣ୍ଡଳ, ଦିନବଂଧୁ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସେହିପରି ଭୋଗରାଇ ବ୍ଲକ ଥିବା ଜିପିଏଲଏଫ୍ କର୍ମଚାରୀ ସଙ୍ଘ ପକ୍ଷରୁ ଆଜି ୭ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଅନୁଷ୍ଠିତ ହୋଇଯାଇଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ୨୦୨୩ ମସିହାରେ ତତ୍କାଳୀନ ବିଜେଡ଼ି ସରକାରଙ୍କ ସମୟରେ ଓଡିଶା ଜୀବିକା ମିଶନ ଜରିଆରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ଏଲଏସପି ଭାବେ ୬ଟି ବିଭାଗରେ ନିଯୁକ୍ତି ମିଳିଥିଲା ବେଳେ ଏମାନଙ୍କୁ ନିୟମିତ ଭାବେ ଦରମା ମିଳୁଥିଲା। ବର୍ତ୍ତମାନ ବିଜେପି ସରକାରରେ ଏମାନଙ୍କୁ ୬ ମାସହେଲା ଦରମା ମିଳୁନାହିଁ। ଏହାର ପ୍ରତିବାଦରେ ସମଗ୍ର ରାଜ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ଆନ୍ଦୋଳନ ଚାଲିଥିଲା ବେଳେ ଆଜି ଭୋଗରାଇ ବ୍ଲକର ଜିପିଏଲଏଫ୍‌ର ସଭାନେତ୍ରୀ ଦିପିକା ମିଶ୍ର, ସମ୍ପାଦିକା କବିତାରାଣୀ ଦାସ ସହିତ ୬ ଟି ବିଭାଗର କର୍ମଚାରୀ ଉପସ୍ଥିତ ହୋଇ ୭ ଦଫା ଦାବି ଯଥା ପୂର୍ବପରି ସ୍ଥାୟୀ ଦରମା, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ, ପର୍ଫମାନ୍ସ ବୋନାସ ବନ୍ଦ କରାଯାଉ, ୬ ମାସ ବକେୟା ରାଶି ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପ୍ରାରିଶ୍ରମିକ ପ୍ରଦାନ, ପୂର୍ବ ଭଳି ଆଞ୍ଚଳିକ ମଂଚ ରଖାଯିବା ଦାବୀ ନେଇ ବ୍ଲକ ପରିସରରେ ଥିବା ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

## ସନ୍ତୋଷ ରାଉତଙ୍କୁ ଶ୍ରୀଶିକ୍ଷାଜ୍ୟୋତି ସମ୍ମାନ



ବାଲେଶ୍ୱର,୨୨।୯ (ସମିସ): ଶିକ୍ଷା, ଜ୍ଞାନ ଓ ଆତ୍ମବିକାଶ ସାଧନାର ଯାତ୍ରା 'ଶ୍ରୀ'ପକ୍ଷରୁ ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ ପ୍ରଦାନ ଉତ୍ସବ ଏକ ଶିକ୍ଷାମୟ ପରିବେଶ ଭିତରେ ବାଗ ବୃନ୍ଦାବନସ୍ଥ 'ଶ୍ରୀ' ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। 'ଶ୍ରୀ'ତରଫରୁ ତା'ର ଶିକ୍ଷାକକ୍ଷରେ ପ୍ରତିବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଶିକ୍ଷା ଆଶିଷ' ପ୍ରଦାନ କରାଯିବାର ପରମ୍ପରା ରହିଛି। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ ସନ୍ତୋଷ କୁମାର ରାଉତଙ୍କୁ ଚଳିତବର୍ଷ ଶ୍ରୀ କକ୍ଷରେ ଏକ ଶିକ୍ଷା ଉତ୍ସବରେ 'ଶ୍ରୀ ଶିକ୍ଷା ଜ୍ୟୋତି ସମ୍ମାନ୨୦୨୫' ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଯଦୁନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶଙ୍କର୍ଷଣ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। 'ଶ୍ରୀ'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ଡ. ସନ୍ତୋଷ କୁମାର ରାଉତଙ୍କୁ ମୁଖ୍ୟଅତିଥି 'ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ ୨୦୨୫'ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଯୋଜକ ପାର୍ଥସାରଥୀ ସାହୁ ଅତିଥି ପରିଚୟ ଓ ଅମରଜିତ ଦାସ ଉତ୍ସବ ସଂପର୍କରେ କଥା ରଖିଥିଲେ। ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସୁଜାତା ଦାସ, ସମ୍ମାନ ପ୍ରଦାନ ଉତ୍ସବକୁ ପରିଚାଳନା କରିଥିବାବେଳେ ମଧୁସୂଦନ ମିଶ୍ର ମାନପତ୍ର ପଠନ କରିଥିଲେ। ପ୍ରେୟସୀ ମହାପାତ୍ର, ରଂଜନା ଘୋଷ, ସୁପ୍ରଭା ଦଳେଇ, ରଶ୍ମିତା ଆଚାର୍ଯ୍ୟ, ସୁଚିସ୍ମିତା ସାହୁ, ସଂଜୀବ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସନ୍ତୋଷ ଦଳେଇ ଧନ୍ୟବାଦ ଦେଇଥିଲେ।

## କର୍କଟ ପୀଡ଼ିତ ଛାତ୍ରଙ୍କ ସହାୟତା ନିବେଦନ

ବାଲେଶ୍ୱର,୨୨।୯ (ସମିସ): ବାଲିଆପାଳ ବ୍ଲକ ଅର୍ନ୍ତଗତ ଗଡସାହି ଅଂଚଳର ଚନ୍ଦ୍ରମୋହନ କାମିଲାଙ୍କ ପୁଅ ହେଉଛନ୍ତି ଜଳଧର। ପରିବାର କହିଲେ ଚାରିଜଣ ବ୍ୟକ୍ତି ଅଟନ୍ତି। ଚାଷ କରି ତାଙ୍କ ବାପା ସେଥିରୁ ଯାହା ଅର୍ଥ ରୋଜଗାର କରନ୍ତି ସେଥିରେ ତାଙ୍କର ପରିବାର ପ୍ରତିପୋଷଣ ହୋଇଥାଏ। ୨୦୧୭ ମସିହାରେ



ଜଳଧର ପଂଚମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କ ଠାରେ ବୋନ କ୍ୟାନସର ଲକ୍ଷଣ ଦେଖିବାକୁ ମିଳିଥିଲା। ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କର ଗୋଟିଏ ଗୋଡ କାଟିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କର କ୍ୟାନସର ଚିକିତ୍ସା ପାଇଁ ପାଖାପାଖି ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବା ବେଳେ ଆହୁରି ଅଧିକ ଖର୍ଚ୍ଚ ହେବ ବୋଲି ତାଙ୍କ ବାପା କହିଛନ୍ତି। ପୁଅର ଚିକିତ୍ସା ପାଇଁ ତାଙ୍କର ଜମି ମଧ୍ୟ ବିକ୍ରି କରିଦେଇଛନ୍ତି। ଅନ୍ୟପଟେ ଏବେ ତାଙ୍କର ପ୍ରତି ୬ମାସର ଥରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଫଳରେ ତାଙ୍କର ଅଧିକ ଚିକିତ୍ସା ପାଇଁ ତାଙ୍କ ନିକଟରେ ଆଉ ଅର୍ଥ ନ ଥିବା ବେଳେ ବାଧ୍ୟ ହୋଇ ସେ ଜିଲ୍ଲାପାଳଙ୍କ ଠାରେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ସେ ବାଲିଆପାଳ ସ୍ଥିତ ଏସଆର କଲେଜରେ ଯୁକ୍ତ ତିନି ପ୍ରଥମ ବର୍ଷରେ ପଢୁଥିବା ବେଳେ ତାଙ୍କର କଲେଜ ଯିବା ଆସିବା ପାଇଁ ଏକ ବ୍ୟାଟେରୀ ଚାଳିତ ଗାଡିର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଏଣୁ ଜିଲ୍ଲାପାଳ ଏହାକୁ ଯୋଗାଇଦେବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

## କାର୍ଯ୍ୟକ୍ଷମ ହେଲା ହାଇବ୍ରିଡ୍ ପେଡିଆଟିକ ଆଇସିୟୁ



ବାଲେଶ୍ୱର,୨୨।୯(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟପରିସରରେଦୀର୍ଘଦିନଧରିବନ୍ଦ ପଡିଥିବା ହାଇବ୍ରିଡ ପେଡିଆଟିକ ଆଇସିୟୁ ପୁଣିଥରେ ଖୋଲିଛି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ବନ୍ଦ ପଡିଥିବା ଏହି ହାଇବ୍ରିଡ ପେଡିଆଟିକ ଆଇସିୟୁ ପୁଣିଥରେ କାର୍ଯ୍ୟକ୍ଷମ ହୋଇଛି। ଯାହାଫଳରେ ଗୁରୁତର ଶିଶୁମାନଙ୍କର ସ୍ୱାସ୍ଥ୍ୟସେବାକୁ ଅଧିକ ଶକ୍ତଶାଳୀ କରିବ। ଏହି ୟୁନିଟରେ ଆଧୁନିକ ଯନ୍ତ୍ରପାତି ସହିତ ପ୍ରଶିକ୍ଷିତ ନର୍ସମାନେ ୨୪ଘଂଟା ଉପଲବ୍ଧ ରହିବେ। ବିଶେଷ କରି ଏହା ଗୁରୁତର ଶିଶୁମାନଙ୍କୁ ତତ୍କ୍ଷଣାତ ଓ ସୁରକ୍ଷିତ ଚିକିତ୍ସା ସୁବିଧା ଯୋଗାଇଦେବ। ଏହା କାର୍ଯ୍ୟକ୍ଷମ ହେବା ବେଳେ ସୁପରିଣ୍ଟେଣ୍ଡେଣ୍ଟ ଡା. ଗିରିଜା ଶଙ୍କର ଦାସ, ଡିପିଏମ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସହରରେ ମାତିଛନ୍ତି ଲୁଟେରା
# ପୁଲିସ ପରିଚୟ ଦେଇ ଲୁଟିନେଉଛନ୍ତି ଗହଣା

ବାଲେଶ୍ୱର,୨୨।୯ (ସମିସ)



**ଟେର ପାଉନି ପୁଲିସ**

ଆମେ ପୁଲିସରେ ଚାକିରି କରିଛୁ। ଆମକୁ ଡ୍ୟୁଟି ଦିଆଯାଇଛି। ଯିଏ ଏମିତି ସୁନା ଗହଣା ଅଧିକ ପିନ୍ଧୁଛନ୍ତି ସେମାନଙ୍କୁ ଆମେ ସଚେତନ କରୁଛୁ ଏବଂ ସୁରକ୍ଷିତ ରହିବାକୁ କହୁଛୁ। ନହେଲେ ଛିନତାଇ ହେବ, ଭୟଭୀତ ହୋଇ ସବୁ ଗହଣା ଦେଇଥିଲି। ସେଇପଟ ଦେଇ ସମସ୍ତେ ଯାଉଥିଲେ, ଦେଖୁଥିଲେ ହେଲେ ମୋ ପାଖକୁ ଆସୁନଥିଲେ। ମୁଁ ମଧ୍ୟ ଭୟରେ କାହାକୁ ଡାକିପାରିଲି ନାହିଁ। କୁରୁଡା ଛକ ୟୁପି ସ୍କୁଲ୍ ନିକଟରେ ମୋ ସହ ଏପରି ଘଟଣା ଘଟିଗଲା। ରକ୍ଷକ କହି ଭକ୍ଷକ ସାଜିଲେ ଆମେ ଆଉ କଣ କରିପାରିବୁ। ପୁଅ ସହିତ ଯାଇ ଥାନାରେ ଅଭିଯୋଗ କରିଛୁ। ପୁଲିସ ସିସିଟିଭି ଫୁଟେଜ ବି ନେଇଛନ୍ତି। ଗାଡି ନମ୍ବର ବି ଦିଆଯାଇଛି। ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ୧୮ ରୁ ଆଜି ୨୨ ତାରିଖ ହୋଇଗଲାଣି। ହେଲେ କେହି କିଛି ଶୁଣୁନାହାନ୍ତି କି ବୁଝୁନାହାନ୍ତି। ମୁଁ କେମିତି ମୋ ଗହଣା ପାଇବି ସେଇଟାକୁ ନେଇ ମୁଁ ଦୁଃଖରେ ଅଛି ବୋଲି କହିଛନ୍ତି ପ୍ରମିଳା ବେହେରା।

ବାଲେଶ୍ୱରବାସୀଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ଗହଣା ସୁନା ପିନ୍ଧିବି ବାହାରକୁ ଯିବାକୁ ଏହି ସମୟରେ ଭୟ କରୁଛନ୍ତି। କିଛି ଦିନ ଧରି ସହରରେ ବିଭିନ୍ନ ପ୍ରକାର ଚୋରି, ଛିନତାଇ ଘଟଣା ଘଟିଚାଲିଛି। ନିକଟରେ ସକାଳୁ ସକାଳୁ ରେମୁଣା ନିର୍ବାଚନ ମଣ୍ଡଳୀ କୁରୁଡା ପଞ୍ଚାୟତ ଶ୍ରୀମନ୍ତପୁର ଗ୍ରାମର ଜଣେ ବୟସ୍କା ମହିଳା ପ୍ରମିଳା ବେହେରାଙ୍କଠୁ ଗହଣା ଲୁଟିନେଲେ ଦୁର୍ବୃତ୍ତ। ଚାରି ଜଣ ବାଇକ୍ ରେ ଆସି ପୁଲିସ ପରିଚୟ ଦେଇ ଏତେ ଗହଣା କାହିଁକି ପିନ୍ଧିଛନ୍ତି କହି ସବୁତକ ଲୁଟିନେଇଥଲେ। ବନ୍ଧୁକ ଦେଖାଇ ସବୁ ଗହଣା ଲୁଟି ନେଇଥିବା ପ୍ରମିଳା କହିଛନ୍ତି। ଏ ନେଇ ସଦର ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି। ହେଲେ ଏଯାଏଁ ପୁଲିସ କିଛି ପଦକ୍ଷେପ ନେଇଥିବାରୁ ପ୍ରମିଳା ନିରାଶ ହୋଇଛନ୍ତି। ପ୍ରାୟ ୫ ଲକ୍ଷ ଟଙ୍କାର ଗହଣା ପିନ୍ଧିଥିଲେ ବୋଲି ପ୍ରମିଳା କହିଛନ୍ତି। ଦୁଇଟି ଚେନ୍, ସୁନା ବଳା ଏବଂ ମୁଦି ଲୁଟେରା ନେଇଯାଇଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ସଲଖାନ ମୁର୍ମୁଙ୍କୁ ପଚାରିବାରୁ କହିଥିଲେ, ପୁଲିସ ପରିଚୟ ଦେଇ ଲୁଟ୍ ଘଟଣାର ତଦନ୍ତ ଚାଲିଛି। କିଛି ସନ୍ଧାନ ମିଳିନାହିଁ। ପ୍ରକାଶ ଥାଉ କି,୨୦୨୪-୨୫ ରେ ବାଲେଶ୍ୱରରେ ୧୩୦୩ ଚୋରି, ୧୯ ଡ଼କାୟତି ହୋଇଥିବା ବେଳେ ୨୦୨୫ରେ ୧୮୬ ରୁ ଅଧିକ ଚୋରି ହୋଇଥିବା ସରକାରୀ ତଥ୍ୟ କହୁଛି। ଦିନବେଳା ଛିନତାଇ, ଚୋରି ଆଦି ବୃଦ୍ଧି ପାଇବାରେ ଲାଗିଛି।

## ଏଫ୍‌ଏମ୍‌ୟୁରେ 'ଗବେଷଣା ଓ ପ୍ରକାଶନ ନୀତି' ପାଠ୍ୟକ୍ରମ କର୍ମଶାଳା




ବାଲେଶ୍ୱର,୨୨।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ସପ୍ତାହବ୍ୟାପୀ ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସଂପର୍କିତ କୋର୍ସ କର୍ମଶାଳାର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ୧୫୦ରୁ ଅଧିକ ଗବେଷଣାରତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଏଗଜିକ୍ୟୁଟିଭ ଗବେଷକ ଯୋଗଦେଇ ୫-ଦିନିଆ ପ୍ରଶିକ୍ଷଣ ଶିବିରରେ ଗବେଷଣାରେ ସତ୍ୟନିଷ୍ଠା, ପ୍ଲେଜିଆରିଜିମ ଓ ପ୍ରକାଶନ ପ୍ରକ୍ରିୟା ଉପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ସଂପର୍କରେ ଆଲୋଚନା ପାଇଁ ଅଂଶଗ୍ରହଣ କରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଶିକ୍ଷାନୁଷ୍ଠାନୀୟ ଓ ଗବେଷଣା ପରିବେଶରେ ସତ୍ୟନିଷ୍ଠା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ନୂତନ ଆବିଷ୍କାର ସହ ମୂଲ୍ୟଯୁକ୍ତ ଜ୍ଞାନ ଗଠନ ଓ ତଥ୍ୟ ସଂଗ୍ରହରେ ଗବେଷଣା ସୀମିତ ନୁହେଁ, ବରଂ ନୀତିଶୀଳ ପ୍ରକ୍ରିୟା, ସତ୍ୟପରାୟଣତା ଓ ଦାୟିତ୍ୱଶୀଳ ପ୍ରକାଶନରେ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ସଫଳତା ନିହିତ ରହିଥାଏ ବୋଲି ପ୍ରକାଶ କରିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଶରତ କୁମାର ପାଲିତ ମୁଖ୍ୟବକ୍ତା ଭାବେ ଗବେଷଣାକୁ ଜ୍ଞାନ ସୃଷ୍ଟିର ଏକ ଭିନ୍ନ ଯାତ୍ରା ସହ ଦେଶ, ଜାତି ଓ ମାନବସମାଜର ଉନ୍ନତିକରଣର ଏକ ପ୍ରଧାନ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ। ବର୍ତ୍ତମାନ କେନ୍ଦ୍ରୀକରଣ ଗବେଷଣା ପ୍ରଣାଳୀରେ ପ୍ଲେଜିଆରିଜିମ୍, ପ୍ରଭାବକାରୀ ପ୍ରକାଶନ ଓ ମେଟ୍ରିକ୍ସର ଅତିରିକ୍ତ ଚାପ ବଡ଼ ଚ୍ୟାଲେଞ୍ଜ୍ ରହିଥିବାର ଉଲ୍ଲେଖ କରିଥିଲେ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆର.ପି.ଇ ପରି କୋର୍ସ ଗୁଡିକ ଛାତ୍ରଛାତ୍ରୀଙ୍କୁ ନୀତିଶୀଳ ଗବେଷଣାର ଦିଗରେ ପଥପ୍ରଦର୍ଶନ କରିବା ନେଇ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମକୁ ଗବେଷଣା ସମ୍ପଦ ସୁଦୃଢ କରିବାରେ ଏକ ନୂତନ ପଦକ୍ଷେପ ବୋଲି ପ୍ରକାଶ କରି କୋର୍ସର ପରିକଳ୍ପନା, ବିଷୟବସ୍ତୁ ଓ ପ୍ରଶିକ୍ଷଣ ସୂଚନା ପ୍ରଦାନ କରିଥିଲେ। କୋର୍ସର ପ୍ରାଥମିକ ବିଷୟଗୁଡିକ ମଧ୍ୟରେ ଗବେଷଣା ପ୍ରଶ୍ନ ଗଠନ ଓ ହାଇପୋଥେସିସ୍ ପରୀକ୍ଷା, ବୈଜ୍ଞାନିକ ଲେଖନ ଓ ପ୍ରକାଶନ ପ୍ରକ୍ରିୟା, ପ୍ଲେଜିଆରିଜିମ ଯାଞ୍ଚ ଓ ସଫ୍ଟୱେର ପ୍ରଶିକ୍ଷଣ, ପ୍ରକାଶନ ନୀତି ଓ ଗବେଷଣା ମେଟ୍ରିକ୍ସ, ବୈଜ୍ଞାନିକ ସତ୍ୟନିଷ୍ଠା ଓ ନୀତିଶାସ୍ତ୍ର ସମ୍ବନ୍ଧିତ ପ୍ରଶିକ୍ଷଣ ଦିଆଯିବ। ଏହି କୋର୍ସର ପ୍ରଶିକ୍ଷଣ ୨୬ ସେପ୍ଟେମ୍ବରରେ ସମାପ୍ତ ହେବ। କାର୍ଯ୍ୟକ୍ରମକୁ ଡ. ରାଜଶ୍ରୀ ଦତ୍ତ ସଂଯୋଜନା କରିଥିଲେ ତଥା ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ଗଳ୍ପସାହିତ୍ୟ ଚର୍ଚ୍ଚା

ବାଲେଶ୍ୱର,୨୨।୯ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟ ସଂପର୍କରେ ଏକ ଚର୍ଚ୍ଚା ଆସର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଚର୍ଚ୍ଚା ଆସରକୁ ଉଦ୍‌ଘାଟନ କରି ବରିଷ୍ଠ ଗାଳ୍ପିକ ତଥା ସାରଳା ପୁରସ୍କାରପ୍ରାପ୍ତ ଭୀମପୃଷ୍ଟିଙ୍କର ଅଗ୍ରଜ ଅର୍ଜୁନ ପୃଷ୍ଟି ଗୁଣାଢ୍ୟଙ୍କ ବୃହତକଥା, ସୋମଦେବଙ୍କ କଥା ସରିତ ସାଗର ଓ ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ରର କଥାସବୁକୁ ମୂଳଦୁଆ କରି ସଂସ୍କୃତ ସାହିତ୍ୟ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗ ସମୃଦ୍ଧ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଫକୀରମୋହନଙ୍କ ବିଭିନ୍ନ ଗଳ୍ପକୁ ଆଲୋଚନା କରି ତାହାର ଗୁରୁତ୍ୱ ମଧ୍ୟ ପ୍ରତିପାଦନ କରିଥିଲେ। ଗାଳ୍ପିକା ଦେବଯାନୀ ଦାସ ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶକ୍ରମ ଓ ଶୈଳୀ ସଂପର୍କରେ ଆଲୋଚନା କରିବା ସଙ୍ଗେସଙ୍ଗେ ସାଂପ୍ରତିକଗଳ୍ପସମୂହରଭିତ୍ତିଭୂମିରଗଠନ ପ୍ରକ୍ରିୟା ଉପରେ ଚର୍ଚ୍ଚା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଗାଳ୍ପିକ ସଂଜୟ କୁମାର ପଣ୍ଡା ମଧ୍ୟ ଓଡ଼ିଆ ଗଳ୍ପ ପୃଥିବୀର ଗଳ୍ପଭାଗ ସହ ସମାନ ଭାବରେ ଗତି କରି ସମୃଦ୍ଧ ହୋଇପାରିଛି ବୋଲି ମନ୍ତବ୍ୟ ଦେବା ସହିତ ନିଜର ଗଳ୍ପ ରଚନାର ଶୈଳୀ ସଂପର୍କରେ ଆଲୋଚନା କରିଥିଲେ। କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିବା ସହିତ ଗଳ୍ପ ସଂପର୍କିତ ଚର୍ଚ୍ଚା ଆମର ଗଳ୍ପରଚନା ପ୍ରବୃତ୍ତିକୁ ବଳିଷ୍ଠ କରିବ ବୋଲି ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଓ ଜୁମରନାଥ ପାତ୍ର କେତେଜଣ ଗାଳ୍ପିକ ଓ ଗାଳ୍ପିକାଙ୍କ ଗଳ୍ପଗୁଡ଼ିକୁ ସ୍ୱକୀୟ ଶୈଳୀରେ ସଂଯୋଜନା କରିଥିଲେ। ଆସରରେ ପ୍ରଭାକର ସାହୁ, ରାଜେନ୍ଦ୍ରନାଥ ରାଉତ, ବିଜୟ କୁମାର ଦାସଅଧିକାରୀ, ବିଜୟ କୁମାର ମହାନ୍ତି, ଦୀନବନ୍ଧୁ ଲେଙ୍କା, ସୁନାମଣି ଜେନା, ଅର୍ଚ୍ଚନା କର, କବିତା ଜେନା, ସୁବାସ ସ୍ୱାଇଁ, ସ୍ମୃତି ଦାସ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିବା ବେଳେ କ. ଶିରୀଶ ଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, ବେଣୁଧର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଅନାଦି ଚରଣ ଜେନା, ପ୍ରଫୁଲ୍ଲ କୁମାର ଦାସ, କରୁଣାକର ସ, ଡ. ରମାକାନ୍ତ ନାୟକ, ମଦନମୋହନ ସାହୁ, ତ୍ରିନାଥ ମନ୍ଦା, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଶାରଦୀୟ ଦୁର୍ଗୋତ୍ସବର ନବରାତ୍ର ଆରମ୍ଭ
## 'ଶୈଳପୁତ୍ରୀ' ସ୍ୱରୂପରେ ପୂଜା ପାଇଲେ ମା' ବଗଳାମୁଖୀ



ବାଲେଶ୍ୱର,୨୨।୯ (ସମିସ): ଶାସ୍ତ୍ର ସମ୍ମତ ମୂଳାଷ୍ଟମୀ ଠାରୁ କାଳିପୂଜା ପର୍ଯ୍ୟନ୍ତ ପାଳିତ ହେଉଥିବା ଶକ୍ତିପକ୍ଷ ଅବସରରେ ବାଲେଶ୍ୱର ସହର ଉପକଣ୍ଠ ତାମୁଲିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରୀ ସିଦ୍ଧ ମହାଶକ୍ତି ପୀଠରେ ରୀତିନୀତି ଅନୁସାରେ ମା' ବଗଳାମୁଖୀଙ୍କ ଷୋଡଶ ଦିବସ ପୂଜା ଚାଲିଥିବାବେଳେ ପ୍ରତିପଦ ତିଥି ଠାରୁ ଶାରଦୀୟ ଦୁର୍ଗୋତ୍ସବର ନବରାତ୍ର ପୂଜା ଆରମ୍ଭ ହେଉଛି। ପ୍ରାତଃକାଳରୁ ପଂଚଦେବତାଙ୍କ ଘଟ ଓ ମଣ୍ଡଳାଦି ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ସହ ସନ୍ଧ୍ୟାରେ ସପ୍ତସତୀ ଚଣ୍ଡୀପାଠ ଅନ୍ତେ ୧୦୮ ଆହୁତି ଆଦି କର୍ମକାଣ୍ଡ ମାଧ୍ୟମରେ ପୀଠର ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କର ନବଶକ୍ତିକୁ ଶ୍ରଦ୍ଧାର ସହ ଆହ୍ୱାନ ପୂର୍ବକ ଏଠାରେ ପୂଜା କରାଯାଇଥାଏ। ପ୍ରଥମ ଦିନରେ ପାର୍ବତ୍ୟ ରାଜା ହିମାଳୟଙ୍କ ପୁତ୍ରୀ ଭାବେ ଶୈଳପୁତ୍ରୀ ସ୍ୱରୂପରେ ପୂଜା ପାଇବେ ମା' ବଗଳାମୁଖୀ। ଶକ୍ତିଙ୍କ ଆତ୍ମଦାହ ପରେ ହିମାଳୟଙ୍କ ପୁତ୍ରୀ ଭାବେ ଜନ୍ମଗ୍ରହଣ ସହ ଶୈଳପୁତ୍ରୀ ନାମରେ ପରିଚିତ ହୋଇଥିଲେ। ସଂସ୍କୃତରେ, ଶୈଳର ଅର୍ଥ ହେଉଛି ପର୍ବତ, ପୁତ୍ରୀର ଅର୍ଥ ହେଉଛି କନ୍ୟା। ଚନ୍ଦ୍ର ଉପରେ ଶାସନ କରନ୍ତି ଦେବୀ। ଆଧ୍ୟାତ୍ମିକ ଜାଗରଣ ପାଇଁ ଶୈଳପୁତ୍ରୀଙ୍କୁ ସମୃଦ୍ଧତା ଏବଂ ସମସ୍ତ ଭାଗ୍ୟର ଯୋଗାଣକାରୀ ଭାବରେ ବିଶ୍ୱାସ ସହ ପ୍ରକୃତିର ମାତା ଭାବେ ପୂଜା କରନ୍ତି ଭକ୍ତମାନେ। ସେହିପରି ନବରାତ୍ରର ଦ୍ୱିତୀୟ ଦିବସରେ ଦକ୍ଷ ପ୍ରଜାପତିଙ୍କ କୁମାରୀ କନ୍ୟା ଭାବେ ବ୍ରହ୍ମଚାରିଣୀ ସ୍ୱରୂପ, ତୃତୀୟ ଦିବସରେ ମା'ଙ୍କର ବିବାହିତ ସ୍ୱରୂପ ଚନ୍ଦ୍ରଘଂଟାଙ୍କୁ ପୂଜା କରାଯିବ। ଅନୁରୂପ ଭାବେ ଚତୁର୍ଥରେ ସୂର୍ଯ୍ୟଙ୍କଠାରୁ ଅଧିକ ଶକ୍ତିଶାଳୀ କୁଷ୍ମାଣ୍ଡା, ପଂଚମରେ ଦେବକୁମାର କାର୍ତ୍ତିକଙ୍କ ମାତା ଭାବେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟନ ମୁନିଙ୍କ କନ୍ୟା ତଥା ବିଜୟର ପ୍ରତୀକ ମା' କାତ୍ୟାୟନୀ, ସପ୍ତମରେ ଶୁମ୍ଭ ଓ ନିଶୁମ୍ଭ ଭଳି ରାକ୍ଷାସ ବିନାଶକାରି ତଥା କାଳଠାରୁ ଅଧିକ ଶକ୍ତିଶାଳୀ ମା' କାଳରାତ୍ରି, ଅଷ୍ଟମରେ ନିର୍ମଳ ଓ ପବିତ୍ରତାର ପ୍ରତୀକ ମା' ମହାଗୌରୀ ଏବଂ ନବମ ଦିବସରେ ଆଦି ପରାଶକ୍ତି ତଥା ସୃଷ୍ଟି ରଚନାକାରୀ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କୁ ଅର୍ଚ୍ଚନ କରାଯିବ।

## ଆଇନ ସଚେତନତା ଶିବିର




ବାଲେଶ୍ୱର,୨୨।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରେମୁଣା ବ୍ଲକ୍ ର ସମ୍ମିଳନୀ କକ୍ଷରେ ବିସ୍ଥାପିତ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା, ସାଇବର ଆଇନ୍ ଏବଂ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସଂପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ଏହି ଶିବିରରେ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେମୁଣା ବ୍ଲକ୍ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ଚିଫ୍ ଲିଗାଲଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ସହାକାରୀ ଜିଲ୍ଲା ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍‌ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.09.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ୩୫ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ


ବାଲେଶ୍ୱର,୨୨।୯ (ସମିସ): ଅବକାରୀ ବିଭାଗ ପକ୍ଷରୁ ଅରଡବଜାରରେ ଚଢ଼ାଉ କରାଯାଇ ଜଣେ ବେପାରୀ ଠାରୁ ୩୦୫ଗ୍ରାମର ବ୍ରାଉନସୁଗର ଜବତ ସହ ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ଗିରଫ ବେପାରୀ ଜଣକ ଅରଡବଜାର ଅଞ୍ଚଳର ଟିଂଟୁ ତରେଇ (୩୭)। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ସେଠାରେ ଚଢ଼ଉ କରି ବେପାରୀ ଟିଂଟୁ ଠାରୁ ୩୦୫ଗ୍ରାମର ବ୍ରାଉନସୁଗାର ଜବତ କରିଥିଲେ। ଜବତ ବ୍ରାଉନସୁଗାର ମୂଲ୍ୟ ୩୫ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ, ସବ ଇନସପେକ୍ଟର ଭବେଶ ଦାସ, ଭକ୍ତଚରଣ ସ୍ୱାଇଁ, କନେଷ୍ଟବଳ ସୁନାରାମ ସୋରେନ, ପଙ୍କଜ ମାଝୀ, ମୀନତି ପରିଡାଙ୍କ ସମେତ ଏପିଆର ଫୋର୍ସ ମଧ୍ୟ ସାମିଲ ହୋଇଥିଲେ।

## ଆସୁଛନ୍ତି ମା' ଦୁର୍ଗା
# ୪୬ ବର୍ଷରେ ମଧୁଆମିଲ୍ ସାର୍ବଜନୀନ ଦୁର୍ଗାପୂଜା

ବାଲେଶ୍ୱର,୨୨।୯ (ସମିସ)

ତୋରଣ ସହିତ ମାଆଙ୍କ ଚାହାଣୀ ସବୁଠାରୁ ବେଶୀ ଆକର୍ଷଣ ହୋଇଥାଏ। ସବୁ ଭକ୍ତଙ୍କ ନଜର ମାଆଙ୍କ ଆଖି ଉପରେ ହିଁ ଲାଗିଥାଏ। ଚଳିତବର୍ଷ ବର୍ଷ ମଧ୍ୟ ସ୍ୱତନ୍ତ୍ର ତୋରଣ ସହ ମାଆଙ୍କ ଚାହାଣୀ ସବୁଠୁ ଆକର୍ଷଣ ହେବ। ଏପରି ସ୍ୱତନ୍ତ୍ର ପ୍ରସ୍ତୁତି କରୁଛି ସୁନହଟସ୍ଥିତ ମଧୁଆମିଲ୍ ସାର୍ବଜନୀନ ଦୁର୍ଗା ଉତ୍ସବ କମିଟି। ଚଳିତ ବର୍ଷ ୪୬ ତମ ଦୁର୍ଗା ପାଳନ କରିବ କମିଟି।


୧୯୮୦ ମସିହାରୁ ସୁନହଟସ୍ଥିତ ମଧୁଆ ମିଲ୍ ଛକରେ କମିଟି ପକ୍ଷରୁ ଦୁର୍ଗାପୂଜା ହୋଇଆସୁଛି। ସବୁଠୁ ଅଧିକ ଆକର୍ଷଣୀୟ ଥାଏ ଦେବୀ ମାଆଙ୍କ ଚାହାଣୀ। ଏହାକୁ ଦେଖିବା ପାଇଁ ମଣ୍ଡପ ନିକଟରେ ଗହଳି ଜମେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଧୁମଧାମରେ ପୂଜା ପାଳନ ହେବ। ଏଥର ମାଆଙ୍କ ମୂର୍ତ୍ତିର ଉଚ୍ଚତା ୧୩ ଫୁଟ ରହିଛି। ଏକ ମାସ ପୂର୍ବରୁ ବଙ୍ଗୀୟ କାରିଗରଙ୍କ ଦ୍ୱାରା ଏହି



ମୂର୍ତ୍ତି ଗଢ଼ା ଆରମ୍ଭ ହୋଇଥାଏ। ବାହୁଡା ଯାତ୍ରା ଦିନ ଠାରୁ ପୂଜାର୍ଚ୍ଚନା କରାଯାଇ ବୁଢ଼ାବଳଙ୍ଗ ନଦୀରୁ ମାଟି ଉଠାଯାଇଥାଏ। ବିଶେଷକରି ଦେବୀ ମାଙ୍କ ମୂର୍ତ୍ତିଙ୍କର ଯେଉଁ ଚାହାଁଣୀ ରହିଛି ତାହାକୁ ନିର୍ମାଣ କରିବା ବଙ୍ଗୀୟ କାରିଗରୀମାନଙ୍କ ଏକ ବିଶେଷତ୍ୱ। ଏହି ମଣ୍ଡପରେ ୫୦୦ ରୁ ଅଧିକ ଡାଲା ଅଷ୍ଟମୀ ପୂଜାରେ ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଭୋଗ ଲଗେଇଥାନ୍ତି। ନବୀନ ଦିନ ସନ୍ଧ୍ୟାରେ ୧୦୮ ଆଳତିରେ ଏଠାରେ ନିଆରା ହୋଇଥାଏ। ଏବର୍ଷ ତୋରଣର ଉଚ୍ଚତା ପାଖାପାଖି ୪୦ ଫୁଟ ହେବ। ତୋରଣଟିକୁ ଏକ ବୋଇତ ଆକୃତି ଦେବା ପାଇଁ କାରିଗରୀମାନେ ୨୫ ଦିନ ଆଗରୁ କାମରେ ଲାଗିଛନ୍ତି। ତୋରଣ, ଲାଇଟ୍, ମୂର୍ତ୍ତି ଓ ସାଜସଜ୍ଜା କାମ ଚାଲିଛି। କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ। ଏହାବ୍ୟତୀତ ପୂଜା ଆରମ୍ଭ କରିଥିବା ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କ ବିୟୋଗ ହୋଇଯାଇଛି। ଏଥିସହ ଚଳିତ ବର୍ଷ ଜଣେ ବରିଷ୍ଠ କର୍ମକର୍ତ୍ତା କୁଳମଣି ସାହୁ ଏବଂ ଏକ ଯୁବ କର୍ମକର୍ତ୍ତା ମନୋରଞ୍ଜନ ଜେନାଙ୍କ ଅକାଳ ବିୟୋଗରେ ସମସ୍ତେ ଶୋକ ପ୍ରକାଶ କରିଛନ୍ତି।

> ଏ ବର୍ଷ ପୂଜା ୪୬ ବର୍ଷରେ ପଦାର୍ପଣ କରୁଛି। ଏଠାରେ ଆମର ସବୁଠାରୁ ବେଶୀ ଆକର୍ଷଣ ଦେବୀ ମା'ଙ୍କ ଚାହାଣୀ। ଏଥର ତୋରଣ ବୋଇତ ଆକୃତିର ହେବ। ଏହାବ୍ୟତୀତ ମା'ଙ୍କ ଭସାଣି ଯାତ୍ରା ସମସ୍ତ ସରକାରୀ ନିୟମ ଅନୁସାରେ ହେବ।
> **ବିକାଶ ପାତ୍ର, ସଭାପତି**
>
> ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହିତ ଭାଇ ଚାରା ର ବାର୍ତ୍ତା ଦେଇ ପାଳନ କରିବୁ। ସମସ୍ତଙ୍କୁ ମଧୁଆ ମିଲ୍ ଦୁର୍ଗା ମଣ୍ଡପକୁ ଅଗ୍ରିମ ଶାରଦୀୟ ନିମନ୍ତ୍ରଣ।
> **ରାଜେନ୍ଦ୍ର ବାରିକ, ସମ୍ପାଦକ**

# ସମ୍ପାଦକୀୟ



ସ୍ୱାଧୀନତା ହେଉଛି ଆବଶ୍ୟକତାର ଚେତନା।
-କାଲମାର୍କସ୍

ସକାଳ
THE SAKALA

## ଯୋଗ୍ୟ ଓ ମେଧାଶକ୍ତିର ଅପଚୟ

ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ନାଗରିକଙ୍କ ମୌଳିକ ଆବଶ୍ୟକତା ପ୍ରତି ଉଚିତ ଧ୍ୟାନ ଦିଆଯାଇନଥିବାରୁ ରାଜ୍ୟର ଏହି ଦୁଇଟି କ୍ଷେତ୍ର ଅବହେଳିତ ଅବସ୍ଥାରେ ଅଛି। ଡାକ୍ତର ଅଭାବରୁ ରାଜ୍ୟର ଗ୍ରାମୀଣ ଜୀବନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ବ୍ୟୟବହୁଳ କର୍ପୋରେଟ ହସ୍‌ପିଟାଲ ଉପରେ ନିର୍ଭର କରୁଛି। ନିକଟରେ ଏହି ସମସ୍ୟା ଓ ତା'ର ସମାଧାନ ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଏବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହେଉଛି। ଆମ ରାଜ୍ୟର ଛାତ୍ରଛାତ୍ରୀ ସଠିକ ଶିକ୍ଷାଦାନରୁ ବଂଚିତ ହେଉଥିବାରୁ ଜାତୀୟ ସ୍ତରରେ ନିଜ ଦକ୍ଷତା ଓ ମେଧାଶକ୍ତି ପ୍ରଦର୍ଶନ କରିପାରୁନାହାନ୍ତି। ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଥିବାବେଳେ ଗୁଣାତ୍ମକ ମାନ ଦୃଷ୍ଟିରୁ ଜାତୀୟସ୍ତରରେ ପ୍ରତିଯୋଗୀକ୍ଷମ ହୋଇପାରୁନାହାନ୍ତି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ଏହି ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ନିଜ ପିଲାଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ପଠାଉଛନ୍ତି। ଅଧ୍ୟାପନା ପାଇଁ ଯଦି ବିଶ୍ୱବିଦ୍ୟାଳୟରେ କ୍ରମାଗତ ଶିକ୍ଷକ ଅଭାବ ବଳବତ୍ତର ରହିବ ତେବେ ଛାତ୍ରଛାତ୍ରୀଙ୍କ ନିକଟରେ ଅଧ୍ୟୟନ ଗୁରୁତ୍ୱ ହରାଇବ ଓ ସେମାନେ ସ୍ୱାଭାବିକ ଭାବେ ବିପଥଗାମୀ ହେବେ।

ଆମେ ଏଠାରେ ସରକାରୀ ତଥ୍ୟ ଆଧାରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ କ'ଣ ସେ ସଂପର୍କରେ କିଛି ମତାମତ ଦେବାକୁ ଉଚିତ୍ ମନେ କରୁଛୁ। ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଯେ ସରକାରୀ ବିଶ୍ୱବିଦ୍ୟାଳୟରେ ୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି। ଏହା ମୋଟ ସରକାରୀ ମଞ୍ଜୁରୀ ପ୍ରାପ୍ତ ଅଧ୍ୟାପକ ପଦର ୭୮ ପ୍ରତିଶତ। ସତରେ କି ବିଚିତ୍ର ପରିସ୍ଥିତି ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହେଉଥିବ। ଠିକା ନିଯୁକ୍ତି ଉପରେ ନିର୍ଭର କରି କର୍ତ୍ତୃପକ୍ଷ କୌଣସିପ୍ରକାରେ କାମଚଳା ବ୍ୟବସ୍ଥା ଜାରି ରଖିଛନ୍ତି। ଯେଉଁଠାରେ ବୌଦ୍ଧିକ ବିକାଶ ଓ ଗବେଷଣାର ସୁଯୋଗ ସୃଷ୍ଟି ହେବା କଥା ସେଠାରେ ଯଦି ଠିକା ଅଧ୍ୟାପନା ଉପରେ ବ୍ୟବସ୍ଥା ନିର୍ଭରଶୀଳ ହେବ ଆମ ରାଜ୍ୟର ବିଶ୍ୱବିଦ୍ୟାଳୟ ଜାତୀୟସ୍ତର ମାନକ ଅନୁରୂପ ହେବ କିପରି? ସଚେତନ ଅଭିଭାବକଙ୍କ ପାଇଁ ଏହା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ସତେଯେପରି ମନେ ହେଉଛି ସରକାର ଏହି ବିଶ୍ୱବିଦ୍ୟାଳୟ ଖୋଲିଛନ୍ତି କେବଳ ଡିଗ୍ରୀ ବାଣ୍ଟିବା ପାଇଁ, ଯାହା ସାଧାରଣ ଓ ସାମାଜିକ ଜୀବନରେ ଦିନକୁ ଦିନ ଅଲୋଡ଼ା ହୋଇପଡୁଛି।

ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟର ସର୍ବପ୍ରାଚୀନ ତଥା ଗର୍ବଗୌରବ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛି ଉତ୍କଳ ବିଶ୍ୱବିଦ୍ୟାଳୟ। ରେଭେନ୍ସାରେ ୧୬୧ ଅଧ୍ୟାପକ ପଦ ପୂରଣ ହୋଇପାରୁନି। ରାଜ୍ୟରେ ଖାଲିପଡ଼ିଥିବା ଏହି ପଦବୀ ମଧ୍ୟରେ ଅଛି ୨୬୦ ପ୍ରାଧ୍ୟାପକ, ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସରକାରୀ ପ୍ରାଧ୍ୟାପକ ପଦ। ସେହିଭଳି ବିଶ୍ୱବିଦ୍ୟାଳୟ ପ୍ରଶାସନର ପ୍ରମୁଖ ଅଂଶ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଶୂନ୍ୟ ପଡ଼ିଛି। ବିଭାଗୀୟ ମନ୍ତ୍ରୀ ଏକଥା ବିଧାନସଭାରେ କହିଛନ୍ତି। ଏହି ପରିସ୍ଥିତି କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ରହିନାହିଁ। ସରକାରୀ ମହାବିଦ୍ୟାଳୟ ସ୍ଥିତି ମଧ୍ୟ ତଦ୍ରୂପ। ରାଜ୍ୟର ମୋଟ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ ଅଧ୍ୟାପକ ପଦ ଖାଲିପଡ଼ିଛି। କିନ୍ତୁ ଏହି ଅଭାବ ସତ୍ତ୍ୱେ ପାଠପଢ଼ା ଚାଲିଛି। ଯେତେଦୂର ମନେ ହୁଏ ଠିକା ବ୍ୟବସ୍ଥାରେ ଅପେକ୍ଷାକୃତ କମ ଖର୍ଚ୍ଚ ହେଉଥିବାରୁ ସରକାର ଅଧ୍ୟାପକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାନ୍ତି। ଉଚ୍ଚ ଶିକ୍ଷା କ୍ଷେତ୍ର ମଧ୍ୟ କାମଚଳା ବ୍ୟବସ୍ଥାରେ ଚାଲିଛି। ଯୋଗ୍ୟ ଓ ମେଧା ଶକ୍ତିର ଅପଚୟ ପାଇଁ ଏହା ଏକ ଷଡ଼ଯନ୍ତ୍ର ନୁହେଁ ତ?

## ନିରର୍ଥକ ପ୍ରୟାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୁଣି ଥରେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଯୁକ୍ତି ଦର୍ଶାଇଛନ୍ତି। ଭାରତ-ପାକିସ୍ତାନ ସମେତ ୬ଟି ଯୁଦ୍ଧକୁ ରୋକିବାରେ ତାଙ୍କର ବ୍ୟକ୍ତିଗତ ଉଦ୍ୟମରୁ ସଫଳତା ମିଳିଛି। ତାଙ୍କ ଦାବିର ଯଥାର୍ଥତାକୁ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସାମରିକ ଉତ୍ତେଜନାକୁ ସେ ଯୁଦ୍ଧର ମାନ୍ୟତା ଦେଇ ବାଗାଡ଼ମ୍ବର କରିଛନ୍ତି। 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଏପର୍ଯ୍ୟନ୍ତ ଅସ୍ୱୀକାର କରି ଆସିଥିବା ବେଳେ ନିକଟରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ମଧ୍ୟ ତାହାକୁ ଖଣ୍ଡନ କରିଛନ୍ତି। ଅଥଚ ସେ ନିଜେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସଂଶ୍ଲିଷ୍ଟ ଥିବା ୭୦୦ ଦିନ ଧରି ଗାଜା ବିରୋଧରେ ଚାଲିଥିବା ଇସ୍ରାଏଲର ଆକ୍ରମଣ ଏବଂ ୧୩୦୦ ଦିନରୁ ଊର୍ଦ୍ଧ୍ୱକାଳ ଧରି ରୁଷିଆ – ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ବିଫଳତା ସଂପର୍କରେ ନିରବ ରହିଛନ୍ତି। ଗାଜାରେ ଗଣହତ୍ୟା ଏବଂ ୟୁକ୍ରେନରେ ଯୁଦ୍ଧ ବିଭୀଷିକା ଓ ବୀଭତ୍ସତାର କୌଣସି ପଟାନ୍ତର ନାହିଁ। ସମଗ୍ର ବିଶ୍ୱ ସମୁଦାୟ ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଦୃଢ଼ ମତ ପୋଷଣ କରୁଥିଲେ ହେଁ ଆମ ବ୍ୟବସ୍ଥା ଓ ଅହଂକାରୀ ନେତୃତ୍ୱଙ୍କ ପକ୍ଷପାତପୂର୍ଣ୍ଣ ଆଚରଣ ଏକ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି। ଆମେ ଏଠାରେ ବ୍ୟବସ୍ଥା କହିଲେ ମିଳିତ ଜାତିସଂଘର ଭୂମିକା କିଭଳି ନିରର୍ଥକ ଓ ନିଷ୍ପ୍ରୟୋଜନ ହୋଇପଡ଼ିଛି ତାହା ଦର୍ଶାଇଛୁ।

ଏଥିମଧ୍ୟରେ ମିଳିତ ଜାତିସଂଘ ପ୍ରତିଷ୍ଠା ୮୦ ବର୍ଷରେ ପଦାର୍ପଣ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆନ୍ତର୍ଜାତିକ ସ୍ତରରେ ଶାନ୍ତି, ସଦ୍‌ଭାବ ଓ ସୁରକ୍ଷା ଅତୁଟ ରଖିବା ସହ ଆବଶ୍ୟକ ସ୍ଥଳରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ଏହି ବିଶ୍ୱ ପଞ୍ଚାୟତ ଗଠନ ହୋଇଥିଲା। କିନ୍ତୁ ଅଧିକାଂଶ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ କରିବାକୁ ଅସମର୍ଥ ହୋଇଛି। ତାହାର ପୃଷ୍ଠଭାଗରେ ରହିଛି ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ହାସଲ କରିଥିବା ଆମେରିକା ରୁଷିଆ, ଚୀନ, ବ୍ରିଟେନ ଓ ଫ୍ରାନ୍ସର ଭୂମିକା। ଏମାନଙ୍କ ଭିଟୋ ପ୍ରୟୋଗ କ୍ଷମତା ପ୍ରସଙ୍ଗ ଭିତ୍ତିକ ବହୁମତକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ହୋଇଛି। ତେଣୁ ନିରାପତ୍ତା ପରିଷଦରେ ସଦସ୍ୟତା ବୃଦ୍ଧି ଓ ଆବଶ୍ୟକ ସଂସ୍କାର ଆଣିବା ସକାଶେ ଭାରତ, ଜର୍ମାନୀ, ଜାପାନ ଓ ବ୍ରାଜିଲ ପକ୍ଷରୁ ଦୁଇ ଦଶନ୍ଧି ଧରି ଦାବି କରାଯାଉଥିଲେ ମଧ୍ୟ ଏକ୍ଷେତ୍ରରେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରିନାହିଁ। ସଂପ୍ରତି ସମଗ୍ର ବିଶ୍ୱ ଯୁଦ୍ଧ ଘନଘଟା ଓ ଆତଙ୍କବାଦୀଙ୍କ କାର୍ଯ୍ୟକଳାପରେ କ୍ଷତାକ୍ତ ଓ ପୀଡ଼ିତ। ଏହି ଦୁଇଟି ପ୍ରସଙ୍ଗରେ ଜାତିସଂଘର ଶୀର୍ଷ କ୍ଷମତାରେ ଥିବା ରାଷ୍ଟ୍ର ନିଜର ସ୍ୱାର୍ଥ ରକ୍ଷା ପାଇଁ ଚାପ ଓ ଭିଟୋ ପ୍ରୟୋଗ କରୁଥିବାରୁ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁନି। ଅନୁରୂପ ଭାବେ କୋଭିଡ ମହାମାରୀର ମୃତ୍ୟୁ ବିଭୀଷିକା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅସାମାର୍ଥ୍ୟ ବାରି ହୋଇପଡୁଛି।

ଜାତିସଂଘ ସାଧାରଣ ଆସେମ୍ବ୍ଲି ଅଧିବେଶନ ଚାଲିଥିବା ବେଳେ କେତୋଟି ପ୍ରସଙ୍ଗ ଆମେ ଏଠାରେ ଉପସ୍ଥାପନ କରିବାକୁ ଉଚିତ ମନେ କରୁଛୁ। ପାଲେଷ୍ଟାଇନର ଗାଜାପଟିରେ ଇସ୍ରାଏଲ ନରସଂହାର ଜାରି ରଖିଛି ବୋଲି ମିଳିତ ଜାତିସଂଘର ନିରପେକ୍ଷ ତଦନ୍ତକାରୀ ଆୟୋଗ ରିପୋର୍ଟରେ ଦର୍ଶାଇଛନ୍ତି। ଗାଜାରେ ତୁରନ୍ତ ନିଃସର୍ତ୍ତ ସ୍ଥାୟୀ ଯୁଦ୍ଧ ବିରତି ଏବଂ ତୁରନ୍ତ ପଣବନ୍ଦୀ ଓ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଅଥଚ ୧୪-୧ ଭୋଟ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ସେହି ଗୋଟିଏ ଭୋଟ ହିଁ ଥିଲା ଆମେରିକାର ଭିଟୋ। ଏହି ପ୍ରସଙ୍ଗର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମଧ୍ୟପ୍ରାଚ୍ୟରେ ଆଗକୁ ବିସ୍ଫୋରଣାତ୍ମକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବାର ମନେ ହୁଏ। ସାଉଦୀ ଆରବ ସହ ପାକିସ୍ତାନ ପ୍ରତିରକ୍ଷା ଚୁକ୍ତି କରି ପାରମାଣବିକ ଆତଙ୍କ ସୃଷ୍ଟି କରିଛି। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧ ନେଇ ଜାତିସଂଘର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପୋଲାଣ୍ଡରେ ରୁଷର ଡ୍ରୋନ ପ୍ରବେଶ ଓ ଇସ୍ତୋନିଆରେ ଯୁଦ୍ଧବିମାନ ବାୟୁସୀମା ଉଲ୍ଲଙ୍ଘନ ଘଟଣା ପରିସ୍ଥିତିକୁ ଭିନ୍ନ ମୋଡ଼ ଦେଇଛି। ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅର୍ଥହୀନ ହୋଇପଡୁଥିଲେ ମଧ୍ୟ ତାହାର କୌଣସି ବିକଳ୍ପ ପନ୍ଥା ଦୃଶ୍ୟମାନ ହେଉନାହିଁ।

# ଚାଷୀର ସ୍ୱଭାବ ଓ ସାରର ଅଭାବ

ଡ. ସୀତାକାନ୍ତ ତ୍ରିପାଠୀ

'ଚାଷ ଅଛି ଯାହାର, କି ଆନନ୍ଦ ତାହାର' - ପିଲାଦିନେ ଏହି ଶିଶୁ କବିତାଟି ଶୁଣି ଏବଂ ନିଜେ ଗାଇ ଆମଭଳି ପିଲାମାନେ ଚାଷ କାର୍ଯ୍ୟ ପ୍ରତି ବେଶ୍ ଆଗ୍ରହୀ ହୋଇଥିଲୁ। ସେ ସମୟରୁ ଏପର୍ଯ୍ୟନ୍ତ ଯେତେବେଳେ ଆମେ ଚାଷୀମାନଙ୍କ ସହିତ ଆଳାପ ଆଲୋଚନା କରୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରଥମ ଉତ୍ତର ହେଲା ଆମେ ଗରିବ। ଚାଷ କାର୍ଯ୍ୟକୁ ଆଧାର କରି ବଞ୍ଚିବା କଷ୍ଟକର। ବରଂ ଚାକିରି କରି ମାସକୁ ମାସ ଦରମା ପାଇବ; କିନ୍ତୁ ଚାଷକୁ ଆଧାର କରି ଜୀବନଧାରଣ କରିବା କଷ୍ଟକର। ତା'ଛଡ଼ା ଆମ ସମାଜରେ ସେମାନଙ୍କୁ ପାଞ୍ଚଜଣରେ ଜଣେ ଗଣିବା ଦୂରେ ଥାଉ ସଠିକ ଆଦର କିମ୍ବା ସମ୍ମାନ ଦିଆଯାଏ ନାହିଁ।

ବିଭିନ୍ନ ସ୍ଥାନରେ ଚାଷୀ ଆତ୍ମହତ୍ୟା ହେଉଥିଲେ ମଧ୍ୟ ତା'କୁ ପ୍ରମାଣ କରିବା ଜଣେ ଗରିବ ଚାଷୀ ପରିବାର ପକ୍ଷେ କଷ୍ଟକର। ଆଜିକାଲି ଯଦିଓ କିଛି ହାତଗଣତି ଚାଷୀ ସରକାରୀ ସାହାଯ୍ୟ ସହଯୋଗ ଏବଂ ନିଜସ୍ୱ ପୁଞ୍ଜି ନିବେଶ କରି ଚାଷକୁ ଏକ ଲାଭଦାୟକ ଜୀବିକା କରିପାରିଛନ୍ତି, ତଥାପି ଅଧିକାଂଶ ଲୋକ ଏଥିରୁ ନିଜକୁ ନିବୃତ୍ତ କରି ଅନ୍ୟାନ୍ୟ ବୃତ୍ତି କିମ୍ବା ଚୁକ୍ତିଭିତ୍ତିକ ଚାଷ ବା ଭାଗ ଚାଷରେ ମନ ଦେଲେଣି। ପୂର୍ବରୁ ସୀମିତ ଚାହିଦା ଭିତରେ ଚାଷୀର ଜୀବନ ଯେନତେନ ପ୍ରକାର ଚଳିଯାଉଥିଲେ ମଧ୍ୟ ଅଭାବୀ ବିକ୍ରୀ, କୃଷିଜାତ ଦ୍ରବ୍ୟର ସଂରକ୍ଷଣର ଅସୁବିଧା, ଋତୁଭିତ୍ତିକ ଚାଷକାର୍ଯ୍ୟ, ଦୈବୀ ଦୁର୍ବିପାକ ଆଦି ବିଭିନ୍ନ କାରଣ ଯୋଗୁଁ ତା'ର ଜୀବନ ଦୁର୍ବିସହ ହୋଇ ପଡୁଛି। ଏ ସବୁ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସରକାରମାନେ ପଦକ୍ଷେପମାନ ନେଇ ଆସୁଛନ୍ତି। କିନ୍ତୁ ସେଗୁଡ଼ିକ ପ୍ରଭାବୀ ହୋଇପାରୁ ନ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟାଗୁଡ଼ିକ ଅସମାହିତ ଥିବା ଭଳି ମନେ ହୁଏ।

ବର୍ତ୍ତମାନର କୃଷି ବ୍ୟବସ୍ଥାରେ ଅଧିକାଂଶ ଭାଗଚାଷୀ। ଦୈବୀ ଦୁର୍ବିପାକ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଯଦି ଚାଷ କ୍ଷତିଗ୍ରସ୍ତ ହୁଏ, ତେବେ ଜମି ମାଲିକମାନଙ୍କର ସେମିତି କିଛି କ୍ଷତି ହୁଏନାହିଁ, ବରଂ ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧରିତ ସାହାଯ୍ୟ ସହଯୋଗ ପାଇବା ପାଇଁ ହକ୍‌ଦାର ହୋଇଥା'ନ୍ତି। କିନ୍ତୁ ଅଦ୍ୟାବଧି ଭାଗଚାଷୀ ଆଇନ୍ ସଠିକ୍ ଭାବେ ପ୍ରଣୟନ ହୋଇ ନ ପାରିବା କାରଣରୁ ସେମାନଙ୍କୁ ସାହାଯ୍ୟ କରିବା ଦୂରରେ ଥାଉ ଚିହ୍ନଟ କରିବା ମଧ୍ୟ କଷ୍ଟକର। ପୂର୍ବରୁ ଭାଗଚାଷୀମାନେ ସାଧାରଣ ଭାବେ ଜମିରୁ ଉତ୍ପାଦିତ ଫସଲକୁ ମାଲିକମାନଙ୍କ ସହିତ ଭାଗ କରୁଥିବା ବେଳେ ବର୍ତ୍ତମାନ ପ୍ରାୟତଃ ସେମାନେ ବର୍ଷକୁ ବର୍ଷ ଗୁଣ୍ଠପିଛା ଏକ ନିର୍ଦ୍ଦିଷ୍ଟ ରାଶି କର ହିସାବରେ ପ୍ରଦାନ କରୁଛନ୍ତି। ଯାହାଫଳରେ ସେମାନଙ୍କ ହାତରେ ଜମି ରହୁଛି। ତେଣୁ ସେଥିରୁ କେମିତି ଅଧିକରୁ ଅଧିକ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଅମଳକ୍ଷମ ବିହନ ସହିତ ଅତ୍ୟଧିକ କୃତ୍ରିମ ସାର ଓ କୀଟନାଶକ ଆଦି ପ୍ରୟୋଗ କରିବାରେ ବ୍ୟସ୍ତ। ଅନ୍ୟପକ୍ଷରେ ଆଜିକାଲି ଯଥେଷ୍ଟ ମାତ୍ରାରେ ଭାଗଚାଷୀ ମିଳୁ ନଥିବାରୁ ଜମି ମାଲିକମାନେ ଭାବୁଛନ୍ତି ଯାହାହେଉ ଜମି ପଡ଼ିଆ ପଡ଼ିବା କିମ୍ବା ଅଣାୟତ୍ତ ହୋଇଯିବାର ଭୟରୁ ଅନ୍ତତଃ ମୁକ୍ତି ମିଳିଯାଉଛି। କାରଣ କିଛି ଜମିମାଲିକ ନାମକୁ ମାତ୍ର ବର୍ଷକୁ ଥରେ ଦୁଇଥର ଗାଁକୁ ଯାଇ ବିଲବାଡ଼ିଆଡ଼େ ଆଖି ପକାଇ ଦେଇ ଭାଗଚାଷୀମାନଙ୍କଠାରୁ ଟଙ୍କା ଧରି ଫେରି ଆସିଥା'ନ୍ତି। ବେଳେବେଳେ ଭାଗଚାଷୀମାନେ ଜମି ମାଲିକମାନଙ୍କୁ କିଛି ପନିପରିବା, ଧାନ, ମୁଗ ଦେଇ ଖୁସି କରାଇବା ପାଇଁ ଚାହିଁଥା'ନ୍ତି। ପ୍ରକୃତପକ୍ଷେ ଚାଷର ଉନ୍ନତି ପାଇଁ ଜମି ମାଲିକ ଏବଂ ଭାଗଚାଷୀ ମଧ୍ୟରେ ଥିବା ସମନ୍ୱୟ ଅଭାବରୁ ଏହି ସମସ୍ୟା ବହୁଗୁଣିତ ହୋଇଥାଏ। ଅଧିକାଂଶ ସମୟରେ ଜମି ମାଲିକମାନେ ନିଜ ନିଜର ନାମ ପଞ୍ଜିକରଣ କରି ନ ଥିବାରୁ ଉତ୍ପାଦିତ ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକିବା କଷ୍ଟକର ହୋଇଥାଏ। ତେଣୁ ଭାଗଚାଷୀମାନେ ବିଭିନ୍ନ ଲୋକଙ୍କ ନାଁ ନେଇ ଧାନ ବିଲ ଚାଷ କରିଥା'ନ୍ତି। ଯାହା ଫଳରେ ଉକ୍ତ ଧାନର ପ୍ରକୃତ ମୂଲ୍ୟ ପାଇବାରୁ ଏମାନେ ବଞ୍ଚିତ ହୁଅନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ସାରର ଅଭାବକୁ ନେଇ ରାଜ୍ୟସାରା ତୁମ୍ବିତୋଫାନ ଚାଲିଛି। ଏଥିପାଇଁ କିଛି ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଲେଣି। ତେବେ ପାରମ୍ପରିକ ବିହନ, କମ୍ପୋଷ୍ଟ ଖତ ଓ କୃଷି ପଦ୍ଧତି ଛାଡ଼ି ଆମେ ଯେତେବେଳେ ସଙ୍କରଜାତୀୟ ବିହନ, କୃତ୍ରିମ ସାର ଓ ବୈଜ୍ଞାନିକ କୃଷି ଯନ୍ତ୍ରପାତିର ବ୍ୟବହାର ଆରମ୍ଭ କରିଥିଲେ ସେତେବେଳେ ଆମ ଦେଶକୁ ଖାଦ୍ୟଶସ୍ୟର ବଳକା କରିବା ମୂଳଲକ୍ଷ୍ୟ ଥିଲା। ଯାହାଫଳରେ ମୁଖ୍ୟତଃ ଜଳସେଚିତ ଅଞ୍ଚଳମାନଙ୍କରେ ଧାନ ଓ ଗହମ ଚାଷକୁ ପ୍ରାଧାନ୍ୟ ଦିଆଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏଥିଯୋଗୁଁ ପନିପରିବା, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ କ୍ଷତିଗ୍ରସ୍ତ ହେଲା। ତା' ଛଡ଼ା ଗାଁମାନଙ୍କରେ ଥିବା କୌଳିକ ବୃତ୍ତିଧାରୀ ଓ ଦିନମଜୁରିଆମାନଙ୍କର ଚାହିଦା କମିବାକୁ ଲଗିଲା। ଫଳରେ ସେମାନେ ବିଭିନ୍ନ ସ୍ଥାନକୁ ପ୍ରବାସୀ ଶ୍ରମିକ ବା ଦାଦନ ଶ୍ରମିକ ଭାବେ ଦେଶାନ୍ତର ହେବାକୁ ଲାଗିଲେ। ଏହାକୁ ଲକ୍ଷ୍ୟ କରି କେବଳ ଧାନ ଓ ଗହମ ଚାଷ ଉପରେ ପ୍ରାଧାନ୍ୟ ନ ଦେଇ ଚାଷୀମାନେ କିପରି ଅନ୍ୟାନ୍ୟ ଚାଷ ଓ ଉଦ୍ୟାନ କୃଷି ପାଇଁ ମନ ବଳାଇବେ ସେଥିପାଇଁ ସରକାରୀ ପ୍ରୟାସ ଆରମ୍ଭ ହେଲା। ଚାଷ କାର୍ଯ୍ୟରେ ଯାନ୍ତ୍ରିକ ବ୍ୟବହାର ହେତୁ ଚାଷୀମାନେ ଆଉ ଘରେ ବଳଦ ରଖୁ ନାହାନ୍ତି। ତା' ଛଡ଼ା ଗୋଚର ଜମିର କ୍ରମାଗତ ହ୍ରାସ, ଧାନ ଅମଳ ସମୟରେ ନଡ଼ାକୁ ଅଣଦେଖା କରିବା ହେତୁ ସେମାନେ ଆଉ ଗୋ-ପାଳନ ପ୍ରତି ମଧ୍ୟ ମନ ଦେଉନାହାନ୍ତି। ତେଣୁ ବାରିରେ ଥିବା ଖତଗଦା ଆଜିକାଲି କେବଳ ବହିରେ ପଢ଼ିବା କିମ୍ବା କାହାଣୀ ଶୁଣିବା ପ୍ରସଙ୍ଗ ପାଲଟି ଯାଉଛି। ଯଦିଓ ଜିଆଖତ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ଦିଆଯାଇଛି, ତଥାପି ଏହା ଅଦ୍ୟାବଧି ଜନାଦୃତ ହୋଇପାରିନାହିଁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଧାନର ସର୍ବନିମ୍ନ ସହାୟତା ରାଶି ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବା ଯୋଗୁଁ ତାହା ବର୍ତ୍ତମାନ କୁଇଣ୍ଟାଲ ପିଛା ଏକତିରିଶି ଶହ ଟଙ୍କାରେ ପହଞ୍ଚିଛି। ଯାହାଫଳରେ ଏବର୍ଷ ଚାଷୀ ଧାନଚାଷ ପାଇଁ ବିଶେଷ ଭାବେ ଆକୃଷ୍ଟ ହୋଇଛନ୍ତି। ତା'ସାଙ୍ଗକୁ ଅଦ୍ୟାବଧି ପ୍ରାୟତଃ ସନ୍ତୁଳିତ ବୃଷ୍ଟିପାତ ହେବା ଏହାକୁ ଆହୁରି ଅଧିକ ପ୍ରୋତ୍ସାହିତ କରିଆସିଛି, ଯାହାଫଳରେ ପୂର୍ବବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଅଧିକ ଜମିରେ ବ୍ୟାପକ ଭାବେ ଧାନଚାଷ ହୋଇଥିବା ଦାବି ହେଉଛି। ଏଥିଯୋଗୁଁ ସ୍ୱାଭାବିକ ଭାବେ ସାରର ଚାହିଦା ବଢ଼ିଛି। ଧାନରେ ଯେହେତୁ ୟୁରିଆ ଓ ଅନ୍ୟାନ୍ୟ ସାରର ବହୁଳ ବ୍ୟବହାର ହୁଏ, ଯୋଗାଣ ସୀମିତ ରହିବାରୁ ସାର ସଙ୍କଟ ଲାଗି ରହିଛି। ଯାହାକୁ ୟୁକ୍ରେନ-ଋଷିଆ ଯୁଦ୍ଧ ମଧ୍ୟ ଆହୁରି ଅଧିକ ସଙ୍କଟାପନ୍ନ କରିଛି। ଏହାର ଫାଇଦା ନେଇଛନ୍ତି କଳାବଜାରୀ। ସରକାରୀ ନିୟନ୍ତ୍ରଣ ଅଭାବରୁ ସାର ସମସ୍ୟା ଉତ୍କଟ ହେବାରେ ଲାଗିଛି।

ଶେଷରେ ଏତିକି କୁହାଯାଇପାରେ ଚାଷୀମାନଙ୍କୁ ସାର ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଚାଷୀମାନେ କିପରି ବହୁମୁଖୀ ଚାଷ ପାଇଁ ଆଗ୍ରହୀ ହେବେ ସେଥିପାଇଁ ମଧ୍ୟ ସରକାର ଚେଷ୍ଟିତ ହେବା ଜରୁରୀ। ତେଣୁ କେବଳ ଧାନ ନୁହେଁ, ବରଂ ଅନ୍ୟାନ୍ୟ ସବୁ ଚାଷ ପାଇଁ ସର୍ବନିମ୍ନ ସହାୟତା ରାଶି ଏବଂ ସହଜ ଓ ସରଳ ଋଣ ଯୋଗାଇବାର ଆବଶ୍ୟକତା ରହିଛି। ଫଳରେ ଏକ ସନ୍ତୁଳିତ କୃଷି ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହାଛଡ଼ା ପରିକଳ୍ପିତ ଯୋଜନା କେବଳ କାଗଜକଲମ, ଭାଷଣ, ଆକ୍ଷେପ ଓ ପ୍ରତ୍ୟାରୋପ ମଧ୍ୟରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ରୂପାନ୍ତରିତ ହେବା ଜରୁରୀ। ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କୃଷି ଅଧିକାରୀମାନେ ପ୍ରକୃତରେ ଧାନଚାଷ ହୋଇଥିବା ଜମିର ପରିମାଣକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆକଳନ କରି ରିପୋର୍ଟ ଦେଇ ପାରିଲେ ତାହା ସାରର ଚାହିଦା ଓ ଯୋଗାଣ ମଧ୍ୟରେ ସମତୁଲତା ପ୍ରତିଷ୍ଠା ହୋଇପାରନ୍ତା। କେବଳ କାର୍ଯ୍ୟାଳୟରେ ବସିରହିଲେ କିମ୍ବା ଗାଁ ମୁଣ୍ଡରୁ ତଥ୍ୟ ଯୋଗାଡ଼ କରିଦେଲେ ଏହା ସମ୍ଭବ ହୋଇପାରିବ ନାହିଁ। ପ୍ରକୃତ ଚାଷୀମାନଙ୍କ ସହିତ ଯୋଗାଯୋଗ କରିବାର ସମୟ ଏବେ ଉପଗତ। ଏହାଫଳରେ ଚାଷୀମାନେ ଉପକୃତ ହେବା ସହିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ରୋକାଯାଇ ପାରିବ। ଯେହେତୁ ସରକାରୀ ନଥିପତ୍ରରେ ଥିବା କୃଷକମାନଙ୍କ ସଂଖ୍ୟା ଏବଂ ଜମିର ପରିମାଣ ପ୍ରକୃତ ଚାଷୀ ଓ ଜମିର ପରିମାଣ ଭିତରେ ଫରକ ରହୁଛି, ତେଣୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାରର ସୁବଣ୍ଟନ ହୋଇ ପାରୁନାହିଁ। ମନେରଖିବା ଦରକାର ଚାଷୀର ପରିବର୍ତ୍ତିତ ସ୍ୱଭାବ ସହିତ ସାରର ଅଭାବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ।

ଅର୍ଣ୍ଣପାଳ(ଭଦ୍ରକ),
ମୋ: ୯୭୭୮୭୬୪୩୯୪

# ଶରୀର ଦାନ: ଏକ ଆନ୍ଦୋଳନ

ସୁଧାଂଶୁ ଶେଖର ଧଡ଼ା

ରାଷ୍ଟ୍ରର ବିଭିନ୍ନ ସମ୍ବଳ ମଧ୍ୟରୁ ମାନବ ସମ୍ବଳ ହେଉଛି ପ୍ରଥମ ଆବଶ୍ୟକତା। ସେଥିପାଇଁ ରାଷ୍ଟ୍ରର ନାଗରିକ ସୁସ୍ଥ, ସବଳ ଓ ଦୀର୍ଘଜୀବୀ ହେବା ନିହାତି ଆବଶ୍ୟକ। ଏଥିରେ ଡାକ୍ତରୀ ସେବା ଓ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶ ସ୍ୱାଧୀନତା ହେବା ସମୟରୁ ଇତିମଧ୍ୟରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅନେକ ଉନ୍ନତି ଘଟିଥିଲେ ହେଁ ଜନସଂଖ୍ୟା ଓ ଡାକ୍ତର ଅନୁପାତରେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଧାର୍ଯ୍ୟ ମାନକଠାରୁ(୧୦୦୦:୧) ଯଥେଷ୍ଟ କମ୍ ରହିଛି। ଡାକ୍ତରୀ ଶିକ୍ଷା କ୍ଷେତ୍ର ଜଟିଳ। ସାଢ଼େ ପାଞ୍ଚବର୍ଷର ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମର ପ୍ରଥମ ବର୍ଷ ହିଁ ମାନବ ଶରୀର ସମ୍ପର୍କିତ ଅଧ୍ୟୟନ ଓ ବ୍ୟବଚ୍ଛେଦର ଶିକ୍ଷାଦାନ ହୋଇଥାଏ। ପ୍ରତି ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନିମିତ୍ତ ପ୍ରଥମ ବର୍ଷ ଶରୀରତତ୍ତ୍ୱ ଶିକ୍ଷା ଓ ବ୍ୟବଚ୍ଛେଦ ନିମିତ୍ତ ଛଅଟି ମୃତଦେହ ଆବଶ୍ୟକ ପଡ଼େ। ତାହା ପୁଣି ପଚିଶଢ଼ି ନଷ୍ଟ ହୋଇଯାଇଥିବା ଶରୀର ନୁହେଁ। ବର୍ତ୍ତମାନ ରାଜ୍ୟର ମେଡିକାଲ କଲେଜ ସଂଖ୍ୟା ଦୃଷ୍ଟିରୁ ଏହି ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ପ୍ଲାଷ୍ଟିକ ଶରୀରରେ ପାଠପଢ଼ା ହେଉଛି। ଡାକ୍ତରଖାନାଗୁଡ଼ିକରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ଶରୀରକୁ ଆତ୍ମୀୟମାନେ ଧର୍ମବିଶ୍ୱାସ ଆଧାରରେ ସତ୍କାର କରିବାକୁ ନେଇଯା'ନ୍ତି। ଦାବିଦାର ନଥିବା ମର ଶରୀର ସତ୍କାର କଲେ ସ୍ଥାନୀୟ ପ୍ରଶାସନ ପ୍ରାୟ ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବାରୁ ସ୍ୱେଚ୍ଛାସେବୀ ସଂସ୍ଥା ସତ୍କାର ନିମିତ୍ତ ନେଇଯା'ନ୍ତି। ତେଣୁ ଡାକ୍ତର ହେବା ପାଇଁ ପ୍ରଥମ ଆବଶ୍ୟକତା ବ୍ୟବଚ୍ଛେଦ ନିମିତ୍ତ ମର ଶରୀରଟିଏ ସହଜରେ ମିଳେନାହିଁ।

ବର୍ତ୍ତମାନ ରାଜ୍ୟରେ ୧୫ ଟି ସରକାରୀ ମେଡିକାଲ କଲେଜ ଏବଂ ତିନୋଟି ଘରୋଇ ମେଡିକାଲ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆବଶ୍ୟକ ୧୦୮ଟି ଆଇନସଙ୍ଗତ ସତେଜ ମରଶରୀର ଏକ ମୌଳିକ ଓ ପ୍ରାଥମିକ ଆବଶ୍ୟକତା। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କି ପ୍ରତିବନ୍ଧକ ଦୂର କରିବାକୁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହି ରାୟ ଅନୁଯାୟୀ, 'ଦି ଓଡ଼ିଶା ଆନାଟୋମି ଆକ୍ଟ ୧୯୭୫'ର ସଂଶୋଧନ କରି 'ଦି ଓଡ଼ିଶା ଆନାଟୋମି (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୨'କୁ ରାଜ୍ୟ ସରକାର ୨୦୧୩ ମସିହାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନର ଧାରା ୫-କ(୧) କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ମେଡିକାଲ ଶିକ୍ଷା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଭାବରେ ନିଜର ମୃତ୍ୟୁ ପରେ ମର ଶରୀର ଦାନ ଏବଂ ଆବଶ୍ୟକ କରୁଥିବା ଅନ୍ୟବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ନିମିତ୍ତ ଅଙ୍ଗଦାନ ଏକ ଆଇନସିଦ୍ଧ ଜନଆନ୍ଦୋଳନରେ ପରିଣତ ହୋଇପାରିଛି।

ଇତିମଧ୍ୟରେ ମାନସିକତା ପରିବର୍ତ୍ତନ ହୋଇଛି। ହଜାର ହଜାର ମହାନୁଭବୀ ବ୍ୟକ୍ତି ଆଜି ଚିକିତ୍ସା ବିଜ୍ଞାନର ପ୍ରଗତି ଓ ଉତ୍ତମ ଡାକ୍ତର ସୃଷ୍ଟି ଉଦ୍ଦେଶ୍ୟରେ ମୃତ୍ୟୁ ପରେ ଶରୀରଦାନ ଇଚ୍ଛାପତ୍ର ପାଇଁ ଆଗ୍ରହ ପ୍ରକାଶ କଲେଣି। ଗତ ପାଞ୍ଚବର୍ଷ ମଧ୍ୟରେ ଶତାଧିକ ମର ଶରୀର ରାଜ୍ୟର ବିଭିନ୍ନ ମେଡିକାଲ କଲେଜକୁ ଦାନ କରାଗଲାଣି। ଅନ୍ୟପକ୍ଷରେ ମୃତ୍ୟୁ ପରେ ଶରୀରରୁ ବିଭିନ୍ନ ରୋପଣଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗ ଦାନ ପାଇଁ ମଧ୍ୟ ଲୋକେ ଆଗ୍ରହ ପ୍ରକାଶ କଲେଣି। 'ଶରୀର ଦାନ' ଓ 'ଅଙ୍ଗଦାନ' ଭାବରେ ପୃଥକ ସାମାଜିକ ଆନ୍ଦୋଳନ ଏବେ ରାଜ୍ୟରେ ଲୋକପ୍ରିୟତା ଲାଭ କରୁଛି। ରାଜ୍ୟ ସରକାର ଅଙ୍ଗଦାନକାରୀଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦେବାର ବିଧି ଓ ପରମ୍ପରା ଆରମ୍ଭ କରିଛନ୍ତି।

ଭାରତରେ ମେଡିକାଲ କଲେଜଗୁଡ଼ିକ ନିମିତ୍ତ ଶରୀରଦାନର ଇଚ୍ଛାପତ୍ର ପ୍ରକାଶ କରିବାର ପରମ୍ପରା ବିଶ୍ୱବିଖ୍ୟାତ ହେତୁବାଦୀ ପ୍ରଫେସର ଆବ୍ରାହମ କଭୁର ଆରମ୍ଭ କରିଥିଲେ। ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଅଧ୍ୟାପନା ବୃତ୍ତିରୁ ଅବସରପରେ ବିଭିନ୍ନ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ଅଲୌକିକ ଅବଧାରଣା, ଆଧ୍ୟାତ୍ମିକତା ଆଦି ନାମରେ ସରଳବିଶ୍ୱାସୀ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ନିମିତ୍ତ ଅଲୌକିକତା ଅନାବରଣ ଅଭିଯାନ ଆରମ୍ଭ କରିଥିଲେ। ମୃତ୍ୟୁପରେ ମେଡିକାଲ କଲେଜଗୁଡ଼ିକୁ ମର ଶରୀର ଦାନ ତାଙ୍କଦ୍ୱାରା ଭାରତରେ ଆରମ୍ଭ କରାଯାଇଥିବା ଏକ ସାମାଜିକ ଆନ୍ଦୋଳନ। ତାଙ୍କ ଅନୁଗାମୀମାନେ ବିପୁଳ ସଂଖ୍ୟାରେ ଏଭଳି ଇଚ୍ଛାପତ୍ର ଲେଖିଥିଲେ। ପ୍ରଫେସର କଭୁର ନିଜେ ଏବଂ ତାଙ୍କ ପତ୍ନୀଙ୍କ ଶରୀରକୁ ମୃତ୍ୟୁ ପରେ ମେଡିକାଲ୍ ଶିକ୍ଷାର ବିକାଶ ପାଇଁ ଦାନ କରିବାକୁ ଇଚ୍ଛାପତ୍ର ଲେଖିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ସତୁରୀ ଦଶକରେ ଲେଖିଯାଇଥିବା ଆକଳନ ଆଜି ବାସ୍ତବ ରୂପ ନେଇସାରିଛି।

ମନୁଷ୍ୟ ଶରୀରର ବ୍ୟବଚ୍ଛେଦ ନିମିତ୍ତ ପ୍ରତିବନ୍ଧକ ମୁକ୍ତ ପରିବେଶ ଷୋଡ଼ଶ ଶତାବ୍ଦୀରେ ନଥିଲା। ୧୫୬୪ ଖ୍ରୀଷ୍ଟାବ୍ଦରେ ବେଲଜିୟମ ଜନ୍ମିତ ଚିକିତ୍ସକ ଆଣ୍ଡ୍ରିଏସ ଭିସାଲିଉସ ସର୍ବପ୍ରଥମେ ମନୁଷ୍ୟ ଶରୀର ବ୍ୟବଚ୍ଛେଦ କରି ଶରୀରତତ୍ତ୍ୱ ବିଜ୍ଞାନକୁ କେତେକ ନିର୍ଭୁଲ ତଥ୍ୟ ଦେଇଥିଲେ। ଭିସାଲିଉସ୍ ମନୁଷ୍ୟ ଶରୀରର ଜୈବିକ କ୍ରିୟା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ନିମିତ୍ତ କବର ଖୋଳି ପ୍ରଥମେ ପଚାଶଢ଼ା ଶବ ଗୋପନୀୟ ଭାବରେ ବ୍ୟବଚ୍ଛେଦ କରିଥିଲେ। ସେ ସମୟର ଧର୍ମଧାରଣା ଅନୁଯାୟୀ ଏହା ଅପରାଧ ଥିଲା। ଈଶ୍ୱରଙ୍କ ଦାନ 'ଶରୀର'ର ବ୍ୟବଚ୍ଛେଦ ମନୁଷ୍ୟ କରିବା ଅପରାଧ ହୋଇଥିବା ଅବଧାରଣାରୁ ତାଙ୍କୁ ଦଣ୍ଡ ସ୍ୱରୂପ ପ୍ରବଳ ତୁଷାରପାତ ସମୟରେ ଖାଲି ପାଦରେ ତୀର୍ଥଯାତ୍ରାରେ ଯିବାକୁ ବାଧ୍ୟ କରାଯିବା ଫଳରେ ସେ ମୃତ୍ୟୁମୁଖରେ ପଡ଼ିଲେ। ସେ ଆଉ କିଛି ବର୍ଷ ବଞ୍ଚିରହିଥିଲେ ଆଜି ଚିକିତ୍ସାବିଜ୍ଞାନ ଆହୁରି ଉନ୍ନତ ହୋଇପାରିଥା'ନ୍ତା। ସେ ପ୍ରଥମେ ମାନବ ଶରୀର ବ୍ୟବଚ୍ଛେଦ କରିଥିବାରୁ ତାଙ୍କୁ ବ୍ୟବଚ୍ଛେଦ ବିଜ୍ଞାନର ଜନକ କୁହାଯାଇଛି। ମାନବ ସମାଜର ସ୍ୱାସ୍ଥ୍ୟଗତ ପ୍ରଗତି ନିମିତ୍ତ ଚିକିତ୍ସାବିଜ୍ଞାନର ପ୍ରଗତି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ଜଣେ ମା', ଦୁଇ ପ୍ରଜାତିର ଶିଶୁ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଜଣେ ମାତା ଦୁଇଟି ଭିନ୍ନ ଭିନ୍ନ ପ୍ରଜାତିର ଶିଶୁଙ୍କୁ ଜନ୍ମ ଦେବା କଥା ମନକୁ ଆଣିଥାଏ ପୌରାଣିକ କାହାଣୀଟିଏ, ଯେଉଁଥିରେ ଉଗ୍ରସେନଙ୍କ ପତ୍ନୀ ପଦ୍ମାବତୀ ଦାନବ କଂସାସୁର ଏବଂ ମାନବୀ ଦେବକୀଙ୍କୁ ଜନ୍ମ ଦେବା କଥା ଉଲ୍ଲେଖ ରହିଛି। ଏହା ଏବେ ବାସ୍ତବରେ ଦେଖାଯାଇଛି ଏକ ପ୍ରଜାତିର ପିମ୍ପୁଡ଼ିଠାରେ। ସାଧାରଣତଃ ଏକ ସଜୀବଠାରୁ ଜନ୍ମିତ ଶିଶୁଟି ତାହାରି ପ୍ରଜାତିର ହୋଇଥାଏ। ତେବେ ପିମ୍ପୁଡ଼ିମାନଙ୍କର 'ମେସର ଇବେରିକସ୍' ପ୍ରଜାତିଟି ଏହି ଧାରଣାକୁ ବଦଳାଇ ଦେଇଛି। ଏମାନଙ୍କର 'ରାଣୀ'ମାନେ 'ମେସର ଷ୍ଟ୍ରକ୍ଟର' ନାମକ ଭିନ୍ନ ଏକ ପ୍ରଜାତିର ଅଣ୍ଡିରା ପିମ୍ପୁଡ଼ିଙ୍କୁ ଜନ୍ମ ଦେଉଥିବା ଗବେଷକମାନେ ଜାଣିପାରିଛନ୍ତି।

ଏହି ଅଧ୍ୟୟନଟି କରାଯାଇଥିଲା ଫ୍ରାନସ, ଇଟାଲୀ, ବୁଲଗେରିଆ ଓ ଅଷ୍ଟ୍ରିଆର ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଏବଂ ଏହାର ଫଳାଫଳ ପ୍ରକାଶିତ ହୋଇଥିଲା ଗବେଷଣା ପତ୍ରିକା 'ନେଚର' (୩, ସେପ୍ଟେମ୍ବର ୨୦୨୫)ରେ। ଉକ୍ତ ଗବେଷଣାପତ୍ରର ଅନ୍ୟତମ ଲେଖକ ଫ୍ରାନସର 'ୟୁନିଭରସିଟି ଅଫ୍ ମଣ୍ଟପେଲିଏର'ର ଜୈବବିଜ୍ଞାନୀ ଜୋନାଥନ୍ ରୋମିଂଗୁଇର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଏହି ପ୍ରଜାତିର ପିମ୍ପୁଡ଼ିମାନଙ୍କ କଲୋନୀଗୁଡ଼ିକରେ 'ରାଣୀ'ମାନେ ସନ୍ତାନ ଜନ୍ମ ଦିଅନ୍ତି ଏବଂ ପୁରୁଷମାନେ ଏଥିପାଇଁ ଶୁକ୍ରାଣୁ ଯୋଗାଇଥା'ନ୍ତି। ସେମାନଙ୍କ ମଧ୍ୟରେ ଥା'ନ୍ତି ଅଧିକ ସଂଖ୍ୟକ ବନ୍ଧ୍ୟା ମହିଳା ଶ୍ରମିକ, ଯେଉଁମାନେ ବସାବାନ୍ଧିବା, ଶିଶୁମାନଙ୍କ ଯତ୍ନ ନେବା ଆଦି କାର୍ଯ୍ୟ କରନ୍ତି। କିନ୍ତୁ ଯେତେବେଳେ ରୋମିଂଗୁଇର ଏବଂ ତାଙ୍କ ସହଯୋଗୀମାନେ 'ମେସର ଇବେରିକସ୍' ପ୍ରଜାତିର ମହିଳା ଶ୍ରମିକମାନେ ସମସ୍ତେ ସଂକର(ହାଇବ୍ରିଡ୍) ହୋଇଥିବାର ଦେଖିଲେ ସେମାନେ ବିସ୍ମୟାବିଭୂତ ହୋଇପଡ଼ିଲେ। ଏଗୁଡ଼ିକଙ୍କଠାରେ ଥିବା ଅର୍ଦ୍ଧେକ ଡିଏନ୍ 'ମେସର ଷ୍ଟ୍ରକ୍ଟର୍'ଙ୍କ ସହିତ ମେଳ ଖାଉଥିଲା।

ଅବଶ୍ୟ ପିମ୍ପୁଡ଼ି ପ୍ରଜାତିମାନଙ୍କ ମଧ୍ୟରେ ଏପ୍ରକାର ସଂକରୀକରଣ ଅଜଣା ନୁହେଁ। କାରଣ ଅନେକ ରାଣୀ ପିମ୍ପୁଡ଼ି ଅନ୍ୟପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରି ସଂକର ଶ୍ରମିକ ସୃଷ୍ଟି କରିବାର ଦେଖାଯାଏ। କିନ୍ତୁ ଭୂମଧ୍ୟସାଗରୀୟ ଅଞ୍ଚଳରେ ବାସ କରୁଥିବା 'ମେସର ଇବେରିକସ'ଙ୍କ କଲୋନୀଗୁଡ଼ିକର ସଂପର୍କ ସ୍ଥାପନ କରିହେଲା ଭଳି ଦୂରତା ମଧ୍ୟରେ କୌଣସି 'ମେସର ଷ୍ଟ୍ରକ୍ଟର' କଲୋନୀ ନଥିଲା। ଅତଏବ ଏହି ରାଣୀମାନେ ସେ ପ୍ରଜାତିର ପୁରୁଷମାନଙ୍କ ସଂପର୍କରେ ଆସିଲେ କିପରି?

ଏହାର ଉତ୍ତରଟିଏ ପାଇବା ପାଇଁ ରୋମିଂ ଗୁଇରଙ୍କ ଟିମ୍ 'ମେସର ଇବେରିକସ' କଲୋନୀମାନଙ୍କରୁ ଡିଏନ୍ଏ ନମୁନାମାନ ସଂଗ୍ରହ କରିବାକୁ ଲାଗିଲେ। ସେମାନେ ଏଥିମଧ୍ୟରେ ଅନେକ 'ମେସର ଷ୍ଟ୍ରକ୍ଟର' ବାସ କରୁଥିବାର ଦେଖିବାକୁ ପାଇଲେ। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଲା ଯେ ଏଗୁଡ଼ିକର ଜୀବକୋଷସ୍ଥ ମିଟୋକୋଣ୍ଡ୍ରିଆରେ ଥିବା ଡିଏନ୍ଏ ଆସିଛି 'ମେସର ଇବେରିକସ'ଙ୍କଠାରୁ। ଏଭଳି ଡିଏନ୍ଏ କେବଳ ମା'ଠାରୁ ହିଁ ଆସିଥାଏ। ଅତଏବ ଏହାର ଅର୍ଥ ହେଲା ଯେ ଏବର 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କର ମା'ହେଲେ 'ମେସର ଇବେରିକସ୍' ପ୍ରଜାତିର ରାଣୀ। ତତ୍ପରେ ବୈଜ୍ଞାନିକମାନେ କିଛି 'ମେସର ଇବେରିକସ୍' 'ରାଣୀ'ମାନଙ୍କୁ ଅଲଗା ରଖି ସେମାନଙ୍କ ଅଣ୍ଡାଗୁଡ଼ିକୁ ପରୀକ୍ଷା କଲେ। ତହିଁରୁ ୧୦ ଶତାଂଶ ସଂପୂର୍ଣ୍ଣ ରୂପେ 'ମେସର ଷ୍ଟ୍ରକ୍ଟର' ଅନୁରୂପ ହୋଇଥିବାର ଜଣାପଡ଼ିଲା। ଏହା ତାଙ୍କୁ ବିସ୍ମୟକର ମନେ ହେଲା ସତେଯେପରି ମଣିଷର ଗର୍ଭାଶୟରେ ସିଂପାଞ୍ଜିର ଭ୍ରୂଣ ଭଳି।

ଏହି ଅଧ୍ୟୟନରୁ ବୈଜ୍ଞାନିକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ 'ମେସର୍ ଇବେରିକସ୍' ପ୍ରଜାତିର ରାଣୀମାନେ ଦୁଇଟି ଅଲଗା ଅଲଗା ପ୍ରଜାତିକୁ ଜନ୍ମ ଦିଅନ୍ତି। ଏଥିପାଇଁ ସେମାନେ ପିଢ଼ି ପିଢ଼ି ଧରି ଜନ୍ମଗତ ଭାବେ 'ସ୍ପର୍ମାଥେକା' କୁହାଯାଉଥିବା ଏକ ବିଶେଷ ଧରଣର ଅଙ୍ଗରେ କ୍ଲୋନିଂ ମାଧ୍ୟମରେ ସଂଚୟ କରି ରଖିଥା'ନ୍ତି। 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କ ଶୁକ୍ରାଣୁର ଜିନୀୟପଦାର୍ଥ। ଏହି ଅଣ୍ଡାଗୁଡ଼ିକରେ କେବଳ 'ମିଟୋକୋଣ୍ଡ୍ରିଆ' ବ୍ୟତୀତ ଅନ୍ୟତ୍ର 'ମେସର ଇବେରିକସ' ଡିଏନଏ ନଥିଲା। ଦୁଇଟି ପ୍ରଜାତିର ପୁରୁଷ ସୃଷ୍ଟି କରିବା ଦ୍ୱାରା ରାଣୀମାନେ ନିଶ୍ଚିତ କରୁଥିଲେ ଯେ ସେମାନଙ୍କ କନ୍ୟାମାନେ ଯେତେବେଳେ ନୂତନ 'ରାଣୀ' ପାଲଟିବେ ସେମାନେ ଉଭୟ ପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରିବାର ସୁଯୋଗ ପାଇପାରିବେ। ନୂଆ 'ରାଣୀ' ଜନ୍ମଦେବାକୁ 'ମେସର ଇବେରିକସ' ପୁରୁଷଙ୍କ ଶୁକ୍ରାଣୁ ଏବଂ ମହିଳା ସଂକର ଶ୍ରମିକ ତଥା 'ମେସର ଷ୍ଟ୍ରକ୍ଟର' ପୁରୁଷ ପାଇଁ ସେହି ପ୍ରଜାତିର ଶୁକ୍ରାଣୁ ବ୍ୟବହାର କରିପାରିବେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ୨୦୨୨-୨୩ରେ ଓଡ଼ିଶାର...

ନୀତିର ସଫଳ ପ୍ରଣୟନ କାରଣରୁ ଓଡ଼ିଶା ନିଜସ୍ୱ ଆର୍ଥିକ ସ୍ଥିତି ସୁଦୃଢ କରିବାରେ ସଫଳତା ପାଇଥିଲା । ନିରନ୍ତର ଭାବେ ରାଜସ୍ୱ ଅଭିବୃଦ୍ଧି ଘଟିବା ସହ କେନ୍ଦ୍ର ଉପରେ ନିର୍ଭରଶୀଳତା ମଧ୍ୟ ଦ୍ରୁତ ହ୍ରାସ ପାଇଥିଲା । ଯାହାଫଳରେ ରାଜ୍ୟ ସରକାର ବହୁବିଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିପାରିଥିଲେ । ଏଥିରେ ବିଏସ୍‌କେୱାଇ, ମିଶନ ଶକ୍ତି, କାଳିଆ, ଦକ୍ଷତା ବିକାଶ, ୫-ଟି ସ୍କୁଲ, ଜନଜାତି ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ସୁବିଧା ଓ ଦାରିଦ୍ର୍ୟ ଦୂରୀକରଣ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ସେହିପରି ନିଜସ୍ୱ ପାଣ୍ଠିରେ ତତ୍କାଳୀନ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଦୁଇ ଦଶନ୍ଧିରୁ ଅଧିକ ଏଭଳି ସଫଳତା ପାଇଁ ସାଢ଼େ ଚାରି କୋଟି ଓଡ଼ିଆଙ୍କର ନିରନ୍ତର ସମର୍ଥନ ବିନା ସମ୍ଭବପର ହୋଇପାରି ନ ଥାନ୍ତା । ଏଥିପାଇଁ ନବୀନ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଫିକାପଡ଼ିବ ପାର୍ବଣ...

ବର୍ଷା ରେକର୍ଡ କରାଯାଇଛି । ଏହାସହିତ ଭଦ୍ରକ ୩୭, ବଲାଙ୍ଗିର ୨୪ ଓ ବୌଦ୍ଧରେ ୨୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ କିଛି ପରିମାଣରେ ବର୍ଷା ଜାରି ରହିବ । ମଙ୍ଗଳବାର ସୁନ୍ଦରଗଡ଼ ଓ ସମ୍ବଲପୁରରେ ସବୁଠୁ ଅଧିକ ବର୍ଷା ହୋଇପାରେ । ଅନ୍ୟପଟେ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ, ସେପ୍ଟେମ୍ବର ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଲଘୁଚାପ ପୂର୍ବକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ସେପ୍ଟେମ୍ବର ୨୬ ତାରିଖ ପାଖାପାଖି ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଅବପାତରେ ପରିଣତ ହେବାର ଅଧିକ ସମ୍ଭାବନା ରହିଛି । ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଉଛି । ଏଥିପାଇଁ କିଛି ଜିଲ୍ଲା ପାଇଁ ପ୍ରବଳ ବର୍ଷା ଜନିତ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ କିଛି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜନିତ ଚେତାବନୀ ଜାରି ହୋଇଛି ।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି । ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

### ଧୋଇଗଲା ପ୍ରଥମାର୍ଦ୍ଧ...

ଶୁଣାଯାଉ ନ ଥିଲା । ଏପଟରେ ଗୃହ ନ ଚାଲିବା ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ାହୋଇ ପୋଷ୍ଟର ଦେଖାଇ ପ୍ରତିବାଦ କରିଥିଲେ । ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେଡି ସଦସ୍ୟ ନିଜ ନିଜ ଆସନକୁ ନ ଫେରିବାରୁ ବାଚସ୍ପତି ଗୃହକୁ ୧୦ଟା ୩୭ ମିନିଟରୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ । ବିଜେଡିର ପ୍ରତିବାଦ ସମ୍ପର୍କରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ । ପ୍ରତି ମୁହୂର୍ତ୍ତରେ ଗଣତନ୍ତ୍ରର ତଣ୍ଟି ଚିପି ଚାଲିଛନ୍ତି । କ୍ୟାବିନେଟରେ ନିଷ୍ପତ୍ତି ବଳରେ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଭୁଶୁଡ଼େଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିବା ଆବଶ୍ୟକ । ଏନେଇ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି । ମାତ୍ର, ରାଜ୍ୟ ବିଜେପି ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି । ଏହା ଓଡ଼ିଶା ପାଇଁ 'କଳା ଦିନ' ବୋଲି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି ପ୍ରସଙ୍ଗରେ ଆମେ ବିଧାନସଭାରେ ଆଲୋଚନା କରିବାକୁ ଚାହିଁଥିଲା ବେଳେ ବାଚସ୍ପତି ଏହାକୁ ଅନୁମୋଦନ ଦେଲେ ନାହିଁ । ଏହି ପ୍ରସଙ୍ଗ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପ୍ରସଙ୍ଗ ଅଟେ । ଯଦି ଜିଲ୍ଲା ପରିଷଦ ସଭ୍ୟ, ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷଙ୍କର କ୍ଷମତା ରହିବ ନାହିଁ, ସବୁଯାକ ଯଦି ବାବୁରାଜରେ ଚାଲିବ, ତା'ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି ।

### କଂଗ୍ରେସର ଅନାସ୍ଥା...

ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଗୃହ ସ୍ୱାଭାବିକ ନ ଥିବାରୁ ଏହା ଗୃହକୁ ଆସି ପାରି ନ ଥିଲା । ଗୃହରେ ଅଚଳାବସ୍ଥା ଯୋଗୁଁ ନୋଟିସର ଅବଧି ସରିଯାଇଥିବାରୁ ଏହାକୁ ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି କହିଛନ୍ତି ।

ବାଚସ୍ପତି ଅନାସ୍ଥା ନୋଟିସ ଅଗ୍ରାହ୍ୟ କରାଯାଇଥିବା ଘୋଷଣାରେ ବିଧାନସଭା ଗୃହ ତ୍ୟାଗ କରିଛନ୍ତି କଂଗ୍ରେସ ବିଧାୟକ । ବିଧାନସଭା ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଧାୟକମାନେ ଧାରଣାରେ ବସିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଆମେ ସାଢ଼େ ୪ କୋଟି ଜନତାଙ୍କ କଥା ବିଧାନସଭାରେ କହିବାକୁ ଚାହୁଁଥିଲୁ; ଗଣତନ୍ତ୍ରକୁ ସୁରକ୍ଷା ଦେବା ବାଚସ୍ପତିଙ୍କ ଦାୟିତ୍ୱ । ବିଧିବ୍ୟବସ୍ଥା ଅନୁଯାୟୀ କଂଗ୍ରେସ ଅନାସ୍ଥା ନୋଟିସ୍ ଆଣିଥିଲା । କିନ୍ତୁ ଶାସକ ବିଜେପି ବାଚସ୍ପତିଙ୍କ ଜରିଆରେ ଗଣତନ୍ତ୍ରକୁ ହତ୍ୟା କରିଛି । କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସରକାର ଭୟଭୀତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି । ଆମକୁ ସଂଖ୍ୟାହୀନ କହି ସେମାନେ ସମାଲୋଚନା କରୁଥିଲେ, ମାତ୍ର ଭୟ କରି ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କଲେ । ପିମ୍ପୁଡ଼ି ମଧ୍ୟ ହାତୀକୁ ନଚାଇବାକୁ ସମର୍ଥ । ନ୍ୟାୟ ପାଇଁ ଆମେ କକ୍ଷତ୍ୟାଗ କରିଛୁ । ଆଗକୁ ରଣକୌଶଳ ପ୍ରସ୍ତୁତ ହେବ ଓ କିପରି ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି ।

ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିଲା । ଦଳର ୧୪ ବିଧାୟକଙ୍କ ସମେତ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମର୍ଥନରେ ମୋଟ୍ ୧୫ ଜଣ ବିଧାୟକଙ୍କ ଦସ୍ତଖତରେ କଂଗ୍ରେସ ଏହି ପ୍ରସ୍ତାବ ଆଣିଥିଲା । ଅନାସ୍ଥାରେ ସମର୍ଥନ ଦେବାକୁ କଂଗ୍ରେସ ବିଜେଡିର ସହଯୋଗ ଲୋଡ଼ିଥିବା ବେଳେ ଏନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ସପକ୍ଷରେ ସହଯୋଗ ଲୋଡ଼ିଥିଲେ । ମାତ୍ର ଏହା ଆଜି ଅଗ୍ରାହ୍ୟ ହୋଇଯିବା ପରେ କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି ।

### ରାଜପଥ ତଳୁ...

ବର୍ଷାଜଳ ସିଧାସଳଖ ରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାର ତଳଭାଗ ଅତଡା ଖସିଯାଇଛି । ଫଳରେ ରାସ୍ତାର ଏକାଧିକ ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଯାତାୟାତ ସ୍ୱାଭାବିକ ରହିପାରୁନି । ସୂଚନା ପାଇ ବିଡିଓ ଉମାଶଙ୍କର କୋୟା ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ଯଦି ବର୍ଷା ଏଭଳି ଜାରି ରୁହେ, ତେବେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବାର ସମ୍ଭାବନା ରହିଛି । ବିଗତ ବର୍ଷ ମଧ୍ୟ ଏହି ସ୍ଥାନରେ ମାଟି ଅତଡା ଖସିବା ଯୋଗୁଁ ଲମ୍ବା ସମୟ ପର୍ଯ୍ୟନ୍ତ ବଣ୍ଡାଘାଟି ଯାତାୟାତ ବାଧାଗ୍ରସ୍ତ ହୋଇଥିଲା । ପୁଣିଥରେ ସେଇ ପରିସ୍ଥିତି ପୁନରାବୃତ୍ତି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହିତ ଭୟର ପରିବେଶ ସୃଷ୍ଟି ହୋଇଛି ।

### ପୁଣି ଭାସିଗଲା...

ବ୍ୟବସାୟ ବନ୍ଦ ହୋଇଛି । ଏହା ଗଞ୍ଜାମ-କନ୍ଧମାଳ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଶୀଘ୍ର ସ୍ୱାଭାବିକ ନହେଲେ ବହୁ ପରିବାର ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇଯିବ ବୋଲି କୁହାଯାଇଛି । ପ୍ରତିଦିନ ବର୍ଷାରେ ୫୦ କି.ମି ବୁଲି ଚକାପାଦ ଘାଟିରେ ବଡ଼ବଡ଼ ଗାଡ଼ି ଆସିବା କଷ୍ଟକର ହୋଇଥିବା ବେଳେ ଅଧିକ ସମୟ ସହ ଅଧିକ ଯାତ୍ରୀ ଭଡ଼ା ଦେବାକୁ ପଡ଼ୁଛି । ଚକାପାଦ ରାସ୍ତାରେ ମଧ୍ୟ ବିଭିନ୍ନ ସ୍ଥାନରେ ଘାଟି ରାସ୍ତା ଦୁର୍ବଳ ଥିବା ଅଭିଯୋଗ ହେଉଛି ।

### ଚୌଦ୍ୱାର ଥାନାରେ...

ରସାନନ୍ଦଙ୍କୁ ପୁଲିସ ବାରାକରେ ରଖିବା ସହ ଅଧିକ ତଥ୍ୟ ହାସଲ କରିବା ନିମନ୍ତେ ନିସ୍ତୁକ ପିଟିଥିଲା । ଏପରିକି ଅଭିଯୁକ୍ତର ଭାଇଙ୍କ ସମ୍ମୁଖରେ ଥାନାର ପଛପଟ ରୁମରେ ଏକ ପାଇପ୍ ଯୋଗେ ପୁଲିସ ନିସ୍ତୁକ ମାଡ଼ ମାରିଥିଲା ବୋଲି ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି । ତେବେ ଗତକାଲି ବିଳମ୍ବିତ ରାତିରେ ପୁଲିସ ମାଡ଼ରେ ଅତିଷ୍ଠ ହୋଇ ରସାନନ୍ଦ ନିଜ ପ୍ୟାଣ୍ଟରେ ପିନ୍ଧିଥିବା ବେଲ୍ଟକୁ ବେକରେ ବାନ୍ଧି ବାରାକ୍‌ରେ ଥିବା ପାଇଖାନା ଘରେ ଝୁଲି ପଡ଼ିଥିଲେ । ରସାନନ୍ଦର ଚିତ୍କାର ଶୁଣି ଥାନାରେ ଥିବା କର୍ମଚାରୀ ସେଠାକୁ ଧାଇଁ ଆସିଥିଲେ । ଘଟଣାସ୍ଥଳରେ ରସାନନ୍ଦ ଝୁଲୁଥିବା ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲ (ଏସସିବି)କୁ ପଠାଇଥିଲେ । ସେଠାରେ ଟ୍ରମା କେୟାରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଆଜି ରସାନନ୍ଦଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଖବର ପାଇ ମୃତକଙ୍କ ପରିବାରଲୋକେ ଏସ୍‌ସିବିରେ ପହଞ୍ଚି ପୁଲିସ ତାଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ କରିଥିଲେ ।

ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଚୌଦ୍ୱାର ପୁଲିସର ଯେ କୌଣସି ଅଧିକାରୀଙ୍କୁ ପଚାରିବାରୁ ସେ ଥାନାରେ ନଥିଲେ ବୋଲି କହି ପ୍ରସଙ୍ଗରୁ ଏଡ଼ାଇ ଯାଇଥିଲେ । ପ୍ରତ୍ୟେକ ଥାନାରେ ସିସିଟିଭି ରହିବା ବିଭାଗ ପକ୍ଷରୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଚୌଦ୍ୱାର ଥାନାରେ କେଉଁଠି ସିସିଟିଭି ଲାଗିଛି, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି । ପୁଲିସର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଅଭିଯୁକ୍ତ ଆତ୍ମହତ୍ୟା କରିଥିଲେ ମଧ୍ୟ କମିସନରେଟ୍ ପୁଲିସ ଏ ବାବଦରେ ସ୍ପଷ୍ଟ କରିନାହିଁ । ଗୋଟିଏପଟେ ଅଭିଯୁକ୍ତକୁ ଜଣେ ଥାନା କର୍ମଚାରୀ ଜଗିବାର ନିୟମ ରହିଥିବା ବେଳେ କିଭଳି ସେ ହାଜତରୁ ଖସି ନିଜ ବେଲ୍ଟ ଦ୍ୱାରା ବାରକ୍ ପାଇଖାନାରେ କେଉଁଭଳି ଆତ୍ମହତ୍ୟା କଲେ, ସେନେଇ ନିରପେକ୍ଷ ତଦନ୍ତ ହେବା ସହ ଏହି ଘଟଣାରେ ଦାୟୀ ପୁଲିସ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷରେ, ଏଡିସିପି ଅମରେନ୍ଦ୍ର ପଣ୍ଡା ଓ ଏସିପି ଅରୁଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିପାରନ୍ତି । ପେଟ ଜନିତ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶରୁ ଲାଭ ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ମାନସିକ ଚିନ୍ତା ଦୂର ହେବ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

# ହନିଟ୍ରାପ୍ ଘଟଣାରେ ୩ ଗିରଫ

## ଜଣେ ଫେରାର, ୫ ମୋବାଇଲ ଜବତ

ନିଶ୍ଚିନ୍ତକୋଇଲି, ୨୨।୯ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗତ କିଛି ବର୍ଷ ହେବ ଚାଲିଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ସୋମବାର ଦିନ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଏହି ତିନି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପରେ ଥାନା କେଶ୍ ନଂ ୧୭୦/୨୫ରେ ମାମଲା ରୁଜୁ କରି ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଆସାମୀ ଫେରାର୍ ଥିବା ବେଳେ ତାଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଚଢ଼ଉ ଜାରି ରହିଛି । ସୂଚନାନୁଯାୟୀ, ଏ ଅଞ୍ଚଳର ଦୁଇ ସାଟେଲାଇଟ୍ ଟିଭି ଚ୍ୟାନେଲର ସାମ୍ବାଦିକ ଓ ଜଣେ ମହିଳା ମିଶି ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ କଟକ ସଦର ଅଞ୍ଚଳର ବହୁ ଶିକ୍ଷକ, ଡାକ୍ତର, ନର୍ସିଂହୋମ୍ ମାଲିକ ଓ ଅନ୍ୟାନ୍ୟ ଧନୀଶ୍ରେଣୀୟ ବ୍ୟକ୍ତିମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ । କିଛି ଦିନ ତଳେ, କଟିକଟା ବଜାରର ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ଯୋଜନାବଦ୍ଧ ଭାବେ ଜାଲରେ ଫସାଇ ତାଙ୍କଠାରୁ ୨.୫ଲକ୍ଷ ଟଙ୍କା ନେଇଥିଲେ । ଏହି ଔଷଧ ବ୍ୟବସାୟୀଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ଯାଜପୁର ଜିଲ୍ଲା ବଡ଼ଚଣା ଥାନାରେ ୩ଦିନ ରଖାଯାଇ ନିର୍ଯାତନା ମଧ୍ୟ ଦିଆଯାଇଥିଲା । ଘଟଣାର କିଛି ଦିନ ପରେ ଔଷଧ ଦୋକାନୀଙ୍କର ପୁଅ ପ୍ରଦୀପ୍ତ ସାହୁ ନିଶ୍ଚିନ୍ତକୋଇଲି ଥାନା ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ହୋଇ ସମସ୍ତ ଘଟଣାର ପର୍ଦ୍ଦାଫାସ୍ ହୋଇଛି । ଏ ସଂକ୍ରାନ୍ତରେ ଔଷଧ ବ୍ୟବସାୟୀଙ୍କ ପୁଅ ପ୍ରଦୀପ୍ତ ସାହୁ ଦୁଇ ସାମ୍ବାଦିକ ଶୁଭାଶିଷ ବସନ୍ତରାୟ ଓ ଅସିତ ସାମଲଙ୍କ ନାଁରେ ଅଭିଯୋଗ କରିବା ପରେ ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ଦୁଇ ଅଭିଯୁକ୍ତ ସାମ୍ବାଦିକଙ୍କ ମଧ୍ୟରୁ ଶୁଭାଶିଷଙ୍କୁ ଗିରଫ କରାଯାଇଛି । ଟଙ୍କା କାରବାରରେ ନିଶ୍ଚିନ୍ତକୋଇଲି ବଜାରରେ ଚା' ଦୋକାନ କରିଥିବା ହିମାଂଶୁ ଶେଖର ଲେଙ୍କା ସଂପୃକ୍ତ ଥିବାରୁ ତାଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ଏହାଛଡ଼ା ଏହି ହନିଟ୍ରାପ୍ ଘଟଣାରେ ସଂପୃକ୍ତ ଥିବା ମହିଳା ମାହାଙ୍ଗା ଶୁକ୍ଳେଶ୍ୱର ଅଞ୍ଚଳର ଇତିଶ୍ରୀ ମହାନ୍ତି ପୁଲିସ ଦ୍ୱାରା ଗିରଫ ହୋଇଛି । ସାମ୍ବାଦିକ ଅସିତ୍ ସାମଲ ଫେରାର ଥିବାରୁ ପୁଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।


**Office of the Principal**
**SCIENCE HIGHER SECONDARY SCHOOL, GUDARI, DIST. RAYAGADA**
Email ID – principalinchargesgic@gmail.com

**RECRUITMENT NOTICE**

Applications are invited from eligible candidates for filling up of 2 (Two) numbers of 4th grade (Peon) employee against the existing vacancy on 89 days basis. The appointment is purely temporary and with a consolidated remuneration of **Rs. 5000/- per month.** The minimum educational qualification of the applicants is H.S.C. or equivalent with Odia as a language subject and must be within the age group of 21–38 years.

Applicants should send their resume with necessary self-attested documents to the Principal-in-Charge, Science Higher Secondary School, Gudari, Dist- Rayagada, PIN-765026 within 20 days from the date of publication of this advertisement by Speed post only.

The interview will be held on 15.10.2025 at 11 AM in the institution premises. No TA/DA will be admissible for attending the interview. The authority reserves the right to cancel/modify/postpone the interview without assigning any reason thereof.

Principal-in-Charge-cum-Secretary
Science Higher Secondary School
Gudari, Dist- Rayagada

**OFFICE OF THE NODAL PRINCIPAL, KORAPUT**
Dist-Koraput (Odisha)
(WORKING UNDER ODISHA ADARSHA VIDYALAYA SANGATHAN)
Phone : 7978897651
E-mail : principalomavjeypore@gmail.com

Letter No. 014/25 Date : 20-09-2025

**EMPANELMENT OF PART TIME CONTRACTUAL TEACHER PGT(CHEMISTRY) (EXTENSION OF DATE IN THE ADVERTISEMNET PUBLISHED IN "THE SAKALA" ODIA NEWS PAPER DAILY DATED 17-09-2025)**

It is hereby notified that a Walk-in-Interview(Document Verification) will be conducted for one post of PGT(CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26. The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website (https://koraput.odisha.gov.in/notice/recruitment/archive-recruitment) published on 25 March 2025. Deserving candidate will have to be physically present along with prescribed filled-in application form along with all self attested copies of relevant documents on 26 September 2025, 10 AM at OAV, Machhara, near Koraput Town.

**Current Vacancy : PGT (CHEMISTRY) - 01 number at OAV, Nilabadi of Bandhugaon Block**

(By order of Collector & DM, Kora put)
Sd/-
Principal, OMAV, Jeypore
& Nodal Principal, OAVs. Koraout

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 2230/OSOU/2025 Dt. 22.09.2025

**NOTICE FOR EXTENSION OF EOI-CUM-RFP SUBMISSION DATE**

Ref No.: **EOI- Notice No. 1999/OSOU/2025 Dtd. 26-08-2025**

With reference to the notice cited above, this is for the information of all concerned that last date for submission of EOI and RFP documents for implementation of e-Evaluation of Answer scripts in Odisha State Open University, Sambalpur, Odisha is being extended till **09th October, 2025 (05.00 PM)**.

All other Terms and Conditions of the EOI documents / Corrigendum shall remain unchanged and Prospective Bidders are advice to visit the University website www.osou.ac.in regularly for any updates.

Sd-
Registrar

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, BOUDH**
Circuit House Campus, Boudh, P.O./Dist- BOUDH- 762 014
website : www.opepa.in email: dpcboudhssa.opepa@nic.in
ସମଗ୍ର ଶିକ୍ଷା समग्र शिक्षा Samagra Shiksha

No. 1367 Date 20.09.2025

**TENDER CALL NOTICE**

Sealed tenders are invited from the intending registered suppliers/ vendors having valid GSTIN and PAN for supply of Resource Materials for the Saksham Resource Centre for the CWSN to be opened at 3 (three) nos. of PM SHRI Schools of Boudh District. The supplier shall have to furnish their offer price item wise as mentioned in the bid after going through the terms and conditions of the tender published in **Boudh district website www.boudh.odisha.gov.in and OSEPA website www.osepa.odisha.gov.in.**

The tender should reach the office through Registered / Speed Post to the undersigned on or before **07.10.2025 by 5.00 P.M.** The tenders shall be opened on **08.10.2025 at 10.00 A.M** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.

*By the order of Collector-cum-Chairman, SS,Boudh*
DEO-cum-DPC
Samagra Shiksha, Boudh

OIPR-27138/11/0001/2526 n-162

**GOVERNMENT OF ODISHA, "e"-PROCUREMENT NOTICE OFFICE OF THE BLOCK DEVELOPMENT OFFICER, NANDAPUR ON P.R & D.W DEPARTMENT**

i-318

**Tender call Notice**
E-mail-ori-nandapur@nic.in
Tender Call Notice No.-eTcn03/NANDAPUR/2025-26

Letter no: Dated:-

**Bid Identification No. B.D.O, Nandapur -eTcn03/Nandapur/2025-26**

The Block Development Officer, Nandapur on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 4 Nos
3. Tender Cost & EMD : To be remitted online through a process as mentioned In DTCN
4. Class of Contractor : As mentioned in DTCN
5. Available of Bid Document in the Website : From Dt.26.09.2025 11.00 AM to 10.10.2025 Upto 5.30 pm.
6. Date of opening of Bid : Dt.15.10.2025 at 11.00 AM
7. They have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum /Cancellation of tender can also be seen in the said website.

Sd/- Block Development Officer, Nandapur

OIPR-19118/11/0005/2526

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPSBPSIG-KAVACH-092025

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ଼ (JSGR)-ଏକ୍ସ-ସିଙ୍ଗାପୁର ରୋଡ଼ ଜଂକ୍ସନ (SPRD), ଏକ୍ସ-ଲାଖୋଲି (LAE)-ଟିଟିଲାଗଡ଼ (TIG) ଏବଂ ସମ୍ବଲପୁର ଜଂକ୍ସନ (SBP)-ଏକ୍ସ-କେରେଜଙ୍ଗା (KPJG) ସେକ୍ସନ ମଧ୍ୟରେ କବଚ ଉପକରଣଗୁଡ଼ିକର ସର୍ବେକ୍ଷଣ, ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।"

ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 129,93,43,287.32, EMD (ଟଙ୍କାରେ): 66,46,700/-, କାର୍ଯ୍ୟ ଶେଷ ହେବା ଅବଧି : 30 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.11.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/କବଚ/ ମୁଖ୍ୟାଳୟ/ଭୁବନେଶ୍ୱର

PR-111/CI/25-26

**କବଲା ହଜିଛି**

ମୁଁ ସୁବାଷ ଚନ୍ଦ୍ର ସାହୁ, ପିତା - ମାଟିଆ ସାହୁ, ପୋ-ଓଡଗାଁ, ଜିଲ୍ଲା- ନୟାଗଡରେ ବାସ କରେ । ମୁଁ ଜଣାଉଛି କି ମୁଁ ମୋ ଘରୁ ବଜାରକୁ ଯାଉଥିବା ସମୟରେ ଅରକ୍ଷିତ ସାହୁଙ୍କ ମୂଳ କବଲା ଡିଡ ନଂ. ୧୬୦୬, ତାରିଖ ୧୮.୦୮.୧୯୯୨ ଓ ତା ସହିତ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟିରେ ଝୁଲୁଥିବା ସମୟରେ ତା.୦୫.୦୯.୨୦୨୫ରିଖ ଦିନ ୨ ଘଟିକା ସମୟରେ ହଜିଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ ।

**SALE**

TATA LPT 1512,MODEL 2023, Regn. No -OD-02-CH-6412, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**SALE**

TATA LPT 1512,MODEL 2023, Regn. No -OD-02-CJ-9801, in as is where is condition., Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

I Silalipi Sahoo W/o Srikant Kumar Sahoo, Resident of Plot No 1184/4, Nayapalli, Nilakantha Nagar, Near Debroy college, Bhubaneswar Urban, Odisha, PIN-751012, declare by this affidavit No.32 dtd 26.08.2025 that now onwards I shall be known as **SILALIPI SAHU** for all future purposes.

**AFFIDAVIT**

I, Balaram Khemundu, S/o- Mangaraj Khemundu, resident of Vill./Po.- Attanda, Ps.- Padwa, Dist.- Koraput, Odisha, Pin-764041 declare by this affidavit No-88, dtd-22.09.2025 that, I have changed my daughter's name from **Suramilata Khemundu** to **Sarmilata Khemundu**. Henceforth she will be known as **Sarmilata Khemundu** for all future purposes.
Sd/- Balaram Khemundu

**କବଲା ହଜିଛି**

ମୁଁ ସୁମନ କୁମାର ମହାପାତ୍ର, ପିତା- ସୁବାଷ ଚନ୍ଦ୍ର ମହାପାତ୍ର, ମହିପୁର, ଜିଲ୍ଲା: ନୟାଗଡରେ ବାସ କରେ । ମୁଁ ଜଣାଇବାକୁ ଚାହୁଁଛି ଯେ, ମୋ ମା ମଞ୍ଜୁବାଳା ମହାପାତ୍ରଙ୍କର ମୂଳ କବଲା ନଂ. ୧୧୩୭୧୧୦୫୬୭୪, ତା.୦୪.୧୧.୨୦୧୧ରିଖ ଏବଂ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟି ରେ ଲାଗିଥିବା ସମୟ ରେ ତା.୧୫.୦୫.୨୦୨୫ରିଖ ଦିନ ୧୨ଘ.୩୦ମି. ସମୟରେ ଚୋରି ହୋଇଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ ।

**AFFIDAVIT**

By virtue of an affidavit C.F.No.1266 sworn before the executive Magistrate, Kuchinda, Dist: Sambalpur dated 04-09-2025, Somanath Kallo S/O Mayadhar Kallo resident of Vill: Gulujipali (Kalopada) PO: Katarkela, P.S: Jamankira Dist: Sambalpur declared that my correct name is Somanath Kallo and my wife's correct name is Bebby Pradhan in all documents but my sons birth certificate my name wrongly mentioned as Somanatha Kallo and my wife's name wrongly mentioned as Bebby Kallo. Henceforth, I declare that my real, actual name is Somanath Kallo and my wife's correct name is **Bebby Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh vide No.1193 dated. 20.09.2025, I Nakul Podh, S/o- Sadananda Podh, resident of Ghulipali, Ward no.-18, Bargarh, Po./Ps./Dist.- Bargarh state that, my daughter's name is **Jagyasini Podh** but in her Aadhar card her name is mentioned as **Titiska Podh**, which is her nick name. Hence **Jagyasini Podh** and **Titiska Podh**, D/o- Nakul Podh is same and one person.

**AFFIDAVIT**

I, Mehboob Bano Abidi, W/o- Syed Ali Abidi, resident of Danial Apartment, Medical Road, Akbar Market Dodhpur, Civil Lines, Aligarh, Uttar Pradesh, India vide affidavit no.123 dated 20.09.2025 state that, I have changed my name from **Mehboob Bano** to **MEHBOOB BANO ABIDI**. Henceforth I shall be known as **MEHBOOB BANO ABIDI** for all future purposes.
Sd/- **Mehboob Bano Abidi**

**AFFIDAVIT**

By virtue of an affidavit No- *5680* sworn before Executive Magistrate,Angul,dated - 22/09/2025 . I Jitu Behera, Address At-Sabalabanga PO-Kumurisingha Ps-Angul Sadar Dist-Angul PIN-759129 declare that I have changed my name from Jitendra Behera to Jitu Behera .Henceforth, I shall be known as **Jitu Behera** for all purposes.
**Jitu Behera**

**AFFIDAVIT**

By virtue of an affidavit sworn before the Executive Magistrate Jajpur, Dated 22nd. September 2025, No-9383, I, Kanakalata Kar, D/o-Late Madhusudan Mishra, Vill- Ghantiali, Post- Baniapal, Ps- Binjharpur, Dist- Jajpur, Odisha, Pin-755027 declare that I have changed my name from Ki-anaklata Kar to Kanakalata Kar. Henceforth,I shall be known as Kanakalata Kar for all Purposes.
**Sd/- Kanakalata Kar**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/09/2025. I, **Sai Swayam Sahu** (new name), formerly called as **Swayam Kumar Sahu** (old name), S/o- Biswa Ranjan Sahu, permanent resident of At-Sargiguda, W. No. 4, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Swayam Kumar Sahu** (old name) to **Sai Swayam Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sai Swayam Sahu** (new name).
**Sai Swayam Sahu**

**AFFIDAVIT**

By virtue of an affidavit sworn before Executive Magistrate ,Bhubaneswar dated 16.9.2025 CF no. 7 . I Smt. Pinki Patra, W/o- Sanjay Kumar Patra, At- Tamudia, P.o- Shyamsundar, Ps.: Rairangapur, Dist.: Mayurbhanj , Odisha, Pin-757050 have changed my minor son's name from Samanath Patra to Somanath Patra. Henceforth, he shall be known as Somanath Patra for all purposes.
**Pinki Patra**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 20/09/2025. I, **Neelima Panigrahi,** aged about 30 years, W/O Omkar Hota, permanent resident of R.T.O. Chowk, PO/PS/Dist- Balangir, Odisha, PIN- 767001 at present residing At/PO/PS- Titilagarh, Dist- Balangir, Odisha, PIN- 767033 declare that, now I want to change my name from **Neelima Panigrahi** (old name) to **Neelima Hota** (new name). Henceforth, I shall be known as **Neelima Hota** (new name) for all purposes.

**AFFIDAVIT**

By virtue of an affidavit before Executive Magistrate, Cuttack, I do hereby solemnly affirm that my actual name is Tilotama Naik wife of Chandan Naik as per my Aadhaar card No.891932006157. But in my Punjab National Bank Passbook No. 08682191038950 my name has been mentioned as Puja Nayak. I hereby declare that Tilotama Naik and Puja Nayak is one and same person i.e myself. That the aforesaid Passbook has been lost and inspite of my best effort I could not trace it out.

● ବଙ୍ଗୋପ ସାଗରରେ ଲଘୁଚାପ

# ୨୫ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଚନ୍ଦନେଶ୍ୱର, ୨୨।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସହିତ ଉପକୂଳରେ ପ୍ରବଳ ବର୍ଷା



ହେବାର ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗ ତରଫରୁ ଉଦୟପୁର, ତାଳସାରୀ, ରଣସିଂପୁର ଓ କୀର୍ତ୍ତନିଆ ମତ୍ସ୍ୟବତରଣ କେନ୍ଦ୍ର ମାନଙ୍କରେ ସତର୍କ ସୂଚନା ଜାରି କରାଯାଇଛି । ଏହାକୁ ଲକ୍ଷ୍ୟ କରି ଚନ୍ଦନେଶ୍ୱର ମତ୍ସ୍ୟ ବିଭାଗ ତରଫରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ତାଳସାରୀ, ଉଦୟପୁର, ରଣସିଂପୁର, କୀର୍ତ୍ତନିଆ ପ୍ରଭୃତି ମତ୍ସ୍ୟବତଣ କେନ୍ଦ୍ରରେ ଥିବା ଡ଼ଙ୍ଗା ଚାଳକ ଓ ମତ୍ସ୍ୟଜୀବୀଙ୍କୁ ଆଜି ସୋମବାରଠାରୁ ଆସନ୍ତା ୨୫ ତାରିଖ ଯାଏଁ ସମୁଦ୍ରକୁ ଯାଇ ମାଛ ମାରିବାକୁ ବାରଣ କରାଯାଇଛି । ଏ ବିଷୟରେ ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସାମୁଦ୍ରିକ ଅନନ୍ତ କୁମାର ଜେନା ସୂଚନା ପ୍ରଦାନ କରିଛନ୍ତି । ଫଳରେ ଡ଼ଙ୍ଗା ମାଲିକମାନେ ନିଜ ନିଜର ଡ଼ଙ୍ଗା ଗୁଡ଼ିକୁ ଉପକୂଳରେ ଥିବା ସୁରକ୍ଷିତ ସ୍ଥାନମାନଙ୍କରେ ରଖୁଥିବାର ଦେଖାଯାଇଛି ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଯୁଗ୍ମ ଜନଶୁଣାଣି ଶିବିର

# ୧୭୧ ଅଭିଯୋଗରୁ ୧୭ଟିର ତତ୍କାଳ ଫଇସଲା

ବାହାନଗା,୨୨।୯ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସଭାଗୃହରେ ଆଜି ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ବିଭିନ୍ନ ବିଭାଗରୁ ସମୁଦାୟ ୧୭୧ ଗୋଟି ଅଭିଯୋଗ ଆସିଥିବା ବେଳେ ଜିଲ୍ଲାପାଳ ବିଭିନ୍ନ ବିଭାଗ ମାଧ୍ୟମରେ ୧୭ଟି ଅଭିଯୋଗର ତତ୍କାଳ ସମାଧାନ କରାଇଥିବାର ସୂଚନା ମିଳିଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,



ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଲଭିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ରାଉତ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମନ୍ତରାୟ, ବାହାନଗା ତହସିଲଦାର ଶଙ୍କର ପଟ୍ଟନାୟକ, ବାହାନଗା ବିଡ଼ିଓ ଶୁଭଶ୍ରୀ ଟୁଡୁଙ୍କ ସହ ବିଦ୍ୟୁତ, ଖନ୍ତାପଡ଼ା ଥାନା, ଅବକାରୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି, ଶିକ୍ଷା, ଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ସହ ଅନ୍ୟାନ୍ୟ ବିଭାଗର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣୀ ଶିବିରରେ ସମୁଦାୟ ୧୭୧ଟି ଅଭିଯୋଗ ଆସିଥିଲା । ସେଥିରୁ ସର୍ବାଧିକ ରେସନ କାର୍ଡ, ଭତ୍ତା, ଜମିଜମା, ପ୍ରଧାନମନ୍ତ୍ରୀ ଆବାସ, ସୁଭଦ୍ରା ଯୋଜନା ସଂକ୍ରାନ୍ତୀୟ ଅଭିଯୋଗ ଆସିଥିଲା । ଏମିତି କି ୧୭୧ଟି ଅଭିଯୋଗ ମଧ୍ୟରୁ ବାହାନଗା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ନାମରେ ୩୩ଟି ଅଭିଯୋଗ ଆସିଥିବା ବେଳେ ତହସିଲ ପ୍ରଶାସନ ସଂକ୍ରାନ୍ତୀୟ ୨୫ଟି ଅଭିଯୋଗ ଆସିଥିବା ଜଣାପଡିଛି । ୧୭୧ ଅଭିଯୋଗ ମଧ୍ୟରୁ ୧୭ ଗୋଟି ଅଭଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା କରାଜିଥିବା ଜଣାପଡିଛି । ସେପଟେ ଅନେକ ଅଭିଯୋଗକାରୀ ଜନ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଅଭିଯୋଗର ସମାଧାନ ହେଉନଥିବାରୁ ଅନେକ ଅଭିଯୋଗକାରୀ କ୍ଷୋଭ ପ୍ରକାଶ କରିଛନ୍ତି ।

# ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ଜଳେଶ୍ୱର ବ୍ଲକ/ଜଳେଶ୍ୱର,୨୨।୯ (ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ଜଳେଶ୍ୱର ଥାନା ପକ୍ଷରୁ ଆଇଆଇସି ଜୟନ୍ତ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ଏକ ଶାନ୍ତି କମିଟି ବୈଠକ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏସଡିପିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ତହସିଲଦାର ସତ୍ୟଜିତ ମହାନ୍ତି, ବିଦ୍ୟୁତ ବିଭାଗ ଏସଡିଓ ବିଦ୍ୟାଧର ପଣ୍ଡା, ଅତିରିକ୍ତ ତହସିଲଦାର ନିଧିବେହେରା, ଅବକାରୀ ଥାନା ଅଧିକାରୀ ଚନ୍ଦନ କୁମାର ନାୟକ ପ୍ରମୁଖ ଅତିଥି ମାନେ ମଞ୍ଚରେ ଉପସ୍ଥିତ ରହି ପୂଜା ର ନୀତିନିୟମ ବାବଦରେ ବିଧିବଦ୍ଧ ଭାବେ ଆଲୋଚନା କରିଥିଲେ । ବିଶେଷ କରି ଅବକାରୀ ବିଭାଗ ପକ୍ଷରୁ ପୂଜା ସମୟରେ ନିଶା ବିକ୍ରି ବନ୍ଦ କରିବା, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରାସ୍ତା ମରାମତି କରିବା, ବିଦ୍ୟୁତ ଯୋଗାଣ, ନୂଆ



ବଜାର ଛକ ଓ ଷ୍ଟେସନ ଛକ ଠାରେ ଟ୍ରାଫିକ ବ୍ୟବସ୍ଥା, ଦ୍ରୁତ ଗାଡ଼ି ଚାଳନା ବନ୍ଦ କରିବା ଉପରେ ଆଲୋଚନା ହୋଇଥିଲା ।ଉକ୍ତ ବୈଠକରେ ଆଇନଜୀବୀ ସତ୍ୟସୁନ୍ଦର ଦାସ, କମଳ ଚକ୍ରବର୍ତ୍ତୀ, ସୁକୁମାର ରଣା, ସୁଧୀର କୁମାର ମହାନ୍ତି, ସୁକାନ୍ତ କୁମାର ଦେ, ରାଜୀବ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପୂଜାର ପ୍ରମୁଖ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ । ପୂଜା ମଣ୍ଡପ ପାଇଁ ସାଉଣ୍ଡ ଓ ବିଦ୍ୟୁତ ସଂଯୋଗ ପାଇଁ ଗତବର୍ଷ ଗ୍ରାମାଞ୍ଚଳ ପାଇଁ ୨୫୦୦ ଟଙ୍କା ଓ ସହରାଞ୍ଚଳ ପାଇଁ ୩୫୦୦ ଜମା ଦେବା ପାଇଁ ବିଦ୍ୟୁତ ବିଭାଗ ଏସଡିଓ ବିଦ୍ୟାଧର ପଣ୍ଡା ସୂଚନା ଦେଇଥିବା ବେଳେ ଅତିରିକ୍ତ ତହସିଲଦାର ନିଧି ବେହେରା ଆସନ୍ତା ୨୪,୨୫ ଓ ୨୬ ତାରିଖ ୧୦ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ପ୍ରମୁଖ ପୂଜା ମଣ୍ଡପ କର୍ମକର୍ତ୍ତା ମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅନୁମତି ନେଇ ରସିଦ କାଟିପାରିବେ । ଏହା ବ୍ୟତୀତ ପୋଲିସ ପକ୍ଷରୁ ଜଳେଶ୍ୱର ର ବିଭିନ୍ନ ଅଞ୍ଚଳରେ ତୀକ୍ଷ୍ଣ ନଜର ରହିବ ବୋଲି ଆଇଆଇସି ଜୟନ୍ତ କୁମାର ବେହେରା କହିବା ସହିତ ପୂଜାରେ ସୀମିତ ୪ଟି ବକ୍ସ ୬୫ ଡେସିବଲରେ ଚାଲିବ ଓ ଡିଜେ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସୂଚନା ଦେଇଥିଲେ । ଉକ୍ତ ଶାନ୍ତି କମିଟି ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ଡାଟାଏଣ୍ଟ୍ରି ଅପରେଟର

ସିମୁଳିଆ, ୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଜନ ମଙ୍ଗଳ ଅଧିକାରୀ ବିଭାଗର ଡାଟା ଏଣ୍ଟ୍ରି ଭାବେ କାର୍ଯ୍ୟରତ ବିଶ୍ୱରଞ୍ଜନ ପ୍ରଧାନ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଭଦ୍ରକ ଜିଲ୍ଲା ନୂଆନନ୍ଦ ଅଞ୍ଚଳର ନରେଶ ମୁଦୁଲି ଏସିଏସଟି ବିଭାଗର ସାର୍ଟିଫିକେଟ ଆବେଦନ କରିବା ପାଇଁ କିଛି ଦିନ ତଳେ ଆସିଥିଲେ । ସେହି ସମୟରେ ବିଭାଗର ଡାଟା ଏଣ୍ଟ୍ରି ଭାବେ କାର୍ଯ୍ୟ କରୁଥିବା ବିଶ୍ୱରଞ୍ଜନ ୧୦ ହଜାର ଟଙ୍କା ନରେଶଙ୍କୁ ଦାବି କରିଥିଲେ । ନରେଶ ତାଙ୍କୁ ୫ ହଜାର ଟଙ୍କା ଦେବା ପାଇଁ କହି ରାଜି କରାଇଥିଲେ । ନରେଶ ଏ ବିଷୟରେ ଭଦ୍ରକ ଭିଜିଲାନ୍ସ ସହିତ ଆଲୋଚନା କରିବା ପରେ ଆଜି ଭଦ୍ରକ ଓ ବାଲେଶ୍ୱର ୬ ଜଣିଆ ଭିଜିଲାନ୍ସ ଟିମ୍ ୫ ହଜାର ଟଙ୍କା ନେବା ସମୟରେ ବିଶ୍ୱରଞ୍ଜନଙ୍କୁ ମାଡି ବସିଥିଲେ ।

# ମହାବୀର ଆଖଡା ସଂଘର କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୨୨।୯ (ସମିସ): ମହାବୀର ଆଖଡ଼ା ସଂଘର ଚଳିତବର୍ଷର ଶାରଦୀୟ ଦୁର୍ଗାପୂଜା ଅବସରରେ ପ୍ରଥମ କାର୍ଯ୍ୟକାରିଣୀ ସଭା ମଠସାହି ନଣ୍ଡା ଗୋସ୍ୱାମୀ ମଠ ପରିସରରେ ସଂଘର ସଭାପତି ଗୋପୀନାଥ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଗତ ସାଧାରଣ ସଭାରେ ସିଦ୍ଧାନ୍ତ ଅନୁସାରେ ବୃକ୍ଷରୋପଣ, ରକ୍ତଦାନ ଶିବିର ଓ ଚିତ୍ରକଳା ପ୍ରତିଯୋଗୀତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଥିବା ପ୍ରକାଶ ପାଇଥିଲା । ଚଳିତ ବର୍ଷର ଶାରଦୀୟ ଦୁର୍ଗା ପୂଜା ଅବସରରେ ମହାଷ୍ଟମୀ, ଦଶହରା ଓ କୁମାର ପୂର୍ଣ୍ଣିମାରେ ଏକଶତ ବର୍ଷ ପୂର୍ତ୍ତୀ ଉଦଯାପନୀ ଉତ୍ସବକୁ ସୁଚାରୁରୂପେ ସମ୍ପାଦନା ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନଙ୍କ ଦ୍ୱାରା ଆହୁତ ବୈଠକ ପରେ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ସାଧାରଣ ସଭା ସମସ୍ତ ଆଖଡ଼ା ଦଳଙ୍କୁ ନେଇ ଅନୁଷ୍ଠିତ ହେବାର ସ୍ଥିର ହେଲା । ପୂର୍ବବର୍ଷ ମାନଙ୍କ ଭଳି ଚଳିତ



ବର୍ଷ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ହେବାର ସ୍ଥିର ହୋଇଛି । ପରବର୍ତ୍ତୀ ସାଧାରଣ ସଭାରେ ସମସ୍ତ କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, ସଦସ୍ୟ, ସଦସ୍ୟା ମାନେ ଓ ସମସ୍ତ ଆଞ୍ଚଳିକ ଆଖଡ଼ା ଦଳର କର୍ମକର୍ତ୍ତା, ସର୍ଦାର, ଖେଳାଳିଙ୍କୁ ନେଇ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି । ଏହି ସଭାରେ ଉପଦେଷ୍ଟା ନିରଞ୍ଜନ ରାଉତ, କମଳାକାନ୍ତ ନାୟକ, ଦେବବ୍ରତ ପାଣିଗ୍ରାହୀ, ପ୍ରତିମା ପଣ୍ଡା, ହୋସେନ ଚାଚାଙ୍କ ସହିତ ଉପସଭାପତି, ପଦ୍ମଲୋଚନ ଲେଙ୍କା, ମନୋଜ ରାଉତ, ସାଧାରଣ ସମ୍ପାଦକ ମନୋଜ ଦାସ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଲମ୍ବୋଦର ବେହେରା, ସହକାରୀ ସମ୍ପାଦକ ବିଜୟ ପଲାଇ, ଦେବେନ୍ଦ୍ର ଦାସ, କୋଷାଧକ୍ଷ ରାଜେନ୍ଦ୍ର ଚାଟାର୍ଜୀ, ଗୌରାଙ୍ଗ ଚରଣ ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ମହେଶ ଖଣ୍ଡେଲୱାଲ, ହେମନ୍ତ ଚଣ୍ଡ, ଡା. ପଙ୍କଜ କୁମାର ଦାସ, ଭାରତ ଭୁଷଣ ଦାସ, ରାଜେନ୍ଦ୍ର ଦାସ, ମନୋଜ କୁମାର ଧଳ, ଶର୍ମିଳା ବାରିକ, ଆଶ୍ରିତା ତରେଇ, ସଞ୍ଜୟ ମହାପାତ୍ର, ଧିରେନ ନାୟକ, ରବିନ୍ଦ୍ର ବେହେରା, ଅନନ୍ତ ନାୟକ, ଲୋକନାଥ ଭୁୟାଁ, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଲିବଲ ପ୍ରତିଯୋଗିତା; ଶ୍ରୀଜଗନ୍ନାଥ କ୍ଲବ୍ ଚାମ୍ପିଅନ

ଚନ୍ଦେନେଶ୍ୱର, ୨୨।୯ (ସମିସ): ଭୋଗରାଇ ବ୍ଲକ ହାମରିଆଠାରେ ୨ ଦିନ ବ୍ୟାପୀ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଅଂଶୁମାନ ମହାନ୍ତି ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏଥିରେ ସମୁଦାୟ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଶ୍ରୀଜଗନ୍ନାଥ କ୍ଲବ, ହାମରିଆ ଚମ୍ପିଆନ ଓ ପୂର୍ବ ଅନଳିଆ ଦଳ ରନର୍ସଅପ ହୋଇଥିଲେ । ପୁରସ୍କାର ବିତରଣ ସଭାରେ ସାମ୍ବାଦିକ ବିକାଶ ପାଣିଗ୍ରାହୀ କାଁଥି ଭଉଁରୀ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଶ୍ରୀହରି ଚରଣ ଜେନା, ସମାଜସେବୀ ଶକ୍ତିପଦ ସୁର, ପ୍ରଧାନ ଶିକ୍ଷକ ସୁଧୀର ଭଞ୍ଜ, ଅବସରପ୍ରାପ୍ତ ଶିକ୍ଷକ ଶମ୍ଭୁନାଥ ଜେନା ଓ ବୈକୁଣ୍ଠ ନାଥ ପାତ୍ର, ଅତୀଶ କୁମାର ଜେନା,ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଉଭୟ ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରାଯାଇଥିଲା । ସେହିପରି ବିଭିନ୍ନ ବିଭାଗରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ବ୍ୟକ୍ତିଗତ ଭାବେ ପୁରସ୍କୃତ କରାଯାଇଥିଲା । ଖେଳ ପରିଚାଳକ ଭାବେ ଜାତୀୟ ସ୍ତରର ରେଫ୍ରି ସଞ୍ଜୀବ କୁମାର ପଣ୍ଡା ଓ ରଞ୍ଜନ ପାତ୍ର ଖେଳ ପରିଚାଳନା କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ଚାନ୍ଦ,ବିକାଶ ଚାନ୍ଦ ପ୍ରମୁଖଙ୍କ ସମେତ ଶ୍ରୀଜଗନ୍ନାଥ କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ମାନେ ପରିଚାଳନା କରିଥିଲେ ।

# ଅସ୍ତ୍ରୋପଚାର ପାଇଁ ରୋଗୀଙ୍କ ପେଟ କାଟିଦେଇ ଡାକ୍ତର ଛୁ'

ସୋର,୨୨।୯ (ସମିସ): ସୋର ପୌର ପାଳିକାରେ ଥିବା ଏକ ଘରୋଇ ନର୍ସିଂ ହୋମରେ ଅପରେସନ ପାଇଁ ଆସିଥିବା ଜଣେ ରୋଗୀଙ୍କ ପେଟ କାଟିବା ପରେ ଅପରେସନ କରି ନ ପାରି ଡାକ୍ତର ଜଣଙ୍କ ଫେରାର ହୋଇଯାଇଛନ୍ତି । ଏପରି ଘଟଣା ଘଟିଛି ସୋର ପୌରାଞ୍ଚଳ ମିଶ୍ର ନର୍ସିଂହୋମରେ । ବିଭିନ୍ନ ସମୟରେ ଭୁଲ ଅସ୍ତ୍ରୋପଚାର କରି ବିବାଦକୁ ଆସିଥିବା ଏହି ନର୍ସିଂହୋମରେ ଆଜିର ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ନ୍ୟାୟ ଦାବିରେ ପରିବାର ଲୋକେ ସେଠାରେ ଧାରଣା ଦେବା ଭଳି ସ୍ଥିତି ଉପୁଯାଇଥିଲେ ।ସୋର ଥାନା ଅଙ୍କବ୍ରହ୍ମପୁର ଗ୍ରାମର କାଳିଆ ଜେନାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଗତ ଶନିବାର ଦିନ ମିଶ୍ର ନର୍ସିଂହୋମରେ ଭର୍ତ୍ତି କରିଥିଲେ ।



ସେଠାରେ ତାଙ୍କ ପେଟରେ ପଥର ଜମିଥିବାରୁ ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ । ଫଳରେ ଆଜି ତାଙ୍କର ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି କରାଯାଇଥିଲା । ଅପରେସନ ରୁମରେ କାଳିଆଙ୍କ ପେଟ କାଟିବା ପରେ ଏହା ଜଟିଳ ଥିବାରୁ ଡାକ୍ତର ଜଣଙ୍କ ଅସ୍ତ୍ରୋପଚାର ନ କରି ଛାଡି ଫେରାର ହୋଇଯାଇଥିଲେ । ଏ ବାବଦରେ ପରିବାର ଲୋକେ ଜାଣିବା ପରେ ନର୍ସିଂହୋମ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିଥିଲେ । ତେବେ ପରବର୍ତ୍ତୀ ଅବସ୍ଥାରେ ନର୍ସିଙ୍ଗ ହୋମର ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ରୋଗୀଙ୍କ ଆଉ ଥରେ ଅସ୍ତ୍ରୋପ୍ରଚାର ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିବା ଜଣାପଡିଛି ।

# ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଇତିହାସ ବିଭାଗରେ ଆଲୋଚନାଚକ୍ର

ଭୋଗରାଇ, ୨୨।୯ (ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଇତିହାସ ବିଭାଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଭୟ ପ୍ରାଚୀନ ଏବଂ ଆଧୁନିକ ଭାରତର ଇତିହାସ ମୁଖ୍ୟ ପ୍ରସଙ୍ଗ ସମ୍ପର୍କିତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମିଶ୍ର



ଉଦଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟର ପ୍ରଶାସନିକ ପରାମର୍ଶଦାତା ଜଗଦୀଶ ଚନ୍ଦ୍ର ଗିରି ଯୋଗଦେଇ ଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ପିଲାମାନଙ୍କୁ ତାଙ୍କର ସୁଚିନ୍ତିତ ପରାମର୍ଶ ଦେବା ସହ ପ୍ରୋତ୍ସାହିତ କରିଥିଲେ । ବିଭାଗୀୟ ମୁଖ୍ୟ ଶିବ ସୁନ୍ଦର ପାତ୍ର ସଂପାନକୁ ଶୃଙ୍ଖଳିତ ଭାବେ ସଂଚାଳନ କରିଥିଲେ ଅଧ୍ୟାପକ ଶଶାଙ୍କ ପ୍ରଧାନ ପ୍ରଥମେ ସଂପାନ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରାକ୍ତନ ଅଧ୍ୟାପକ କାର୍ତ୍ତିକେଶ୍ୱର ଚାନ୍ଦ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଦିଗଦର୍ଶନ ଦେଇଥିଲେ । +୩ ପ୍ରଥମ ବର୍ଷର ଛାତ୍ରୀ ପ୍ରିୟଙ୍କା ପାଳ ଗୌତମ ବୁଦ୍ଧଙ୍କ ଜୀବନୀ ଓ ଦର୍ଶନ ଉପରେ ବଖାଣି ଥିଲେ । +୩ ଦ୍ୱିତୀୟ ବର୍ଷର ଛାତ୍ରୀ କମଳା ରାଣୀ ପାତ୍ର ବୈଦିକ ଯୁଗର ରାଜନୈତିକ ସଂଗଠନ ବାବଦରେ ବଖାଣି ଥିଲେ । +୩ ତୃତୀୟ ବର୍ଷର ଛାତ୍ରୀ ସ୍ମୃତି ସୁଧା ପଣ୍ଡା ଭାରତର ସମାଜ ଉପରେ ବିଭର ବାହ୍ୟପ୍ରଭାବ ବାବଦରେ କହିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ ସଂପାନପତ୍ର ଉପସ୍ଥାପନ କରିଥିଲେ । ଶେଷରେ +୩ ତୃତୀୟ ବର୍ଷର ଛାତ୍ର ଗୌତମ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲା ଜିପିଏଲ୍ଏଫ୍ ସଂଘ

ରାଜଘାଟ, ୨୨।୯ (ସମିସ)

ବସ୍ତା ବ୍ଲକର ୩୦ଟି ପଞ୍ଚାୟତରେ ଏମ୍ବିକେ ୨୮ଜଣ, ବ୍ୟାଙ୍କ ମିତ୍ର ୧୨ଜଣ, ସିଆରପି ୨୫୦ଜଣ ମହିଳା ନିୟୋଜିତ ଅଛନ୍ତି । ମହିଳା ମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତିକରଣ କରିବା ନେଇ ପୂର୍ବ ସରକାର ସମୟରେ ମିଶନଶକ୍ତି ବିଭାଗର ଗୋଷ୍ଠୀ ସହାୟିକା ଏମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି କରିଥିଲେ । ଏମାନେ ବିଭିନ୍ନ ବିଭାଗରେ ରହି ଲୋକଙ୍କୁ ଉଚିତ ପରାମର୍ଶ ଦେଇ ଲୋକଙ୍କ ସେବାକରି ଆସଥିଲେ । ଏହାକୁ ନେଇ ସରକାର ଏମାନଙ୍କୁ ନିର୍ଦ୍ଧାରିତ ଦରମା ପ୍ରଦାନ କରୁଥିଲେ । ବ୍ୟାଙ୍କମିତ୍ର ଓ ଏମ୍ବିକେ ୧୦୭୫୦ଟଙ୍କା ପାଉଥିବାବେଳେ ସିଆରପି ୬୧୦୦ ପାଉଥିଲେ । ୨୦୨୪-୨୦୨୫ ଆର୍ଥିକ ବର୍ଷରେ ପୂର୍ବ ଭଳି ଦରମା ଦିଆଯାଇଥିଲା । ମାତ୍ର ବିଡ଼ମ୍ବନାର ବିଷୟ ନୂତନ ସରକାର ଆସିବା ପରେ ଗୋଟିଏ ବର୍ଷ ପରେ କାର୍ଯ୍ୟ ଅନୁଯାୟୀ ପ୍ରାରିଶ୍ରମିକ







ପ୍ରଦାନ କରାଯିବା ପାଇଁ ଜଣାଇଥିଲେ । କିନ୍ତୁ ତାହା ପୂର୍ବଦରମାରୁ କମ୍ ହେଉଥିବାରୁ ଆଜି ବସ୍ତା ବ୍ଲକ କାର୍ଯ୍ୟାଳୟ ସମ୍ମୁଖୀରେ ୭ ଦଫା ଦାବି ନେଇ ମହିଳାମାନେ ଧାରଣା ଦେଇଥିଲେ । ଦାବି ଗୁଡ଼ିକ ହେଲା ପୂର୍ବପରି ସ୍ଥାୟୀ ଦରମା, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ', ପରଫୋମାନର୍ସ ବନୋସ୍ ପ୍ରଦାନ ବନ୍ଦ କରିବା, ଛଅ ମାସର ବକେୟା ରାଶି ତୁରନ୍ତ ପ୍ରଦାନ କରିବା, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି ।

**ସୋର :** ସୋର ବ୍ଲକ ଜିପିଏଲଏଫ ସଙ୍ଘ ପକ୍ଷରୁ ବକେୟା ଦରମା ଏବଂ ମାସିକ ଦରମା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସୋର ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । କାମ ଅନୁଯାୟୀ ମିଳୁଥିବା ଟଙ୍କାକୁ ବନ୍ଦ କରାଯାଇ ମାସିକ ଦରମା ମିଳିବା ଦାବିରେ ଦିର୍ଘଦିନ ଧରି ସଙ୍ଘ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ଏବଂ ସେମାନଙ୍କର ବକେୟା ଦରମା ଏ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଦାନ କରାଯାଇନାହିଁ ।ଫଳରେ ଗତ ୧୫ ତାରିଖରେ ସଙ୍ଘ ପକ୍ଷରୁ ଭୁବନେଶ୍ୱରର ଓଏଲଏମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ମାତ୍ର ଅଦ୍ୟାବଧି କୌଣସି ନିର୍ଦ୍ଦେଶ ମିଳିନଥିବାରୁ ଆଜି ଓଡିଶା ରାଜ୍ୟ ଜିପିଏଲଏଫ ସଙ୍ଘ ଡାକରାରେ ସୋର ବ୍ଲକ ଜିପିଏଲଏଫ ସଙ୍ଘ ସଭାପତି ସବିତା ନାୟକ ଓ ସମ୍ପାଦିକା ବିମଳା ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବ୍ଲକରେ ଧାରଣାରେ ବସିଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ସମୂହ କାର୍ଯ୍ୟବନ୍ଦ କରିବା ନେଇ ସୋର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି ।

**ନୀଳଗିରି :** ଅଲ୍ ଓଡ଼ିଶା ଜିପିଏଲ୍ଏଫ୍ କର୍ମୀସଂଘ ଡାକରାରେ ଓଡିଶାର ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟ୍ ସପୋର୍ଟ ଷ୍ଟାଫ ଆଜିଠାରୁ ପ୍ରତ୍ୟେକ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଅନୁରୂପ ଭାବେ ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତର ସମସ୍ତ ଜିପିଏଲ୍ଏଫ୍ କର୍ମୀ ଓଏଲଏମ ଅଫିସରେ ତାଲାପକାଇ ନୀଳଗିରି ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ଜିପିଏଲ୍ଏଫ୍ ସଭାପତି ସେବାଶ୍ରୀ ବାରିକଙ୍କ ନେତୃତ୍ୱରେ ୫ଟି କ୍ୟାଡ଼ର ଯଥା ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ରର ଏହି ଧାରଣାରେ ସାମିଲ ହୋଇଥିଲେ । ଧାରଣାରେ ଉର୍ବଶୀ ବେହେରା, ଯୋଗମାୟା ସାହୁ, ଗିତାରାଣୀ ଲେଙ୍କା ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ବ୍ଲକର ସମସ୍ତ ସପୋର୍ଟ ଷ୍ଟାଫ ସହଯୋଗ କରିବା ସହିତ ଧାରଣାରେ ସାମିଲ ହୋଇଥିଲେ ।

**ଔପଦା:** ଔପଦା ବ୍ଲକ ସମୁଖରେ ଏମବିକେ ସିଆରପିମାନଙ୍କ ବିଭିନ୍ନ ଦାବିକୁ ନେଇ ଗଣ ଧାରଣା ଜାରି ରହିଛି । ଔପଦା ବ୍ଲକ ସମୁଖରେ ବିଭିନ୍ନ ପଞ୍ଚାୟତରୁ ଏମବିକେ ସିଆରପି, ଓ ବ୍ୟାଙ୍କ ମିତ୍ରମାନେ ବିଭିନ୍ନ ଦାବିକୁ ନେଇ ଗଣ ଧାରଣାରେ ବସିଥିବା ଦେଖାଯାଇଥିଲା । ସରକାର ଏହି ସବୁ ଦାବିକୁ ମାନି ନ ନେଲେ ଏହି ଧାରଣା ଅବ୍ୟାହତ ରହିବ ବୋଲି ଧାରଣାକାରୀମାନେ ମତ ପ୍ରକାଶ କରିଛନ୍ତି ।



# ତାଳସାରି ଓ ଉଦୟପୁରରେ ତଟ ସ୍ୱଚ୍ଛତା ଦିବସ

ଭୋଗରାଇ, ୨୨।୯ (ସମିସ): ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବିସ୍ତୀର୍ଣ୍ଣ ତାଳସାରି ଓ ଉଦୟ ପୁର ବେଳାଭୂମିରେ ପ୍ଲାଷ୍ଟିକ୍ ଓ ଜୈବିକ ବ୍ୟର୍ଜବସ୍ତୁର ମୁକ୍ତ ମିଶନ ନେଇ ଅନ୍ତଃ ରାଷ୍ଟ୍ରୀୟ ତଟ ସ୍ୱଚ୍ଛତା ଓ ସୁରକ୍ଷା ଦିବସ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ସାଗର ବନ୍ଧୁ ଟ୍ରଷ୍ଟର ତରୁଣ ଓ ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସମସ୍ତ ସତର୍କତା ସହ ତାଳସାରି ଓ ଉଦୟପୁର ସମୁଦ୍ର କୂଳରେ ବର୍ଜ୍ୟବସ୍ତୁର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ସାଗର ବନ୍ଧୁ ଟ୍ରଷ୍ଟର ଜିଲ୍ଲା ପ୍ରଭାରୀ ବିଜୟ ଦାସ, ପ୍ରଶିକ୍ଷକ ଉମାକାନ୍ତ ଦାସ, ଟ୍ରଷ୍ଟ ସଞ୍ଚାଳକ ଅମ୍ବରିଷ ମହାନ୍ତି, ଦୀପୁ କୁମାର ଜେନା, ପ୍ରଦୀପ ଗିରି, ଭଗବାନ ଚନ୍ଦ୍ର ବେହେରା, ହରେକୃଷ୍ଣ ଗିରି, ଗୋପାଳ ସାହୁ, ଜଳେନ୍ଦ୍ର ବେହେରାଙ୍କ ସମେତ ୪୦ରୁ ଅଧିକ ବାଳକ,ଯୁବକ ଓ ତରୁଣ ସ୍ୱେଚ୍ଛାସେବୀ ଯୋଗଦେଇ ସମୁଦ୍ର ଓ ତଟ ରକ୍ଷା ଆମର ଜୀବନ ରକ୍ଷା ଏବଂ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗରର ନାରା ଦେଇ କାର୍ଯ୍ୟକ୍ରମ କରିଥିଲେ ।

# ଲୁଟ୍ ଘଟଣାରେ ଜଣେ ଗିରଫ

ସୋର,୨୨।୯ (ସମିସ) : ଗତ ଏପ୍ରିଲ ୯ ତାରିଖ ରାତିରେ ବାଗୁଡ଼ି ବଜାରରେ ଥିବା ସନ୍ତୋଷୀ ଜୁଏଲାରୀ ମାଲିକଙ୍କୁ ହାତ ଗୋଡ଼ ବାନ୍ଧି ଭୁଜାଲି ବନ୍ଧୁକରେ ଆକ୍ରମଣ କରି ସୁନା ଗହଣା ଏବଂ ନଗଦ ଟଙ୍କା ଲୁଟ ଘଟଣାରେ ସୋର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଗହଣା ଦୋକାନର ମାଲିକ ଗୋପାଳ ଚନ୍ଦ୍ର ରଣାଙ୍କ ଆଙ୍ଗୁଳା ସ୍ଥିତ ଘରେ ୮ ଜଣ ଦୁର୍ବୃତ୍ତ ପଶି ତାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟଙ୍କ ହାତ ଓ ଗୋଡ଼କୁ ଗାମୁଛାରେ ବାନ୍ଧିବା ସହିତ ତାଙ୍କ ସ୍ତ୍ରୀ ଓ ପୁଅ ବେକରେ ଧାରୁଆ ଅସ୍ତ୍ର ଲଗାଇ ଲୁହା ରଡ଼ରେ ମାଡ଼ ମାରି ସାତଲକ୍ଷରୁ ଉଦ୍ଧ୍ୱର୍ ଟଙ୍କାର ଗହଣା ଓ ନଗଦ ପାଞ୍ଚ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏ ନେଇ ଗୋପାଳଙ୍କ ସ୍ତ୍ରୀ ଅନିତା ରଣା ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ଏହି ଘଟଣାରେ ସଂପୃକ୍ତ ସିରପୁର ଗ୍ରାମର ସତୀଶ ବାରିକକୁ ଗିରଫ କରି ଆଜି ଅପରାହ୍ଣରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି । ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ପୁଲିସ ଖୋଜୁଥିବା ଜଣାପଡିଛି ।

## ୯୦ ମଦ୍ୟପ ଚାଳକଙ୍କ ଲାଇସେନ୍ସ ବାତିଲ

କେନ୍ଦୁଝର,୨୨।୯ (ସମିସ): ମଦ୍ୟପାନ କରି ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ବଢୁଛି। ଏହାକୁ ରୋକିବା ପାଇଁ ଓଏମ୍‌ଭିଡି ଏବଂ ପୁଲିସ ପକ୍ଷରୁ ଯୁଗ୍ମ ଭାବେ ଯାଞ୍ଚ କରାଯାଉଛି। ଚଳିତ ମାସ ୧୩ ତାରିଖରୁ ୨୧ ତାରିଖ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ୯୦ ଜଣ ମଦ୍ୟପ ଚାଳକଙ୍କ ଲାଇସେନ୍ସ ବାତିଲ କରାଯାଇଛି। କେନ୍ଦୁଝର ପରିବହନ ବିଭାଗ ପକ୍ଷରୁ ମଦ୍ୟପ ଚାଳକଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇ ଜାତୀୟ ରାଜପଥରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟାସ୍କଫୋର୍ସ ଖିରେଇଟାଙ୍ଗିରୀ ଟୋଲ ପ୍ଲାଜା, ଢେଙ୍କିକୋଟ ଟୋଲ ପ୍ଲାଜା, ବନାଯୋଡି ଟୋଲ ପ୍ଲାଜା, ବିଲେଇପଦା ଟୋଲ ପ୍ଲାଜା ସମେତ ହରିଚନ୍ଦନପୁର, ପଦ୍ମପୁର, ଯୋଡା, ବଡବିଲ, ଶୁଆକାଟୀ, ବିଲେଇପଦା, ରିମୁଳିରେ ଯାନବାହାନ ଯାଞ୍ଚ କରାଯାଇ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଚାଲାଣ କଟାଯିବା ସହ ମାମଲା ରୁଜୁ କରାଯାଇଛି। ନିୟମିତ ବ୍ୟବଧାନରେ ପରିବହନ ବିଭାଗ ପକ୍ଷରୁ ଏଭଳି ଚଢଉ କରାଯାଉଥିବାରୁ ମଦୁଆ ଡ୍ରାଇଭରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଯାଞ୍ଚ ବେଳେ ସହକାରୀ ପରିବହନ ଅଧିକାରୀ, ବଡବିଲ ବିଶ୍ୱରଞ୍ଜନ ସାହୁ,ଆସିଷ୍ଟାଣ୍ଟ ଏମଭିଆଇ ଅରୁଣା କୁମାର ସାହୁ, ଏମଭିଆଇ ସନ୍ଦିପ ପାଇକରାୟ, ଟ୍ରାଫିକ ଇନ୍ସପେକ୍ଟର ସୁକୁରାମ ସୋରେନ, ଆସିଷ୍ଟାଣ୍ଟ ଏମଭିଆଇ ଦିବ୍ୟଜ୍ୟୋତି ମହାନ୍ତ, ଜୁନିୟର ଏମ୍‌ଭିଆଇ ରାଜେଶ କୁମାର ସେଠୀ ପ୍ରମୁଖ ସାମିଲ ଥିଲେ।

## ଆମ ପୁଲିସ ସମିତି ବୈଠକ



ତେଲକୋଇ,୨୨।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପକ୍ଷରୁ ଆଜି ଓରୀୟା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଅଞ୍ଜନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସ୍ଥାନୀୟ ସରପଞ୍ଚ ମେରିଶ୍ମିତା ମୁଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତା ମହାନ୍ତ ସମେତ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ସମାଜରେ କିଶୋରୀ ବାଳିକା ମାନେ କିପରି ନିର୍ଯାତିତ ନହେବେ ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ।

## ଗ୍ରୀଲ୍‌ଭାଙ୍ଗି ଲୁଟିନେଲେ ସୁନା ଗହଣା


ଆନନ୍ଦପୁର,୨୨।୯ (ସମିସ): ଭୋର ସମୟରେ ଝରକା ଗ୍ରିଲ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ନଗଦ ଟଙ୍କା ଚୋରି ଘଟଣାରେ ମିଶ୍ର କଲୋନୀରେ ଭୟର ବାତାବରଣ ଖେଳିଯାଇଛି। ଘସିପୁରା ଥାନାଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରି ଘଟଣା। ଶାଳପଡା ମିଶ୍ର କଲୋନୀରୁ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଅତୁଳ କୁମାର ବଳଙ୍କ ଘରେ ଚୋର ପଶି ସୁନା ଗହଣା ସହିତ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି। ଅତୁଳ କୁମାର ବଳ ଭୋର ୩ ଟାରୁ ବାହାରକୁ କେଉଁଆଡେ ବୁଲିବାକୁ ବାହାରିଯିବା ପରେ ଘରେ ଏକା ତାଙ୍କ ସ୍ତ୍ରୀ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ଗ୍ରିଲ ଭାଙ୍ଗି ୪୦ଗ୍ରାମର ସୁନା ସମେତ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳ ଯାଞ୍ଚ କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ପୁଅ-ବୋହୂର ଠେଙ୍ଗାମାଡ଼ରେ ବାପା ଗୁରୁତର



ଆନନ୍ଦପୁର,୨୨।୯ (ସମିସ): ପୁଅ ଓ ବହୂର ଠେଙ୍ଗା ମାଡ଼ରେ ବାପାକୁ ଲହୁଲୁହାଣ କରିବା ଘଟଣା ଆଲୋଚନାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆହତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି କରିଛନ୍ତି। ଜମିବାଡି ବିବାଦକୁ କେନ୍ଦ୍ରକରି ଜଣେ ପୁଅର ଏଭଳି କାରନାମା ଦେଖିବାକୁ ମିଳିଛି। ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ସୁଲଣ ଗାଁରେ। ସୋମବାର ଧାନବିଲରେ କାମ କରିବା ସମୟରେ ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ଗାଁର ବିଦ୍ୟାଧର ଜେନାଙ୍କୁ ତାଙ୍କ ସାନପୁଅ ଗନ୍ଧର୍ବ ଓ ତାଙ୍କ ସ୍ତ୍ରୀ ମିଶି ଠେଙ୍ଗାରେ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ବିଦ୍ୟାଧରଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛି। ସେପଟେ ଘଟଣା ଘଟାଇବା ପରେ ପୁଅ ଫେରାର ହୋଇଥିବା ସୂଚନା ମିଳିଛି।

## ଟୋଲଙ୍କପଡ଼ାରେ ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ବେଲବାହାଲି,୨୨।୯ (ସମିସ): ଆନନ୍ଦପୁର ବ୍ଲକ ଟୋଲଙ୍କପଡା ଗ୍ରାମ କୁମ୍ଭାରସାହିର ଧର୍ମପ୍ରାଣ ବ୍ୟକ୍ତି ବେଣୁଧର ସା(୮୫)ଙ୍କ ପରଲୋକ ହୋଇଯାଇଛି। ଏନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ଶନିବାର ଦିନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ ବେଣୁଧର ବିଭିନ୍ନ ଧାର୍ମିକ ଅନୁଷ୍ଠାନ କ୍ଷେତ୍ରରେ ନିୟୋଜିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ କୁସେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

### ସଂଗଠନର ପରିବେଶ ଓ ଶିକ୍ଷାଦାନରେ ଅବ୍ୟବସ୍ଥା ନେଇ ଅଭିଯୋଗ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସ୍ଥାନୀୟ ଜନଜାତି

କେନ୍ଦୁଝର,୨୨।୯ (ସମିସ)



ଅଞ୍ଚଳର ଦାୟିତ୍ୱରେ ଥିବା ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ପରିବେଶ ଓ ଶିକ୍ଷାଦାନ ଅବ୍ୟବସ୍ଥାକୁ ନେଇ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ବିନିଦ୍ରା ପଞ୍ଚାୟତ ମସାଣିଯୋଡି ଜୁଆଙ୍ଗ ସାହିବାସିନ୍ଦା ସୋମବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ଜରିଆରେ କେବଳ ପିଭିଟିଜି ଜୁଆଙ୍ଗ ଛାତ୍ରୀଙ୍କୁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଛି। ଅଭିଯୋଗ ଅନୁସାରେ ଛାତ୍ରୀନିବାସରେ ୨ଶହ ଛାତ୍ରୀ ରହୁଛନ୍ତି। ତେବେ ଏତେ ସଂଖ୍ୟାରେ ରହୁଥିବାରୁ ପାଠପଢା ପାଇଁ ବିଦ୍ୟାଳୟରେ ବହୁ ସମସ୍ୟା ଦେଖାଦେଇଛି। ଶିକ୍ଷାଦାନର ଅବ୍ୟବସ୍ଥା, ଯୋଗ୍ୟ ଶିକ୍ଷକଙ୍କ ଅଭାବ, ଛାତ୍ରୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଅନ୍ତେବାସୀ କାହାରି ଦେହ ଖରାପ ହେଲେ ମେଡିକାଲ ନେବାର ସୁବିଧାନାହିଁ। ବିଦ୍ୟାଳୟରେ ପାଣିର ସମସ୍ୟା ରହିଥିବାରୁ ପିଲାମାନେ ବାହାର ବନ୍ଧକୁ ଗାଧୋଇବାକୁ ଯାଉଛନ୍ତି। ବ୍ୟବହୃତ ବହୁ ପରିମାଣରେ ପଲିଥିନ ସ୍କୁଲ ବାହାରେ ପକାଯାଉଥିବାରୁ ଗୃହପାଳିତ ଗାଈଗୋରୁ ଖାଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ଦଣ୍ଡମୁକ୍ତ ହୋଇଥିଲେ ହେଁ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯାଉଥିବା ସେମାନେ ସଂଗୀନ ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବକମାନେ ବିରୋଧ କଲେ ଧମକଚମକ ଦିଆଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଗାଁର ପ୍ଲଟନଂ ୮୩/୮୯ କିସମ ଗ୍ରାମ ଜଙ୍ଗଲ ସରକାରୀ ଜମିକୁ ଜରଜବରଦସ୍ତ ଦଖଲ କରାଯାଇଛି ବୋଲି କୁହାଯାଇଛି। ଏଥିସହିତ ସ୍କୁଲ କମିଟି ଗଠିତ ହୋଇ ନଥିବା ବେଳେ ଅଭିଭାବକ ବୈଠକ ବସୁନି। ପୂର୍ବରୁ ଚିକିତ୍ସା ଅଭାବରୁ ଦୁଇଜଣ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି ବୋଲି ଜିଲ୍ଲାପାଳ କାର୍ଯ୍ୟାଳୟ ଆସିଥିବା ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ୧୨ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଚାରିଜଣ ଶିକ୍ଷକ ରହିଥିବା ଜୁଆଙ୍ଗ ସମାଜ ସଂଘ ସମ୍ପାଦକ ପ୍ରଭାକର ଜୁଆଙ୍ଗଙ୍କ ସମେତ ସୁରେଶ ଜୁଆଙ୍ଗ, ମାନସ କୁମାର ଜୁଆଙ୍ଗ, ସିଦ୍ଧାନ୍ତ ଜୁଆଙ୍ଗ, ଲୋଚନ ଜୁଆଙ୍ଗ, ସିପୁ ଜୁଆଙ୍ଗ, ବିନୋଦ ଜୁଆଙ୍ଗ, କୃଷ୍ଣଚନ୍ଦ୍ର ଜୁଆଙ୍ଗ, ସଞ୍ଜୟ ଜୁଆଙ୍ଗ, ଗୋବର୍ଦ୍ଧନ ଜୁଆଙ୍ଗ, ନିଳମଣି ଜୁଆଙ୍ଗ, ପ୍ରଦୀପ କୁମାର ଜୁଆଙ୍ଗ, ଅଭି ଜୁଆଙ୍ଗ, ଶରତ କୁମାର ବାରିକ, ତନୁ ଜୁଆଙ୍ଗ, ଇଶ୍ୱର ଜୁଆଙ୍ଗ, ପ୍ରକାଶ ଜୁଆଙ୍ଗ, ନବ ଜୁଆଙ୍ଗ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଜିଲ୍ଲାପାଳଙ୍କୁ ଦେଇ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏବାବଦରେ ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କ ମତାମତ ପାଇଁ ଫୋନ କରିଥିଲେ ମଧ୍ୟ ଫୋନ ଉଠାଇ ନଥିବାରୁ ସେମାନଙ୍କର ମତାମତ ମିଳିପାରିନାହିଁ।

## ଶିକ୍ଷକ ଅଭାବ; ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

### ଗଛମୂଳେ ପାଠପଢ଼ିଲେ ଛାତ୍ରଛାତ୍ରୀ



ଚମ୍ପୁଆ,୨୨।୯ (ସମିସ): ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ହେବାରୁ ଅଭିଭାବକମହଲରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଶେଷରେ ସେମାନେ ଆଜି ବିଦ୍ୟାଳୟରେ ତାଲାପକାଇ ଦେଇଥିଲେ। ଘଟଣାକୁ ନେଇ ଶିକ୍ଷାଧିକାରୀ ଶ୍ରୀ ହାସଂଦାଙ୍କୁ ପଚାରିବାରୁ ଶିକ୍ଷକଙ୍କୁ ଫେରାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଏପରି ଘଟଣା ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା କାଟୁଲିକନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଉକ୍ତ ବିଦ୍ୟାଳୟରେ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ କିଛିଦିନ ହେବ ଜଣେ ଶିକ୍ଷକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ପଠାଯାଇଥିଲା। ଫଳରେ ବିଦ୍ୟାଳୟ ପରିଚାଳନା କମିଟି ଦୀର୍ଘଦିନ ହେବ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଆସୁଥିଲେ। ଏଥିପ୍ରତି ବ୍ଲକ ଶିକ୍ଷା ବିଭାଗ ଦୃଷ୍ଟି ଦେଉନଥିବା ବେଳେ ଆଜି ଅଭିଭାବକମାନେ ବିଦ୍ୟାଳରେ ତାଲା ପକାଇ ଦେଇଥିଲେ। ବିଦ୍ୟାଳୟରେ ତାଲା ପଡିବା ପରେ ଉପସ୍ଥିତ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ପିଲାଙ୍କୁ ଗଛ ମୂଳରେ ବସାଇ ପାଠ ପଢାଇଥିଲେ। ପ୍ରାୟ ୩ଘଣ୍ଟା ପରେ ଚମ୍ପୁଆ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନଙ୍କ ନିର୍ଦ୍ଦେଶ ପରେ ଉକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଦିଆଯାଇଥିଲା। ପରେ ବିଦ୍ୟାଳୟରେ ତାଲା ଖୋଲା ଯାଇ ପାଠପଢା ସ୍ୱାଭାବିକ ହୋଇଥିବା ପ୍ରଧାନଶିକ୍ଷକ ଅଜୟ କୁମାର ମହାନ୍ତ କହିଛନ୍ତି।

## ପୁରୁଣା ସମ୍ପ୍ ଓ ପାଇପ୍‌ରେ ହେଉଛି ପାନୀୟ ଜଳ ଯୋଗାଣ



### ଠକିଦେଲା ଠିକାସଂସ୍ଥା

ଆନନ୍ଦପୁର,୨୨।୯ (ସମିସ): ଆନନ୍ଦପୁର ପୌରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ହୋଇଥିବା ଯୋଜନା ଭଣ୍ଡୁର ହୋଇଯାଇଛି ବୋଲି ଅଭିଯୋଗ ହେଉଛି। ଏହି ପ୍ରକଳ୍ପ ହାତେଇଥିବା ଠିକା ସଂସ୍ଥା ଇଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ମୁଖ୍ୟପାଇପ୍ ଲାଇନକୁ ବଦଳାଇ ନଥିବା ବେଳେ ପୁରୁଣା ସମ୍ପ ଯୋଗେ ଜଳ ଯୋଗାଣ କରୁଥିବାରୁ ଏହି ଯୋଜନା ଆଖିଠାର ଭଳି ହୋଇଛି। ଆନନ୍ଦପୁର ସହରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ୭୦କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ହେଲେ ଉକ୍ତ କମ୍ପାନୀ ଆନନ୍ଦପୁର ସହରରେ ୬୦ ବର୍ଷ ପୂର୍ବେ ବିଛାଯାଇଥିବା ପାଇପ୍‌ରେ ପାଣି ଯୋଗାଉ ଥିବା ଅଭିଯୋଗ ହେଉଛି। ଆନନ୍ଦପୁର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୱାଟକୋ ଜରିଆରେ ଉକ୍ତ କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ଚୁକ୍ତିନାମା ମୂଲ୍ୟ ୭୦ କୋଟି ବ୍ୟୟବରାଦ କରାଯାଇଥିଲା। ଆନନ୍ଦପୁର ସହରରେ ସମୁଦାୟ ୯୩ କିଲୋମିଟର ନୂତନ ପାଇପ୍ ବସାଇବାକୁ ଥିବା ବେଳେ ନିର୍ମାଣକାରୀ ଠିକା ସଂସ୍ଥା ବିଭିନ୍ନ ସାହି ବସ୍ତିକୁ ୬୨ କିଲୋମିଟର ପାଇପ ବିଛାଇ ପ୍ରକଳ୍ପକୁ ଶେଷ କରିଦେଇଛି। ହେଲେ ମୁଖ୍ୟପାଇପ ବଦଳା ଯାଇ ନଥିବାରୁ ପୁରୁଣା ପାଇପରେ ପାଣି ଯୋଗାଇବାକୁ କାହାଠାରୁ ଅନୁମତି ମିଳିଛି ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିପରି ୬୦ ବର୍ଷର ପୁରୁଣା କଳଙ୍କି ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇବା ସମ୍ଭବ ସେ ନେଇ ସଧାରଣରେ ଅଭିଯୋଗ ହେଉଛି। ରାଜ୍ୟ ସରକାର ଓ ୱାଟକୋ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ପଞ୍ଚମ ଓ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା

ହାଟଡ଼ିହୀ,୨୨।୯ (ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନ ୩ଟି ହାଇସ୍କୁଲରେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୩୯୯ ଜଣ ଛାତ୍ରଛାତ୍ରୀ ଚୟନ ହୋଇ ୩୭୩ଜଣ ପରୀକ୍ଷା ଦେଇଥିବା ବେଳେ ୨୬ଜଣ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୪ଜଣ ପରୀକ୍ଷା ଦେଇଥିଲା ବେଳେ ୧୧ ଅନୁପସ୍ଥିତ ଥିଲେ। ବାଲିବରେଇ ସରକାରୀ ହାଇସ୍କୁଲରେ ୧୨୮ ଜଣ ପିଲାଙ୍କ ମଧ୍ୟରୁ ୧୧୬ଜଣ ପରୀକ୍ଷା ଦେଇଥିବା ବେଳେ ୧୨ ଅନୁପସ୍ଥିତ ଥିଲେ। ଏହିପରି ଶାଳଣିଆଁ ହାଇସ୍କୁଲରେ ୧୧୬ଜଣ ପିଲାଙ୍କ ମଧ୍ୟରୁ ୧୧୩ଜଣ ପରୀକ୍ଷା ଦେଇଥିଲା ବେଳେ ୩ ଅନୁପସ୍ଥିତ ଥିଲେ। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ମୋଟ୍ ୩୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୭୮ ଜଣ ପରୀକ୍ଷା ଦେଇଥିଲା ବେଳେ ୧୯ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ହାଇସ୍କୁଲରେ ୮୯ଜଣ ପିଲାଙ୍କ ମଧ୍ୟରୁ ୮୭ଜଣ ପରୀକ୍ଷା ଦେଇଥିଲେ ୨ ଅନୁପସ୍ଥିତ ଥିଲେ। ବାଲିବରେଇ ହାଇସ୍କୁଲରେ ୭୦ପିଲାଙ୍କ ମଧ୍ୟରୁ ୬୯ଜଣ ପରୀକ୍ଷା ଦେଇଥିଲା ବେଳେ ୧ ଅନୁପସ୍ଥିତ ଥିଲେ। ଶାଳଣିଆଁ ହାଇସ୍କୁଲରେ ୯୨ଜଣଙ୍କ ମଧ୍ୟରୁ ୯୧ଜଣ ପରୀକ୍ଷା ଦେଇଥିଲେ ଓ ୧ଅନୁପସ୍ଥିତ ଥିଲେ। ଜପିଦାସ ହାଇସ୍କୁଲରେ ୭୨ଜଣଙ୍କ ମଧ୍ୟରୁ ୬୩ଜଣ ପରୀକ୍ଷା ଦେଇଥିଲେ ୯ଜଣ ଅନୁପସ୍ଥିତ ଥିଲେ। ବାଙ୍ଗୋର ବିପି ହାଇସ୍କୁଲରେ ୭୪ ଜଣଙ୍କ ମଧ୍ୟରୁ ୬୮ଜଣ ପରୀକ୍ଷା ଦେଇଥିଲେ ୬ଜଣ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା, ଏବିଇଓ ପ୍ରମୋଦ କୁମାର ନାୟକ ପ୍ରମୁଖ ସୁପରଭିଜନ କରିଥିଲା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

ତେଲକୋଇ: ତେଲକୋଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମୁଦାୟ ୬୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମେଧାବୃତ୍ତି ପରୀକ୍ଷା ପାଇଁ ୪ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା। ତେଲକୋଇ ଉଚ୍ଚ ବିଦ୍ୟାଳୟ, ବେଣାମୁଣ୍ଡା ୟୁପି ସ୍କୁଲ, ଆକୁଳ ୟୁପି ସ୍କୁଲ୍ ଓ ଛାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଥଲା। ତେଲକୋଇ ଉଚ୍ଚ ବିଦ୍ୟାଳୟରେ ତୃତୀୟଶ୍ରେଣୀର ୯୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପଞ୍ଚମ ଶ୍ରେଣୀରେ ୧୫୪ଜଣ, ବେଣାମୁଣ୍ଡା ୟୁପି ସ୍କୁଲରେ ତୃତୀୟ ଶ୍ରେଣୀର ୬୮ ଜଣ, ଆକୁଳ ୟୁପି ସ୍କୁଲରେ ତୃତୀୟ ଶ୍ରେଣୀର ୧୮୦ଜଣ ଓ ପଞ୍ଚମ ଶ୍ରେଣୀରେ ୧୪୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଛାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀର ୬୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରର ସୁପରିଚାଳନା ନିମନ୍ତେ ସିଆରସିସି, ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିୟୋଜିତ ରହିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଆନନ୍ଦପୁର,୨୨।୯ (ସମିସ): ଆନନ୍ଦପୁରର ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରା ସ୍ୱାଗତ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆନନ୍ଦପୁରର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ହେବାସହ ଭଲ ପାଠପଢି ନିଜ ପ୍ରତିଭା ମାଧ୍ୟମରେ ବିଦ୍ୟାଳୟରେ ସୁନାମ ଅର୍ଜନ କରିବାକୁ କହିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ବିତର୍କ, କୁଇଜ୍, ନୃତ୍ୟ ଓ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଭାସ ଦର୍ଶନ ଦାସ ଓ ଗୌତମ ନାୟକ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ଶିକ୍ଷକ ଦେବାଶିଷ ପଲେଇ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷୟତ୍ରୀ ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପିପିଲିଆ ଲକ୍ଷ୍ମୀନାରାୟଣ କଲେଜରେ ସଚେତନତା କାର୍ଯ୍ୟକ୍ରମ



କେନ୍ଦୁଝର/ଘଟଗାଁ,୨୨।୯ (ସମିସ): ଘଟଗାଁ ବ୍ଲକ ଅଧୀନ ପିପିଲିଆ ଲକ୍ଷ୍ମୀନାରାୟଣ କଲେଜରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର କାରଣ ଓ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ନିରାକାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନର ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ଡା. ପୁଷ୍ପାରାଣୀ ପଟ୍ଟନାୟକ, ଡା. ପ୍ରିୟବ୍ରତ ଦାସ, ସାମ୍ବାଦିକ ସଞ୍ଜୟ କୁମାର ସାହୁ, କଲ୍ୟାଣ କୁମାର ସାହୁ ଓ ଅଲେଖ ପ୍ରସାଦ ସାହୁ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି। ପ୍ରଗତି ସଂଗଠନର ସଭାପତି ମନୋଜ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ରଞ୍ଜିତ କୁମାର ମହାନ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଡିସ ମଶା କାମୁଡ଼ିଲେ ଡେଙ୍ଗୁ ଓ ମାଇ ଏନୋଫିଲସ ମଶା କାମୁଡିବା ଦ୍ୱାରା ମ୍ୟାଲେରିଆ ହୋଇଥାଏ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ କୁହାଯାଇଥିଲା। କେଉଁ ପଦକ୍ଷେପ ଗ୍ରହଣ କରାଯିବ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ତ୍ରିଲୋଚନ ମହାନ୍ତ, ସୁବାସ ମହାନ୍ତ, ସଞ୍ଜୟ କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବିପୀନ ବିହାରୀ ମହାନ୍ତ, ତାପସ ଲୋହାର, ହୃଷୀକେଶ ମହାନ୍ତ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା

# ପଙ୍କଜ ଏକାଦଶକୁ ହରାଇ ଆଦିତ୍ୟ ଏକାଦଶ ଚାମ୍ପିଅନ




ଚମ୍ପୁଆ,୨୨।୯ (ସମିସ): ବିଏମ୍‌ଟି କ୍ଲବ ବସାସାହି ଦ୍ୱାରା ଆୟୋଜିତ ଚତୁର୍ଥ ନକଆଉଟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩୨ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନ୍ତିମ ତଥା ଫାଇନାଲ ଖେଳରେ ଆଦିତ୍ୟ ଏକାଦଶ ପଙ୍କଜ ଏକାଦଶକୁ ପେନାଲଟି ଗୋଲରେ ହରାଇ ଚାମ୍ପିଅନ ହୋଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବରେ ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ରଜିଆ ସରପଞ୍ଚ ସନ୍ତୋଷ କୁମାର ନାଏକ, ସୁଧିର କୁମାର ସର୍ଦ୍ଦାର, ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିଗଣ ଚାମ୍ପିଅନ ଦଳକୁ ୩୦ହଜାର ଅର୍ଥରାଶି ଓ ଟ୍ରଫି, ରନର୍ସଅପ୍ ଦଳକୁ ୨୦ହଜାର ଅର୍ଥରାଶି ଓ ଟ୍ରଫି, ତୃତୀୟ ଦଳ ଭାବରେ ସୁବାସ ଏକାଦଶକୁ ୧୦ ହଜାର ଅର୍ଥରାଶି ଏବଂ ଚତୁର୍ଥ ଦଳ ଭାବରେ ହେମ୍ବ୍ରମ ବ୍ରଦର୍ଶ ଦଳକୁ ୧୦ ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳର ଖେଳ ପ୍ରତିଭା ଅନ୍ୱେଷଣ କରିବା ଲକ୍ଷ୍ୟନେଇ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି କ୍ଲବ ସଭାପତି ଶ୍ରୀକାନ୍ତ ମହାକୁଡ, ସମ୍ପାଦକ ବାହାଦୁର ମହାକୁଡ ଓ ଉପସଭାପତି ଦିପକ କୁମାର ସାଇଁଆ ପ୍ରକାଶ କରିଛନ୍ତି।

## ସ୍କୁଲ ବ୍ୟାଗ୍ ଓଜନ ନିୟମକୁ ମାନୁନାହାନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ

ଚମ୍ପୁଆ,୨୨।୯ (ସମିସ): ଛାତ୍ରଛାତ୍ରୀଙ୍କ ସ୍କୁଲ ବ୍ୟାଗ ଓଜନ ବୋଝ କମାଇବା ପାଇଁ ନିୟମ ପ୍ରଣୟନ କରିବାସହ ଏହାକୁ କଡାକଡି ପାଳନ ପାଇଁ ନିର୍ଦ୍ଦେଶ ଥିଲେ ହେଁ ଅନେକ ବିଦ୍ୟାଳୟ ଏହି ନିୟକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ନିୟମ ପ୍ରଣୟନର ୧ମାସ ପର୍ଯ୍ୟନ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଥିବା ବେଳେ ପରେ ଯଥା ପର ତଥା ପୂର୍ବ ନୀତି ଚାଲୁରହିଛି। ନିୟମ ମାନୁନଥିବା ବିଦ୍ୟାଳୟ ପ୍ରତି ଶିକ୍ଷାବିଭାଗ କଡା ଆଭିମୁଖ୍ୟ ଗ୍ରହଣ କରୁନଥିବାରୁ ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ସୂଚନାନୁଯାୟୀ, ଚମ୍ପୁଆ ଶିକ୍ଷା ବିଭାଗ ଅଧୀନରେ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ମିଶାଇ ୨୧୧ଟି ବିଦ୍ୟାଳୟ ରହିଥିବା ବେଳେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୫ ହଜାର ୭୬୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଚଳିତ ନିୟମ ଅନୁସାରେ ପ୍ରଥମରୁ ଦ୍ୱିତୀୟ ଶ୍ରେଣୀର ଛାତ୍ରଙ୍କ ପାଇଁ ବ୍ୟାଗର ଓଜନ ୧.୫ କିଗ୍ରା, ତୃତୀୟ ଓ ପଞ୍ଚମ ଶ୍ରେଣୀ ପାଇଁ ବ୍ୟାଗର ଓଜନ ୨ରୁ ୩ କିଗ୍ରା, ୬ଷ୍ଠରୁ ସପ୍ତମ ୪କିଗ୍ରା, ଅଷ୍ଟମ ଓ ନବମ ୪.୫କିଗ୍ରା ଓ ଦଶମ ଶ୍ରେଣୀ ପାଇଁ ଅଧିକତମ ୫ କିଗ୍ରା ରହିବା ନିୟମ ରହିଛି। ମାତ୍ର ଏହି ନିୟମକୁ



ଅଣଦେଖା କରାଯାଉଥିବାରୁ କୁନି କାନ୍ଧରେ ବସ୍ତାନି ବୋଝ ବୋହିବାକୁ ଛାତ୍ରଛାତ୍ରୀ ବାଧ୍ୟ ହେଉଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଂସଦାଙ୍କୁ ପଚାରିବାରୁ କହିଛନ୍ତି, ଯେ ଦିନେ ଦୁଇ ଦିନ ଭିତରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନେଇ ବସ୍ତାନୀ ବୋଝ ଏବଂ ଓଟୋରିକ୍ସାରେ ଆବଶ୍ୟକଠାରୁ ଅଧିକ ଛାତ୍ରଛାତ୍ରୀ ଯାତାୟାତ ଉପରେ ବୈଠକ ଡକାଇବା ପାଇଁ ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି।

## ଜବତ ଭ୍ୟାନ୍‌କୁ ଛଡ଼ାଇ ନେବା ଘଟଣାରେ ୨ ଗିରଫ

ତୁରୁମୁଙ୍ଗା,୨୨।୯ (ସମିସ): ଠାକୁରମୁଣ୍ଡା ଥାନାରୁ ଗତ ୨୦ ତାରିଖରେ ଜବତ ପିକଅପ ଭ୍ୟାନରେ ୬ ମଇଁଷିକୁ ନେଇ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ରାଜନଗର ଗୋଶାଳାକୁ ଅଣାଯାଉଥିବା ବେଳେ ଭ୍ୟାନ୍‌କୁ ରାଜନଗର ବୈତରଣୀ ନଦୀପୋଲ ନିକଟରୁ ଠାକୁରମୁଣ୍ଡା ପୁଲିସକୁ ବନ୍ଧୁକ ଦେଖାଇ ଗାଡ଼ିକୁ ଛଡ଼ାଇ ନେଇଯାଇଥିବା ଅଭିଯୋଗରେ ତୁରୁମୁଙ୍ଗା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପହରଣ କରି ନେଇଥିବା ଓଡି ୦୪ ୟୁ୧୬୭୩ ନମ୍ବର ପିକଅପ ଗାଡିକୁ ଠାକୁରମୁଣ୍ଡା ପୁଲିସ ଯାଜପୁର ଜିଲ୍ଲା ଧର୍ମଶାଳାରୁ ଉଦ୍ଧାର କରି ଗାଡି ସହ୨ଜଣଙ୍କୁ ଆଣି ତୁରୁମୁଙ୍ଗା ପୁଲିସକୁ ଜିମା ଦେଇଥିଲା। ଗାଡିକୁ ଛଡ଼ାଇ ନେଇଥିବା ଠାକୁରମୁଣ୍ଡା ଥାନାର ହୋମଗାର୍ଡ ଇନ୍ଦ୍ରମଣି ନାଏକଙ୍କ ଅଭିଯୋଗ ଆଧାରରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାଡି ମାଲିକ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଜାରକା ଜାମୁବଣିଆ ସାହିର ସୁବ୍ରତ ମହାରଣା(୩୬) ଏବଂ ତାଙ୍କ ସହଯୋଗୀ ମୃତ୍ୟୁଞ୍ଜୟ ରଥ (୨୭)। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା ରୁଜୁ ହୋଇଛି।

## ବହଳଦା ଓ ଝରାଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୃତ୍ତି ପରୀକ୍ଷା




ବହଳଦା, ୨୨।୯ (ସମିସ): ବହଳଦା ବ୍ଲକ କୀଚକେଶ୍ୱରୀ ବାଳିକା ଉଚ୍ଚବିଦ୍ୟାଳୟ ଏବଂ ଝରାଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ଅନୁପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂଙ୍କ ମାର୍ଗ ଦର୍ଶନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କୀଚକେଶ୍ୱରୀ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୬୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୧ ଜଣ ପରୀକ୍ଷା ଦେଇଥିଲେ ଏବଂ ୭ ଜଣ ଅନୁପସ୍ଥିତ ଥିଲେ। ଏଠାରେ ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକ ଭାବେ ଶିକ୍ଷକ ଭୋଳାନାଥ ସାହୁ ଏବଂ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଜାତା କର ମହାପାତ୍ର ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଦିନଜୋନ ମହାନ୍ତ ଓ ମୀରା ମଲ୍ଲିକ ଉପସ୍ଥିତ ରହି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଝରାଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ୭୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୫ ଜଣ ପରୀକ୍ଷା ଦେଇଥିବାବେଳେ ୯ ଜଣ ଅନୁପସ୍ଥିତ ଥିଲେ। ଏଠାରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତ ତତ୍ତ୍ୱାବଧାରକ ଏବଂ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଦେବେନ୍ଦ୍ରନାଥ ସାହୁ ଉପସ୍ଥିତ ଥିଲେ। ସିଆରସିସି ରବିନାରାୟଣ ସିଂ ଉପସ୍ଥିତ ରହି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣି, ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ, ଧରିତ୍ରୀ ବେହେରା, ମିତା ହାଁସଦା, ଶିକ୍ଷକ ଧର୍ମସେନ ମାଝୀ, ପ୍ରଶାନ୍ତ କୁମାର ମହାନ୍ତ, ଓ ଆକାଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି; ୮୭ଟି ଅଭିଯୋଗ ଆଗତ

ବିଶୋଇ,୨୨।୯ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତରେ ସୋମବାର ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସାଗରଚନ୍ଦ୍ର ମୁର୍ମୁଙ୍କ ସଭାପତିତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନଙ୍କ ସଂଯୋଜନା କରିଥିଲେ। ଶିବିରରେ ଶିକ୍ଷା, ଯୋଗାଣ, ଉନ୍ନୟନ, ବନ ବିଭାଗ, ରାଜସ୍ୱ, ବିଦ୍ୟୁତ, ମିଶନଶକ୍ତି, ପୁଲିସ, ସାମାଜିକ ସୁରକ୍ଷା, କୃଷି, ପାନୀୟ ଜଳ, ସମନ୍ୱିତ ଶିଶୁ ବିକାଶ ବିଭାଗର ଅଧିକାରୀ ଉପସ୍ଥଇତ ଥିଲେ।



ବିଶେଷକରି ଲୋକେ ଭତ୍ତା, ସଡ଼କ ଏବଂ ଆବାସ ସମ୍ବନ୍ଧୀୟ ଅଭିଯୋଗ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ, ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଜିପିଡ଼ିଓ ହରେଶ ଚନ୍ଦ୍ର ନାଏକ, ବିଇଓ କପିଳେନ୍ଦ୍ର ଦାସ, ବ୍ଲକ କୃଷି ସହ ଅଧିକାରିଣୀ ସଞ୍ଜନା ମହାନ୍ତ, ପାନୀୟ ଜଳ ବିଭାଗ ଅଧିକାରୀ ଇଂ ପ୍ରଶାନ୍ତ ସାହୁ, ମିଶନଶକ୍ତି ବିପିଏମ ଅଚିନ୍ତ ଦାସ ପ୍ରମୁଖ ଉପସ୍ଥିତଥିଲେ। ଶିବିରରେ ୬୯ଟି ବ୍ୟକ୍ତିଗତ ଓ ୧୮ଟି ଗୋଷ୍ଠୀଗତ ଅଭିଯୋଗ ସମୁଦାୟ ୮୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଶିବିରରେ ମଧୁବାବୁ ପେନସନ ଯୋଜନାରେ ନୂତନ ୫ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ହିତାଧିକାରୀଙ୍କୁ ନୂତନ ରାସନ କାର୍ଡରେ ସାମିଲ ସହିତ ଆବାସ ଯୋଜନା ଏବଂ ପେନସନ ଅଭିଯୋଗ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପଞ୍ଚାୟତର ପିଇଓ ଅଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏଡିଇଓ ସୁଧୀର ଚନ୍ଦ୍ର ହେମ୍ବ୍ରମ, ଯୋଗାଣ ସହାୟକ ମାନସ୍ ରଞ୍ଜନ ଦଣ୍ଡପାଟ, ମାଝିଆ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦିଗହରା

# ଫାଇଦା ନେଉଛନ୍ତି ବଡ଼ବଡ଼ିଆ; ବିପିଏଲ ପରିବାର ହନ୍ତସନ୍ତ

ମୋରଡ଼ା,୨୨।୯ (ସମିସ)

ବିଜୁଳି ବିଲ୍ ହ୍ରାସ ତଥା ସ୍ୱଳ୍ପ ଖର୍ଚ୍ଚରେ ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାରେ ଲୋକଙ୍କୁ ସାମିଲ କରି ମାସିକ ୩ଶହ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ତେବେ ରାଜ୍ୟରେ ଏହି ଯୋଜନା ଆରମ୍ଭ ହେବାର ଦେଢ଼ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକରେ ଆଶାଅନୁରୂପ ସଫଳତା ମିଳିନାହିଁ। ଫଳରେ ଏହି ଯୋଜନାରେ ଗରିବ ଲୋକଟିଏ ହାତରୁ ଟଙ୍କା ଖର୍ଚ୍ଚ କରି ସୌର ପ୍ରକଳ୍ପ ସ୍ଥାପନ କରିପାରୁନାହିଁ। ବ୍ୟାଙ୍କ ମଧ୍ୟ ଗରିବଙ୍କୁ ଋଣ ଦେବାକୁ ଅମଙ୍ଗ ହେଉଛି। ଏପରି ସ୍ଥିତିରେ ଏହି ଯୋଜନା କେବଳ ବଡ଼ବଡ଼ିଆଙ୍କ ପାଇଁ ବୋଲି ଚର୍ଚ୍ଚା ହେଉଛି। ଗତ ୨୦୨୪ ଫେବୃଆରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାର ଏଥିରେ ସବସିଡି ବ୍ୟବସ୍ଥା ମଧ୍ୟ ରହିଛି। ମାଗଣା ବିଦ୍ୟୁତ ଯୋଗାଇବା ପାଇଁ ଏହି ଯୋଜନା ଆରମ୍ଭ ହୋଇଛି। ଯେଉଁମାନଙ୍କ ଛାତରେ ସୌର ପ୍ୟାନେଲ ଲଗାଯିବ, ସେମାନଙ୍କୁ ସରକାର ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣା ଯୋଗାଇ ଦେବେ। ଯଦି ଏକ କିଲୋୱାଟ ସୌର ପ୍ୟାନେଲ ଲଗାଇବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ସରକାର ୩୦ହଜାର ଟଙ୍କା ସବସିଡି ମଧ୍ୟ ଦେବେ। ଏଥିସହିତ ସରକାର ଦୁଇ କିଲୋୱାଟ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ୬୦ହଜାର ଟଙ୍କା ଏବଂ ୩ କିଲୋୱାଟ



ସୌର ପ୍ୟାନେଲ ସ୍ଥାପନ ପାଇଁ ୭୮ହଜାର ଟଙ୍କା ସବସିଡି ଦେବାର ବ୍ୟବସ୍ଥା ରହିଛି। ସରକାରଙ୍କ ତରଫରୁ ସବ୍‌ସିଡି ଦିଆଯାଉଥିବା ସତ୍ତ୍ୱେ ମୋରଡ଼ା ବ୍ଲକରେ ଏହି ଯୋଜନା ଆଗେଇପାରୁନାହିଁ। ଏହି ବ୍ଲକ ଅଧୀନରେ ୨୦ଟି ପଞ୍ଚାୟତ ଥିବାବେଳେ ଅଦ୍ୟାବଧି ସବୁ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ। ବ୍ଲକ ଅଞ୍ଚଳରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ଥିବାବେଳେ ପ୍ରତି ପଞ୍ଚାୟତରେ ଦୁଇ/ତିନି ଜଣ ବଡ଼ବଡିଆ ଯୋଜନାରେ ସାମିଲ ହୋଇଛନ୍ତି। ଏହି ଯୋଜନା ସାମିଲ ହେବା ପାଇଁ ଚାହୁଁ ଚାହୁଁଥିବା ଉପଭୋକ୍ତା ପ୍ରଥମେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ସୌର ପ୍ରକଳ୍ପ ସ୍ଥାପନ କରିବେ। ପରେ ସରକାର ତାଙ୍କୁ ସବ୍‌ସିଡି ରାଶି ଯୋଗାଇଦେବେ। ଆର୍ଥିକ ସ୍ୱଚ୍ଛଳ ଲୋକେ ଟଙ୍କା ଦେଇ ଏହାକୁ ସ୍ଥାପନ ସ୍ଥାପନ କରୁଥିବାବେଳେ ଗରିବ ଲୋକେ ଏତେ ଟଙ୍କା ହାତରୁ ଖର୍ଚ୍ଚ କରିବା ସମ୍ଭବ ହେଉନାହିଁ। ଫଳରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକେ ଆଗୁଆ ଟଙ୍କା ଖର୍ଚ୍ଚ କରି ଏହାର ସୁବିଧା ହାସଲ କରିପାରୁନାହାନ୍ତି। ତେଣୁ ମୋରଡା ବ୍ଲକରେ ଏହି ଯୋଜନ ସମ୍ପୂର୍ଣ୍ଣ ଫେଲ ମାରିଛି।

## କପ୍ତିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

## ୧୦୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ଉଦଳା,୨୨।୯ (ସମିସ): କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ବରୁଣ ଗୁଣ୍ଟୁପାଲ୍ଲି ଯୋଗଦେଇ ୧୦୪ ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ସମେତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧି?ଜାରୀ, ତହସିଲଦାର, ଜିଲ୍ଲା ଓ ଉପଖଣ୍ଡ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧୁକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୮୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥୁଲା। ସେଥିମଧ୍ୟରୁ ୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ୫ ହଜାର ଲେଖାଏଁ ୧୫ ହଜାର, ଜଣଙ୍କୁ ୧୦ ହଜାର ଏବଂ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ମୋଟ ୩୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ କପ୍ତିପଦା ବ୍ଲକ ଶ୍ରୀ ସାଇ, ମାଙ୍କଡାଶୁଣୀ, ବିରାଟେ୍‌ବରୀ, ମା ମଙ୍ଗଳା, ମା ବନଦୁର୍ଗା ଆଦି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କମ୍ ପରିମାଣର ସ୍କୁଲ ପୋଷାକ ଯୋଗାଇବା ଦାୟିତ୍ୱ ଦେଇ ଅନ୍ୟ ସଂସ୍ଥାକୁ ଅଧିକ ଯୋଗାଇବା ଦାୟିତ୍ୱ ଦେବା, ଝାଙ୍କପଦା, ବଣିଆଗାଁ, ସୌଭାଗ୍ୟଦେଇପୁର, ମାଛିଆ ଏବଂ ସୁଡୁସୁଡିଆ ରାଜସ୍ୱ ଗ୍ରାମକୁ କପ୍ତିପଦା ଏନଏସି ସ୍କେଚ ମ୍ୟାପରୁ ବାଦ ଦେବା, ତଳିଆ ଗ୍ରାମର କୌଣସି ରାସ୍ତା ତଥା ଜମି ମାପ ନ କରିବା, ଗୌଡଗାଁ, କୁଆଗୋଠଣା, ନନ୍ଦିପୁର ଆଦି ଅଭିଯୋଗର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଗାଇ ହେମ୍ବ୍ରମ୍, ରମେଶ ପୃଷ୍ଟି, କବିତା ଖୁଲାର, ସତ୍ୟ ପ୍ରକାଶ ପାତ୍ର, ଭବାନୀ ପଣ୍ଡା, କୈଳାସ ଦନୈକ ଓ ଅନ୍ୟାନ୍ୟ କର୍ମଚାରୀ ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ହାଟଡ଼ିହୀ,୨୨।୯ (ସମିସ): ହାଟଡ଼ିହୀ ବ୍ଲକ ପରିସରରେ ଜିଲ୍ଲାପାଳ କେନ୍ଦୁଝରଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ



ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଶାଲ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର କୁମାର ପୃଷ୍ଟି, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୨୧୮ଟି ଅଭିଯୋଗ ଆସିଥିଲା ବେଳେ ସେଥିରୁ ବରିଷ୍ଠ ନାଗରିକ ସଂଘର ୧ଟି ଅଭିଯୋଗ ଆସିଥିବା ବେଳେ ଜମିଜମା ସଂକ୍ରାନ୍ତୀୟ ୬୮ଟି , ଭତ୍ତା ସମସ୍ୟା ନେଇ ୩୫ଟି, ରାସ୍ତାଘାଟ ସମସ୍ୟା ନେଇ ୫ଟି, ବଦଳି ସଂକ୍ରାନ୍ତୀୟ ୧୧ଟି, ସରକାରୀ ସହାୟତାରୁ ବଞ୍ଚିତ ନେଇ ୩୧ଟି, ଗ୍ରାମୀଣ ଗୃହ ନିର୍ମାଣ ନେଇ ୪୫ଟି, ମନରେଗା ସମସ୍ୟା ନେଇ ୧୭ଟି, ଲଘୁଖଣିଜକୁ ନେଇ ୩ଟି ଓ ନୂତନ ରାସନ କାର୍ଡ ୨ଟି ଅଭିଯୋଗ ଆସିଥିଲା। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଅତିରିକ୍ତ ବିଡିଓ ରଶ୍ମିରେଖା ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ କେଶରୀ ସାମନ୍ତରାୟଙ୍କ ସହ ବନବିଭାଗ ପକ୍ଷରୁ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ତହସିଲଦାର ଶିବବ୍ରତ ତ୍ରିପାଠୀ, ସହକାରୀ ଯନ୍ତ୍ରୀ କରୁଣାକର ନନ୍ଦ, ବ୍ଲକ ସହକାରୀ କୃଷି ଅଧିକାରୀ ସୋନାଲି ପ୍ରିୟଦର୍ଶିନୀ, ଶିକ୍ଷା ବିଭାଗର ବିଇଓ ରାଜୀବ ଦଳେଇ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର ପାତ୍ର, ଅବକାରୀ ଅଧିକାରୀ ଅଭିରାମ ବେହେରା ଓ ହାଟଡ଼ିହୀ ଅବକାରୀ ଅଧିକାରୀ ସ୍ମିତା ବେହେରା ଉପସ୍ଥିତ ଥିଲେ। ଏପିଓ ଭୈରବେନ୍ଦ୍ର ତ୍ରିପାଠୀ, ବ୍ଲକ ମୁଖ୍ୟ ସହାୟକ ଶ୍ରବଣ କୁମାର ପରିଡ଼ା, ଜିପିଡିଓ ଦେବଜ୍ୟୋତି ଦାସ, ପିଇଓ ଶରତ ଚନ୍ଦ୍ର ବେଜ, ସିପି ସୁବ୍ରତ ନାୟକ, ଏସିପି ପ୍ରଶାନ୍ତ କୁମାର ସେଠୀ, ଜୀବନ କୁମାର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଘସିପୁରା ଥାନାରେ ଆମ ପୁଲିସ ସମିତି ବୈଠକ

ଆନନ୍ଦପୁର,୨୨।୯ (ସମିସ): ଘସିପୁରା ସାର୍ବଜନୀନ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଓ ଆମ ପୁଲିସ ସମିତି ସଭ୍ୟମାନଙ୍କୁ ନେଇ ଥାନା



ପରିସରରେ ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ବୈଠକରେ ପାର୍ବଣ ଋତୁରେ ପୂଜାତ୍ସବ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଥାନା ଅଧୀନ ଘସିପୁରା ବଜାର, ବେଲବାହିଳି, ଖାଲିଆବେଣ୍ଟା, ନାରଙ୍ଗପୁର, ବୀରଗୋବିନ୍ଦପୁର, କେଶଦୁରାପାଳରେ ବିଶେଷ ଭାବେ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପ୍ରତ୍ୟହ ହଜାର ହଜାର ଜନସମାଗମ ହୋଇଥାଏ। ଟ୍ରାଫିକ, ଭିଡ଼ ନିୟନ୍ତ୍ରଣ, ଜନଗହଳି ସ୍ଥାନରେ ପକେଟମାରରୁ କିପରି ସୁରକ୍ଷା ଦିଆଯିବ ଏଥିପ୍ରତି ସତର୍କ ରହିବାକୁ ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବା ସହ ବ୍ୟାପକ ପୁଲିସ ମୁତୟନ କରାଯିବାକୁ ପୂଜାକମିଟି ସଦସ୍ୟ ଅନୁରୋଧ କରିଥିଲେ। ଭସାଣିରେ ଡିଜେ ଶବ୍ଦକୁ ନିୟନ୍ତ୍ରଣ ବଜାଇବା ପାଇଁ ରାବଣପୋଡି ଓ ବଳଦ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କ୍ରୀଡ଼ାବିତ ବୁଲୁ ପଟ୍ଟନାୟକ, ସରପଞ୍ଚ ବୃନ୍ଦାବନ ଜେନା, ଶିକ୍ଷାବିତ ପୁରନ୍ଦର ମିଶ୍ର, ସମିତି ସଭ୍ୟ ଅକ୍ଷୟ କୁମାର ଜେନା, ସମାଜସେବୀ ପ୍ରଭାକର ସାହୁ ଉପସ୍ଥିତ ଥିଲେ।

## କେଶଦୁପାଳ ବାଲିଯାତ୍ରା ପ୍ରସ୍ତୁତି

ରାମଚନ୍ଦ୍ରପୁର,୨୨।୯ (ସମିସ): ଘସିପୁରା ବ୍ଲକ କେଶଦୁରାପାଳ ଗ୍ରାମରେ ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିଭଳି ବିନା ବାଧା ବିଘ୍ନରେ ସରସ ସୁନ୍ଦର ଭାବେ ବାଲି ଯାତ୍ରା ସମ୍ପନ୍ନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମର ଭିକାରୀ ବିନ୍ଧାଣି, ନବୀନ ଚନ୍ଦ୍ର ବିନ୍ଧାଣୀ, ହରିପ୍ରସାଦ ମିଶ୍ର, ବିଶ୍ୱନାଥ ଓଝା, ସୁରେଶ ଚନ୍ଦ୍ର ନାୟକ, ନେତ୍ରା ନନ୍ଦ ବେହେରା, ପର୍ଶୁରାମ ମହାରଣା, ନାରାୟଣ ଦାସ, ରଞ୍ଜନ କୁମାର ଆଚାର୍ଯ୍ୟ, ମାଧବା ନନ୍ଦ ସାହୁ, ରଞ୍ଜନ ଦାସ, ନିଧି ବିନ୍ଧାଣୀ, ଅର୍ଜୁନ ବିନ୍ଧାଣୀ, ଅଜିତ କୁମାର ଘୋଷ, କୃଷ୍ଣଚନ୍ଦ୍ର ବିନ୍ଧାଣୀ, ପ୍ରସନ୍ନ ଓଝା, ଟିଟୁ ବିନ୍ଧାଣୀ, ନୀଳମଣି ଓଝା, ଇସୁ ବେହେରା, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ବାଲିଯାତ୍ରାର ରୂପରେଖ ନେଇ ସବିଶେଷ ଆଲୋଚନା କରିଥିଲେ।

## ପ୍ଲାଟିନିୟମ୍ ଜୁବୁଲି ପାଇଁ କୋର୍‌କମିଟି ବୈଠକ



ରାମଚନ୍ଦ୍ରପୁର,୨୨।୯ (ସମିସ): ଅଲତି ଡିଏନ ବିଦ୍ୟାପୀଠ ପରିସରରେ ପ୍ଲାଟିନିୟମ ଜୁବୁଲି ପାଳନ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଜୁବୁଲି କମିଟି ସଭାପତି ଡଃ ରତିକାନ୍ତ ବରାଳଙ୍କ ସଂଯୋଜନାରେ ବୈଠକରେ ବିଦ୍ୟାଳୟର ମୁଖପତ୍ର "ଆଲତୀ'ର ମୁଖ୍ୟ ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସୋମନାଥ ମାଝୀଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପ୍ଲାଟିନିୟମ ଜୁବୁଲି ମୁଖପତ୍ର "ଆଲତୀ'ର ମୁଖ୍ୟ ସମ୍ପାଦନା ଦାୟିତ୍ୱ ସଂସ୍କୃତି ଗବେଷକ ତଥା ସାହିତ୍ୟିକ ହଳଧର ପଣ୍ଡାଙ୍କୁ ହସ୍ତାନ୍ତର କରାଯାଇଥିଲା। ବୈଠକରେ ଜୁବୁଲି କମିଟିର ସମ୍ପାଦକ ତଥା ଡିଏନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା, ଆବାହକ ପ୍ରଶନ୍ନ ନାୟକ, ବେଲାଳସେନ ପତି, ଘନଶ୍ୟାମ ବୋଇତେଇ, ବୈଷ୍ଣବ ସେନାପତି, ବିଷ୍ଣୁନାରାୟଣ ସାମଲ, ଗତିକୃଷ୍ଣ ଭୂୟାଁ, ଜିତେନ୍ଦ୍ର ଓଝା, ଗଗନବିହାରୀ ଜେନା, କୁଶଭଦ୍ର ରାଉଳ, ଫୁଙ୍କୁଲି ନାୟକ, ସୁବ୍ରତ ବରାଳ, ନିରଜନ ବରାଳ, ରମେଶ ଦେଓ, ଅମୂଲ୍ୟ ବାରିକ, ସୁଶାନ୍ତ ସେଠୀ, ସତ୍ୟବ୍ରତ ରାଉଳ ଉପସ୍ଥିତ ଥିଲେ।

ଆଗମନୀ ମା'



## ୨୭ ବର୍ଷରେ ବଙ୍ଗଳାଛକ ଦୁର୍ଗାପୂଜା କମିଟି

# ଆକର୍ଷଣ ସାଜିବ ୭୦ ଫୁଟ ଉଚ୍ଚ ତୋରଣ

ବେତନଟୀ,୨୨।୯ (ସମିସ)

ଆଉ କିଛିଦିନ ପରେ ବିଭିନ୍ନ ମଣ୍ଡପରେ ପୂଜା ପାଇବେ ମା'। ଏଥିପାଇଁ ଚଳଚଞ୍ଚଳ ହେଲାଣି ବେତନଟୀ ଅଞ୍ଚଳ। ବିଭିନ୍ନ ପୂଜା କମିଟି ବି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କିଏ କେତେ ସ୍ୱତନ୍ତ୍ର କରିପାରିବ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। କେଉଁ କମିଟି ତୋରଣକୁ ଗୁରୁତ୍ୱ ଦେଉଥିବା ବେଳେ କିଏ ମା'ଙ୍କ ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦେଉଛନ୍ତି। ବେତନଟୀରେ ୫ଟି ମଣ୍ଡପରେ ମା' ପୂଜା ପାଇବେ। ଏହି କ୍ରମରେ ବଙ୍ଗଳାଛକ ଦୁର୍ଗାପୂଜା କମିଟି ୨୭ ବର୍ଷରେ ପର୍ଦାପଣ କରିଛି। ବେତନଟୀ ବଙ୍ଗଳାଛକ ଦୁର୍ଗାପୂଜାର କମିଟି ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସୂଚନା ମୁତାବକ, ଚଳିତବର୍ଷ ତୋରଣ ୭୦ ଫୁଟ୍ ଉଚ୍ଚ ତୋରଣ ମୁଖ୍ୟ ଆକର୍ଷଣ ସାଜିବ। ଏହି ପୂଜା ପାଇଁ କମିଟି ପକ୍ଷରୁ ୯ ଲକ୍ଷ ଟଙ୍କା



ବଜେଟ୍ କରାଯାଇଛି। ୧୪ ଫୁଟ୍‌ର ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ସେହିପରି କମିଟି ପକ୍ଷରୁ ଖାଲି ତୋରଣ ନୁହେଁ, ସାଜସଜାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ପ୍ରକାର ଲାଇଟ୍‌ରେ ମଣ୍ଡପ ସଜ୍ଜିତ କରାଯିବ। ଅଷ୍ଟମୀ ଦିନ ସେଉ, ଦୁହିଆ ଓ ନବମୀ ଦିନ ଖିରି ଓ ଦଶମୀରେ ଦହି ପଖାଳ ବ୍ୟବସ୍ଥା କରାଯାଇଛି। ଦଶହରାରେ ମହିଳାଙ୍କ ମଧ୍ୟରେ ସିନ୍ଦୂର ଖେଳ ଉତ୍ସବକୁ ମୁଖରିତ କରିବ ବୋଲି ପୂଜା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି କମିଟି ୧୯୯୯ ମସିହାରେ ସ୍ଥାନୀୟ ଯୁବକମାନେ ମିଳିମିଶି ବଙ୍ଗଳାଛକ ଦୁର୍ଗାପୂଜା ୨୫ ହଜାର ଟଙ୍କାରେ ପୂଜା ଆରମ୍ଭ କରିଥିଲା। ସୁବାସ ଦାସ, ବିଦ୍ୟାଧର ପଣ୍ଡିତ, ସତ୍ୟ ବେହେରା, ସଦାଶିବ ଲେଙ୍କା, ଜଗଦୀଶ ବେହେରା, ସାଇବ ନାଥ, ନିରଞ୍ଜନ ପଣ୍ଡିତ, ସନିଆ ସାହୁ, ପ୍ରଶାନ୍ତ ନାଥ, ବାବୁ ନନା, ଶଶିଧର ନାଥ ପ୍ରମୁଖ ପୂଜା କମିଟିରେ କାର୍ଯ୍ୟକର୍ତ୍ତାଭାବେ ଏହି ପୂଜା ଆରମ୍ଭ କରିଥିଲେ। ଚଳିତବର୍ଷ ପୂଜା କମିଟି ଅଧ୍ୟକ୍ଷ ଭାବରେ ରାମେଶ୍ୱର ମିଶ୍ର, ସଭାପତି ଭାବରେ ବିମ୍ବାଧର ବିଶ୍ୱାଳ, ସମ୍ପାଦକ ଭାବରେ ଅନୁପ କୁମାର ଦଣ୍ଡପାଟ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମହାନ୍ତି, ଉପସଭାପତି ଜ୍ୟାନରଞ୍ଜନ ବେହେରା ଓ ବିମଳ କୁମାର ଜେନା ସହ ସମ୍ପାଦକ ପ୍ରଦୀପ ମହାପାତ୍ର ପ୍ରମୁଖ କାର୍ଯ୍ୟ ତୁଲାଉଛନ୍ତି।

### ଏମାନେ କ'ଣ କହନ୍ତି...

ବଙ୍ଗଳାଛକା ଦୁର୍ଗା ପୂଜା କମିଟି ଏହି ବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ଏହି ବର୍ଷ ପ୍ରଥମ କରି ମୁଁ ସଭାପତି ହୋଇଛି। ଏହି ବର୍ଷ ଆକର୍ଷଣମେଢ଼ ସହିତ ଦୁର୍ଗା ମା'ଙ୍କ ମୂର୍ତ୍ତି ୧୪ ଫୁଟ ଇଚ୍ଚତା କରାଯାଉଛି। ପ୍ରତିବର୍ଷ ଅପେକ୍ଷା ଚଳିତବର୍ଷ କିଛି ନୂଆ କରିବା ପାଇଁ ଚେଷ୍ଟା ଚାଲିଛି।
- ବିମ୍ବାଧର ବିଶ୍ୱାଳ, କମିଟି ସଭାପତି

ବେତନଟୀ ବଙ୍ଗଳାଛକ ଦୁର୍ଗାପୂଜା କମିଟୀ ବିଗତ ୨୭ ବର୍ଷର ପ୍ରଦାର୍ପଣ କରୁଛି। ୧୯୯୯ ମସିହାରୁ ଆଜି ପର୍ଯ୍ୟନ୍ତ ମୁଁ କମିଟି ସହ ଯୋଡିହୋଇ ରହିଛି। କେତେ ବାଧା ବିଘ୍ନ ଯାଇଥିଲେବି ମା'ଙ୍କ ପୂଜା ସୁରୁଖୁରୁରେ ଚାଲି ଆସୁଅଛି। ମୁଁ ଦୀର୍ଘ ୬ ବର୍ଷ ଧରି ସମ୍ପାଦକ ଓ ୨ ବର୍ଷ ଧରି ଉପସଭାପତିଭାବେ କାର୍ଯ୍ୟ ତୁଲାଇ ଆସୁଛି।
- ପ୍ରଶାନ୍ତ ନାଥ, ପୂର୍ବତନ ଉପସଭାପତି

ମା'ଙ୍କ ଅପାର କରୁଣାରୁ ଦୀର୍ଘ ୨୭ ବର୍ଷ ଧରି ବଙ୍ଗଳାଛକ ଦୁର୍ଗା ପୂଜା କମିଟି ମା'ଙ୍କ ପୂଜା ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ପାଳନ କରି ଆସୁଛି। ଏଥିରେ ସହଯୋଗ କରିଥିବା ପୂର୍ବତନ ଏବଂ ବର୍ତ୍ତମାନର ସଦସ୍ୟଙ୍କୁ ମୋର ଅନ୍ତରରୁ ଗଭୀର କୃତଜ୍ଞତା। ଲୋକେ ଶାନ୍ତି ଓ ନୀରୋଗ ଜୀବନ ଯାପନ କରନ୍ତୁ ଏତିକି ମା'ଙ୍କ ନିକୋଟରେ ମୋର ପ୍ରାର୍ଥନା।
- ସଂଜୟ କୁମାର ମଣ୍ଡୁଆଳ, କୋଷାଧକ୍ଷ

## ଇ-ଗଭର୍ଣ୍ଣାନ୍ସ ପ୍ରଣୟନରେ ଉତ୍କର୍ଷତା

# କେନ୍ଦୁଝର ଶୁଆକାଟୀ ପଞ୍ଚାୟତକୁ ଜାତୀୟ ଜୁରି ପୁରସ୍କାର

## ପୁରସ୍କାର ଗ୍ରହଣ କଲେ ବାଂଶପାଳ ବିଡିଓ ଓ ଶୁଆକାଟୀ ସରପଞ୍ଚ

କେନ୍ଦୁଝର,୨୨।୯ (ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଶୁଆକାଟୀ ପଞ୍ଚାୟତ ୨୨ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର (ଏନ୍‌ଏଇଜି) ୨୦୨୫ରେ ମର୍ଯ୍ୟାଦାଜନକ ଜୁରି ପୁରସ୍କାର ଜିତି ଓଡ଼ିଶା ଏବଂ କେନ୍ଦୁଝର ଜିଲ୍ଲା ପାଇଁ ସୁନାମ ଆଣି ଦେଇଛି। ବିଶାଖାପାଟଣାରେ ଆରମ୍ଭ ହୋଇଥିବା ଦୁଇଦିନିଆ ୨୮ତମ ଜାତୀୟ ଇ-ଗଭର୍ଣ୍ଣାଂଶ ସମ୍ମିଳନୀରେ ବାଂଶପାଳ ବିଡିଓ ରଂଜିତ ପ୍ରତାପ ବଳ ଓ ଶୁଆକାଟୀ ସରପଞ୍ଚ କୌତୁକ ନାଏକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଚଳିତ ବର୍ଷ ପ୍ରଥମଥର ପାଇଁ ପଞ୍ଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହା ଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ଏକ ବିରଳ ସଫଳତା ହାସଲ କରିପାରିଛି। ଇ-ଗଭର୍ଣ୍ଣାନ୍ସରେ ଭାରତର ପ୍ରଗତିକୁ ପାଳନ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ସାରା ଦେଶରୁ ଡିଜିଟାଲ୍ ଅଗ୍ରଣୀଙ୍କ ଏକ ସମାବେଶ ୨୮ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀରେ ଆୟୋଜିତ ହେଉଛି ଯାହା ଆସନ୍ତାକାଲି ଉଦଯାପିତ ହେବ। ଶୁଆକାଟୀ ପଞ୍ଚାୟତ ଓଡ଼ିଶା ୱାନ ଏବଂ ସେବା ଓଡ଼ିଶା ପ୍ଲାଟଫର୍ମ ମାଧ୍ୟମରେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଡିଜିଟାଇଜ କରିଛି। ଯାହା ୨୪ ଘଣ୍ଟିଆ ନାଗରିକଙ୍କୁ ଉପଲବ୍ଧତା ପ୍ରଦାନ କରୁଛି। ମହିଳା ନେତୃତ୍ୱ ଏବଂ ଅନ୍ତର୍ଭୁକ୍ତ ସେବା ପ୍ରଦାନକୁ ସୁନିଶ୍ଚିତ କରି ପ୍ରଯୁକ୍ତିବିଦ୍ୟାର ଉପଯୁକ୍ତ ବ୍ୟବହାର ଦ୍ୱାରା ନାଗରିକ ସେବାରେ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିପାରିଛି। ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରି ଜିଲ୍ଲାପାଳ, କେନ୍ଦୁଝର ବିଶାଳ ସିଂହ କହିଛନ୍ତି 'ଶୁଆକାଟୀ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ ହେବା କେନ୍ଦୁଝର ଜିଲ୍ଲା ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଶୁଆକାଟୀ ପଞ୍ଚାୟତକୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିବା




ତୃଣମୂଳ ସ୍ତରରେ ମଧ୍ୟ ପ୍ରଯୁକ୍ତିର ପରିବର୍ତ୍ତନକାରୀ ଶକ୍ତିର ପ୍ରମାଣ। ଶୁଆକାଟୀ ପଞ୍ଚାୟତର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉନ୍ନତ ଦୃଷ୍ଟିକୋଣ, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଉଛି ବୋଲି କହିଥିଲେ। ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ଆଉ ଦୁଇ ପାଦ ଆଗକୁ ନେବା ଦିଗରେ, ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ କାର୍ଯ୍ୟ ଓସ୍ୱାସ ମାଧ୍ୟମରେ କରାଯାଉଛି। ଏହା ମାଧ୍ୟମରେ ସମସ୍ତ ନଥି କାର୍ଯ୍ୟ ସମ୍ପାଦନ ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇସାରିଛି। ଯାହାଫଳରେ ପ୍ରଶାସନିକ କାର୍ଯ୍ୟରେ ଆଶାତୀତ ଗତିଶୀଳତା ବୃଦ୍ଧି ଘଟିଛି।

# ବିମାନର କକ୍‌ପିଟ୍ ଖୋଲିବାକୁ ଉଦ୍ୟମ




ବାରଣାସୀ, ୨୨।୯(ଏଜେନ୍ସି): ବେଙ୍ଗାଲୁରୁରୁ ବାରାଣାସୀ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନରେ ଜଣେ ଯାତ୍ରୀ କକ୍‌ପିଟ୍‌ର ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେ ଦ୍ୱାରର ପ୍ରକୃତ ପାସକୋଡ୍ ବି ମାରିଥିଲେ। କିନ୍ତୁ ହାଇଜାକ ହେବା ଭୟରେ ପାଇଲଟ୍ କକ୍‌ପିଟ୍‌ର ଦ୍ୱାରା ଖୋଲି ନଥିଲେ। କେବିନ କ୍ରୁ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସମ୍ପୃକ୍ତ ଯାତ୍ରୀଙ୍କ ସହ ତାଙ୍କ ନିଜର ଲୋକ ଆସିଥିଲେ ଓ କକ୍‌ପିଟ ଭିତରକୁ ଯିବା ପାଇଁ ପ୍ରୟାସ କରିଥିଲେ। ଏୟାର ଲାଇନ୍ସ କର୍ମୀ ଯାତ୍ରୀଙ୍କୁ ବିରୋଧ କରିବା ସହ ତାଙ୍କୁ ସିଟ୍‌ରେ ବସାଇଥିଲେ। ଏ ନେଇ କ୍ୟାପ୍ଟେନ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ଏଟିସି ମଧ୍ୟ ବିମାନବନ୍ଦର କର୍ତ୍ତୃପକ୍ଷକୁ ଅବଗତ କରାଇଥିଲେ। ବାରଣାସୀରେ ବିମାନ ଅବତରଣ କରିବା ପରେ ହିଁ ସିଆଇଏସ୍‌ଏଫ୍ ଅଭିଯୁକ୍ତ ଯାତ୍ରୀଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ସୂଚନା ମିଳିବା ମାତ୍ରେ ହିଁ ଏଟିସି, ଲୋକାଲ ଇଣ୍ଟେଲିଜେନ୍ସ ୟୁନିଟ (ଏଲଆଇୟୁ), ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଓ ସାଇବର କ୍ରାଇମର ଟିମ୍ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଅଭିଯୁକ୍ତ ବେଙ୍ଗାଲୁରୁରେ ରୁହନ୍ତି। ସ୍ଥାନୀୟ ପୁଲିସ ମାଧ୍ୟମରେ ଏମାନଙ୍କ ଠିକଣାର ଯାଞ୍ଚ୍ କରାଯାଉଛି। ବାବତପୁର ଥାନାରେ ଏମାନଙ୍କୁ ପଚାର ଉଚରା କରାଯାଉଛି। ସମସ୍ତଙ୍କର ମୋବାଇଲ୍ ଓ କଲ ଡିଟେଲ ଚେକ୍ କରାଯାଉଛି ବୋଲି ବାରଣାସୀ ପୁଲିସ ସୂଚନା ଦେଇଛି।

# ପୁଣି ଏକାଠି ଦେଖାଦେଲେ ଟ୍ରମ୍ପ-ମସ୍କ



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଦୀର୍ଘ କେତେମାସ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେସଲା ମାଲିକ ତଥା ବିଶିଷ୍ଟ ଶିଳ୍ପପତି ଏଲନ ମସ୍କ ଏକାଠି ନଜର ଆସିଛନ୍ତି। ବିବାଦ ପରେ ଦୁହେଁ ପାଖରେ ବସି ଏକାଠି ହେବା ସହ ପରସ୍ପର ସହ ହାତ ମିଳାଇଥିଲେ। ଆରିଜୋନାର ଗ୍ଲେଣ୍ଡେଲସ୍ଥିତ ଏକ ଷ୍ଟାଡିୟମରେ ଚାର୍ଲି କିର୍କଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଗୋଟିଏ ଫ୍ରେମ୍‌ରେ ଦେଖିବାକୁ ମିଳିଥିଲା। ଚାର୍ଲି କିର୍କଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଷ୍ଟାଡିୟମରେ ୨୦, ୦୦୦ ଲୋକଙ୍କ ସମେତ ଟ୍ରମ୍ପ ଓ ମସ୍କ ଏକାଠି ହୋଇଥିଲେ। ଚାର୍ଲି କିର୍କ ଜଣେ ଦକ୍ଷିଣପନ୍ଥୀ ନେତା ଓ ଟ୍ରମ୍ପଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ଗତ ସେପ୍ଟେମ୍ବର ୧୦ରେ ଉଟାହ ବିଶ୍ୱ ବିଦ୍ୟାଳୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଉଲ୍ଲେଖଥାଉ କି, ଗତ ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ୧୭୦ ମିଲିଅନ୍ ଡଲାରରୁ ଅଧିକ ଅର୍ଥର ଚାନ୍ଦା ପ୍ରଦାନ କରିଥିଲେ ଓ ପରେ ମଧ୍ୟ ତାଙ୍କ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ପରେ ଦୁହିଁଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଟ୍ରମ୍ପଙ୍କ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ପାଗଳାମି ଓ ବିନାଶକାରୀ ବୋଲି ମସ୍କ କହିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଟମ୍ପ ମସ୍କଙ୍କୁ ଆମେରିକା ବାହାରକୁ ପଠାଇବେ ବୋଲି କହିଥିଲେ। ଏହାପରେ ମସ୍କ ଆମେରିକା ଫାର୍ଷ୍ଟ ପାର୍ଟି ଗଠନ କରିବାକୁ ଘୋଷଣା କରିଥିଲେ। ଯଦିଓ ସେ ପରେ ପଛ ଘୁଞ୍ଚା ଦେଇଥିଲେ।

# ଅଭିନେତ୍ରୀ ଜ୍ୟାକଲିନ୍‌ଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଠକ ସୁକେଶ ଚନ୍ଦ୍ରଶେଖର ସହିତ ଜଡିତ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସୋମବାର ସୁପ୍ରିମକୋର୍ଟ ତାଙ୍କର ଏକ ଆବେଦନକୁ ଖାରଜ କରିଛନ୍ତି। ସୁକେଶ ସହିତ ଜଡିତ ୨୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାକୁ ରଦ୍ଦ କରିବାକୁ ସେ ଆବେଦନ କରିଥିଲେ। ଏହି ମାମଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୁଜୁ କରିଥିଲା। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କ ଖଣ୍ଡପୀଠ ଜ୍ୟାକଲିନ୍‌ଙ୍କ ଆବେଦନକୁ ଖାରଜ କରିଛନ୍ତି। ବରିଷ୍ଠ ଓକିଲ ମୁକୁଲ ରୋହତୋଗୀ ଜ୍ୟାକଲିନ୍‌ଙ୍କ ତରଫରୁ ତର୍କ ରଖିଥିଲେ। କିନ୍ତୁ ଅଭିଯୋଗ ପୂର୍ବ ଭଳି ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ପୂର୍ବରୁ ଜୁଲାଇ ୩ରେ ଦିଲ୍ଲୀ ହାଇକୋର୍ଟ ଜ୍ୟାକଲିନ୍‌ଙ୍କ ଏହି ଭଳି ଆବେଦନକୁ ଖାରଜ କରିଥିଲେ। ଯଦି କୌଣସି ବନ୍ଧୁ କାହାକୁ କିଛି ଉପହାର ଦିଅନ୍ତି ଓ ପରେ ସେ କୌଣସି ଅପରାଧରେ ସାମିଲ ଥିବା ଜଣା ପଡେ, ତାହାଲେ ମାମଲା ବହୁତ ଜଟିଳ। ପୁଣି ଅଜାଣତରେ ଏହି ଉପହାର ଦିଆଯାଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ସୁକେଶ ଜ୍ୟାକଲିନ୍‌ଙ୍କୁ ବହୁତ ଦାମୀ ଉପହାର ଦେଇଥିଲେ ଓ ତାଙ୍କ ପିଛା ପାଖାପାଖି ୭ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ସୁକେଶ ଜ୍ୟାକଲିନ୍‌ଙ୍କୁ ଦାମୀ ଗହଣା, ୪ଟି ଦାମୀ ବିଲେଇ, ୫୭ ଲକ୍ଷ ଟଙ୍କାର ଘୋଡ଼ା, ବାହାରିନ୍‌ରେ ରହୁଥିବା ଜ୍ୟାକଲିନ୍ ମାତାପିତାଙ୍କୁ ୧.୮୯ କୋଟିଟଙ୍କାର ଦୁଇଟି ଗାଡ଼ି (ପୋର୍ସ ଓ ମସୋରାଟି), ତାଙ୍କ ଭାଇଙ୍କୁ ଏସ୍‌ୟୁଭି ଓ ଭଉଣୀଙ୍କୁ ଦେଢ଼ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ କାର ଉପହାର ଦେଇଥିଲା। ଏଥିପାଇଁ ଜ୍ୟାକଲିନ ମନି ଲଣ୍ଡରିଂ ମାମଲାରେ ଛନ୍ଦି ହେବା ସହ ଇଡିର ମୁଖ୍ୟ ଅଭିଯୁକ୍ତ ରହିଛନ୍ତି।

# ଅକ୍ଟୋବର ୭ରେ ଉମର ଖାଲିଦଙ୍କ ଜାମିନ ଶୁଣାଣି

ନୂଆଦିଲ୍ଲୀ, ୨୨।୯: ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ଧରି ବିନା ବିଚାରରେ ଜେଲରେ ଥିବା ଉମର ଖାଲିଦ ସମେତ ୫ ଜଣ ଛାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମ କୋର୍ଟ। ଜାମିନ ଆବେଦନ ଉପରେ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିବା ସହିତ ଉତ୍ତର ଲୋଡ଼ିଛନ୍ତି। ଉତ୍ତର ମିଳିଲା ପରେ ଆସନ୍ତା ଅକ୍ଟୋବର ୭ ତାରିଖରେ ମାମଲାର ଶୁଣାଣି କରାଯିବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏମାନେ ଛାତ୍ର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ଦିଆଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଶେକ ମନୁ ସିଂହଭୀ ଯୁକ୍ତି କରିଥିଲେ। ଉମରଙ୍କ ସମେତ ସର୍ଜିଲ ଇମାମ, ମୀରାନ ହାଇଦର, ଗୁଲଫିସା ଫାତିମା ଓ ସିଫାଉର ରହେମାନ ଏହି ମାମଲାରେ ଜେଲରେ ଅଛନ୍ତି। ଦିଲ୍ଲୀ ହାଇକୋର୍ଟ ସେମାନଙ୍କର ଜାମିନ ଆବେଦନ ଖାରଜ କରିବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ନିଜ ଦେଶରେ ପାକିସ୍ତାନର ବୋମାବର୍ଷା

## ୩୦ ନିହତ, ଶତାଧିକ ଆହତ



ଇସଲାମାବାଦ୍, ୨୨।୯(ଏଜେନ୍ସି): ପାକିସ୍ତାନ ବାୟୁ ସେନା ନିଜ ଦେଶରେ ବୋମା ବର୍ଷା କରିଛି। ଆଜି ବିଳମ୍ବିତ ରାତି ୨ଟା ବେଳେ ଖାଇବର ପଖତୁନଖ୍ୱା ପ୍ରଦେଶର ଏକ ଗାଁ ଉପରେ ବାୟୁସେନା ଯୁଦ୍ଧ ବିମାନରୁ ବୋମା ବର୍ଷା କରାଯିବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା କୁହାଯାଉଛି। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ପାକିସ୍ତାନ ଚୀନ ନିର୍ମିତ ଜେଟରୁ ବୋମାମାଡ଼ କରିଥିବା କୁହାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଯୋଗୁଁ ମୃତ୍ୟୁ ଘଟିଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ ରାତି ଦୁଇଟାରେ ଲୋକ ଘରେ ଶୋଇଥିବା ବେଳେ ତିରା ଉପତ୍ୟକାର ମାତ୍ରେ ଡାରା ଗାଁରେ ପାକିସ୍ତାନୀ ବାୟୁସେନା ଚୀନ୍‌ର ବିମାନ ଜେଏଫ୍-୧୭ରୁ ୮ଟି ଏଲ୍‌ଏସ୍-୬ ବୋମାମାଡ଼ କରିଥିଲା। ଏହା ଏକ ନରସଂହାର ଭଳି ସ୍ଥିତି ସୃଷ୍ଟି କରିଛି। ବୋମାମାଡ଼ ପରେ ଘଟଣାସ୍ଥଳର ବିଚଳିତ କଲା ଭଳି ଚିତ୍ର ସାମ୍ନାକୁ ଆସିଛି ଓ ଏହା ଭାଇରାଲ ହୋଇଛି। ମୃତଦେହଗୁଡିକ ବୀଭତ୍ସ ଭାବେ ଏପଟେ ସେପଟେ ପଡ଼ି ରହିଥିବା ବେଳେ ଆହତ ବ୍ୟକ୍ତିମାନେ ମଧ୍ୟ ଚିକିତ୍ସା ଅପେକ୍ଷାରେ ଚିତ୍କାର କରୁଥିବା ଦେଖାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି।

ଏହି ଘଟଣା ନେଇ ପାକିସ୍ତାନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନାହିଁ। ବୋମା ମାଡ଼ ଏତେ ଭୟଙ୍କର ଥିଲା ଯେ, ଅଧା ଗାଁ ଧ୍ୱଂସ ହୋଇଯାଇଛି। କିଛି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେପିକେରେ ଆତଙ୍କବାଦ ବିରୋଧୀ ଅଭିଯାନ ଚାଲୁଛି ଓ ଏଥିପାଇଁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଅଶାନ୍ତ ରହିଛି ଓ ପାକ୍ ସରକାରଙ୍କ କର୍ତ୍ତୃତ୍ୱ ଏଠାରେ ପ୍ରାୟ ନାହିଁ କହିଲେ ଚଳେ। ଏଠାରେ ଚାଲିଥିବା ଆତଙ୍କବାଦୀ ନିରୋଧୀ ଅଭିଯାନରେ ଅନେକ ସାଧାରଣ ଲୋକ ପ୍ରାଣ ହରାଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି।

ଆତଙ୍କବାଦୀ ସଂଗଠନ ତେହରିକ-ଇ- ତାଲିବାନ (ଟିଟିପି) କୁ ଟାର୍ଗେଟ କରି ବାୟୁସେନା ଏହି ବୋମା ମାଡ଼ କରିଥିଲା। କିନ୍ତୁ ଏହା ଭୁଲରେ ଗାଁ ଉପରେ ପଡ଼ିଥିଲା ଓ ସାଧାରଣ ଲୋକ ପ୍ରାଣ ହରାଇଥିଲେ ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଉଲ୍ଲେଖ କରିଛନ୍ତି। ଗତ କିଛି ଦିନ ମଧ୍ୟରେ କେପିକେରେ ଆତଙ୍କବାଦୀଙ୍କ ବିରୋଧରେ କେତୋଟି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଆଫଗାନିସ୍ତାନ ସୀମାରେ ଥିବା ପାହାଡି ଅଞ୍ଚଳକୁ ଲାଗି ରହିଛି। ତେଣୁ ଏହାକୁ ଟିଟିପି ତଥା ଆତଙ୍କବାଦୀଙ୍କ ଚରାଭୂଇଁ ବୋଲି କୁହାଯାଇଥାଏ। ଏହି ଅଞ୍ଚଳରେ ଆତଙ୍କବାଦୀଙ୍କର ଏକାଧିକ ଠିକଣା ରହିଛି। କିଛିଦିନ ତଳେ ଏଠାରେ ହୋଇଥିବା ଆକ୍ରମଣରେ ୭ ଜଣ ଟିଟିପି ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସେନା ତରଫରୁ କୁହାଯାଇଥିଲା। ଚଳିତବର୍ଷ ଅଗଷ୍ଟ ପର୍ଯ୍ୟନ୍ତ କେପିକେରେ ୬୦୫ଟି ଆତଙ୍କବାଦୀ ସମ୍ପର୍କିତ ଘଟଣା ଘଟିଥିଲା। ଏଥିରେ ୧୩୮ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୫୨ ଜଣ ଆହତ ହୋଇଥିଲେ। ସେହିପରି ୭୯ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩୦ ଜଣ ଆହତ ହୋଇଥିଲେ ବୋଲି କୁହାଯାଇଥିଲା। କେବଳ ଅଗଷ୍ଟରେ କେପିକେରେ ୧୨୯ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୧୯୮୯ରେ ସୋଭିଏତ ୟୁନିୟନ ଚାଲିଯିବା ପରେ ଏହି ଅଞ୍ଚଳରେ ଆରମ୍ଭ ହୋଇଥିବା ଅରାଜକତା ଏପର୍ଯ୍ୟନ୍ତ ଚାଲୁ ରହିଛି।

# ବିନା ଆକ୍ରମଣରେ ପିଓକେ ଫେରିଆସିବ: ରାଜନାଥ

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ନେଇ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ବିନା କୌଣସି ଯୁଦ୍ଧ, ସଂଘର୍ଷ ଓ ଲଢ଼େଇରେ ପିଓକେ ସ୍ୱତଃ ଭାରତରେ ମିଶିଯିବ ବୋଲି ସେ କହିଛନ୍ତି। ପିଓକେର ଲୋକ ସ୍ୱାଧୀନତା ପାଇଁ ଦାବି କରିଆସୁଛନ୍ତି ଓ ଏମିତି ଗୋଟିଏ ଦିନ ଆସିବ ସେମାନେ 'ମୁଁ ବି ଭାରତ' ବୋଲି କହି ଗର୍ବ କରିବେ। ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ମୋରୋକ୍କୋ ରାଜଧାନୀ ରାବାଟ୍‌ରେ ଭାରତୀୟ ସମୁଦାୟ ସହ କଥା ହେବା ବେଳେ ରାଜନାଥ ଏହି କଥା କହିଛନ୍ତି। ୫ ବର୍ଷ ପୂର୍ବେ କାଶ୍ମୀରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଥିବା ମନେ ପକାଇଦେଇଥିଲେ। ମେ ୭ରେ ଅପରେସନ ସିନ୍ଦୂର ଅବସରରେ ଆମେ ପିଓକେ ପୁଣି ହାସିଲ କରିବାର ସୁଯୋଗ ହାତଛଡା କରିଛୁ। ହଠାତ ଅସ୍ତ୍ର ବିରତି ଘୋଷଣା କରିବା ଫଳରେ ଭାରତ ଏହି ସୁଯୋଗ ହାତଛଡ଼ା କରିଥିଲା ବୋଲି ବିରୋଧୀ ଦଳର ନେତାମାନେ ଆକ୍ଷେପ କରି କହିଥିଲେ। ଫଳରେ ଏଭଳି ସ୍ଥିତିରେ ରାଜନାଥଙ୍କ ଏଭଳି ମନ୍ତବ୍ୟ ଗୁରୁତ୍ୱ ବହନ କରୁଛି। ଭବିଷ୍ୟତରେ ଆମ ସରକାର ଯେକୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣକୁ କଡ଼ା ଜବାବ ଦେବା ନେଇ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଅପରେସନ ସିନ୍ଦୂର କେବଳ ରୋକା ଯାଇଛି ଓ ଆବଶ୍ୟକ ପଡ଼ିଲେ ପୁଣି ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ ଧର୍ମ ନୁହଁ କର୍ମ ଦେଖି ମାରିଛୁ ବୋଲି ସେ କହିଛନ୍ତି।

# ୫୮ ବର୍ଷ ପରେ ଜାତିସଂଘ ମହାସଭାରେ ସିରିଆ

ୱାଶିଂଟନ, ୨୨।୯(ଏଜେନ୍ସି): ପଶ୍ଚିମ ଏସିଆ ଦେଶ ସିରିଆ ପାଖାପାଖି ୬ ଦଶନ୍ଧି ପରେ ଜାତିସଂଘ ଜେନେରାଲ ଆସେମ୍ବ୍ଲି(ୟୁଏନ୍‌ଜିଏ)ରେ ସାମିଲ ହେବ। ୫୮ ବର୍ଷ ପରେ ସିରିଆକୁ ଏହି ସୁଯୋଗ ମିଳିଥିବାରୁ ସିରିଆ ରାଷ୍ଟ୍ରପତି ଅହମ୍ମଦ ଅଲ- ଶରା ରବିବାର ନ୍ୟୁୟର୍କ ପହଞ୍ଚିଛନ୍ତି। ସେ ଜାତିସଂଘ ୮୦ତମ ମହାସଭାରେ ଅଂଶଗ୍ରହଣ କରିବେ। ଏହି ମହାସଭା ମଙ୍ଗଳବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ୧୯୬୭ରେ ସେତେବେଳେର ରାଷ୍ଟ୍ରପତି ନୁର ଅଲ-ଦିନ ଅଲ-ଅତାସୀ ୟୁଏନ୍‌ଜିଏରେ ଅଂଶଗ୍ରହଣ କରିଥିଲେ। ଏହାପରେ ସିରିଆରେ ଅସଦ ପରିବାର (ହାଫିଜ ଅସଦ ଓ ବସର ଅସଦ) ଦୀର୍ଘ ୫୦ ବର୍ଷ ଧରି ଶାସନ କରିଥିଲେ। ଗତବର୍ଷ ଅସଦ ପରିବାରକୁ ଶାସନରୁ ବିତାଡିତ କରି ଅଲ-ଶରା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ସିରିଆ ସରକାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡିକ ସହ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ସୁଧାରିବାକୁ ପ୍ରୟାସ କରିବେ। ଇସ୍ରାଏଲ ସହିତ ସିରିଆର ଏବେ ସମ୍ପର୍କ ସେତେଟା ଭଲ ନଥିବା ବେଳେ ଏହାକୁ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

# ୨୪ ଘଣ୍ଟାରେ ୪ ଦେଶ ପାଲେଷ୍ଟାଇନ୍‌କୁ ଦେଲେ ମାନ୍ୟତା

ଲଣ୍ଡନ, ୨୨।୯(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅସ୍ଥିରତାର କେନ୍ଦ୍ର ବିନ୍ଦୁ କୁହାଯାଉଥିବା ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବାରେ ଏବେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ବିକଶିତ ଦେଶ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦେଶଗୁଡିକ ହେଲେ ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଓ ପର୍ତ୍ତୁଗାଲ। ଫଳରେ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାରେ ଏବେ ଦେଶଗୁଡିକର ସଂଖ୍ୟା ୧୫୦ରେ ପହଞ୍ଚିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର ଦୁଇ ରାଷ୍ଟ୍ର ସମାଧାନ ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି କହିଛନ୍ତି। ସେହିପରି ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବା ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି ପର୍ତ୍ତୁଗାଲ ବୈଦେଶିକ ମନ୍ତ୍ରୀ ପାଓଲୋ ରାଙ୍ଗେଲ କହିଛନ୍ତି। ଏହା ଦ୍ୱାରା ଗାଜାରେ ଇସ୍ରାଏଲର ଆକ୍ରମଣ ଓ ମାନବୀୟ ସଙ୍କଟ କମ୍ ହେବ ଓ ଇସ୍ରାଏଲ ଉପରେ ଏ ନେଇ ଚାପ ବୃଦ୍ଧି ପାଇବ। ତେବେ ଆମେରିକା ଏବେ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଫ୍ରାନ୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ପୂର୍ବରୁ ଘୋଷଣା କରିସାରିଛି ଓ ଜାତିସଂଘରେ ମାନ୍ୟତା ଦେବା ସପକ୍ଷରେ ଭୋଟ ଦେବାକୁ ଘୋଷଣା କରିସାରିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତାଦେଇ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଆମେରିକାର ନିକଟତମ ବନ୍ଧୁ ଦେଶଗୁଡିକ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେଉଛନ୍ତି।

**୧୫୦ ଦେଶ ସମର୍ଥନ କରିସାରିଛନ୍ତି**

**ଏବେ ମଧ୍ୟ ଆମେରିକାର ବିରୋଧ**

ସେପଟେ ଏଭଳି ପଦକ୍ଷେପ ଆତଙ୍କବାଦକୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ଜୋର୍ଡାନ ନଦୀର ପଶ୍ଚିମରେ ପାଲେଷ୍ଟାଇନ ଦେଶ ସୃଷ୍ଟି ହେବ ନାହିଁ। ସେହିପରି ୱେଷ୍ଟବ୍ୟାଙ୍କରେ ଇହୁଦୀ ବସ୍ତିକୁ ଦୁଇଗୁଣା କରାଯାଇଛି ଓ ଏହାକୁ ଆହୁରି ବୃଦ୍ଧି କରାଯିବ। ଆମେରିକାରୁ ଫେରିବା ପରେ ଯାଇ ଏହି ମାନ୍ୟତା ଦେବା ପ୍ରକ୍ରିୟାକୁ ନେଇ ଜବାବ ଦେବେ ବୋଲି ନେତାନ୍ୟାହୁ କହିଛନ୍ତି। ଗାଜାରେ ଦୁଇବର୍ଷ ହେବ ଚାଲିଥିବା ଯୁଦ୍ଧରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦୁର୍ଭିକ୍ଷ, ଧ୍ୱଂସର ଚିତ୍ର ସାରା ବିଶ୍ୱକୁ ବ୍ୟଥିତ କରିଛି। ଇସ୍ରାଏଲର ଲଗାତର ସାମାରିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଶ୍ୱରେ ସ୍ୱର ପରିବର୍ତ୍ତନ ହେବାରେ ଲାଗିଛି। ଫଳରେ ବହୁ ଦେଶ ଏବେ ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବାକୁ ଆଗଭର ହୋଇଛନ୍ତି।

**ଅହମଦାବାଦ ବିମାନ ଦୁର୍ଘଟଣା**

# ପାଇଲଟଙ୍କ ତ୍ରୁଟିକୁ ନେଇ ଚର୍ଚ୍ଚା ଦୁର୍ଭାଗ୍ୟଜନକ: ସୁପ୍ରିମକୋର୍ଟ

## କେନ୍ଦ୍ର, ଡିଜିସିଏ, ଏଏଆଇବିଠାରୁ ଜବାବ ମାଗିଲେ



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଅହମଦାବାଦ୍‌ରେ ହୋଇଥିବା ବିମାନ ଦୁର୍ଘଟଣାରେ ପାଇଲଟ୍‌ଙ୍କ ତ୍ରୁଟି ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୁର୍ଭାଗ୍ୟଜନକ ଓ ଅବସୋସଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ କୋର୍ଟ ସୋମବାର କେନ୍ଦ୍ର ସରକାର, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଓ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଠାରୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଓ ଏନ୍‌କେ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନ ନାମକ ଏନ୍‌ଜିଓ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏଏଆଇବି, ଡିଜିସିଏକୁ ନୋଟିସ ଜାରି କରିଛନ୍ତି। କୋର୍ଟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣା ତଦନ୍ତ ସ୍ୱତନ୍ତ୍ର ଭାବେ କରାଇବାକୁ ଏହି ଏନ୍‌ଜିଓ ଦାବି କରିଛି। ଦୁର୍ଘଟଣାର ତଦନ୍ତ ନେଇ ପ୍ରାରମ୍ଭିକ ରିପୋର୍ଟରେ ଆବଶ୍ୟକୀୟ ସୂଚନାକୁ ଛୁପାଇବାକୁ ପ୍ରୟାସ କରାଯାଇଛି। ଏହା ଦ୍ୱାରା ନାଗରିକଙ୍କ ଜୀବନ, ସମାନତା ଓ ପ୍ରକୃତ ସୂଚନା ପାଇବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଏନ୍‌ଜିଓ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଟେକଅଫ୍ କରିବାର କିଛି ସେକେଣ୍ଡ ପରେ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂରେ ଧକ୍କା ଖାଇ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ଏଥିରେ ମୋଟ୍ ୨୭୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟିବାର ୧୦୦ ଦିନ ବିତିଯାଇଥିଲେ ମଧ୍ୟ କେବଳ ପ୍ରାରମ୍ଭିକ ରିପୋର୍ଟ ଜାରି ହୋଇଛି ବୋଲି ଏନ୍‌ଜିଓ ତରଫରୁ ଓକିଲ ପ୍ରଶାନ୍ତ ଭୂଷଣ କୋର୍ଟରେ କହିଛନ୍ତି। ନିରପେକ୍ଷ ଯାଞ୍ଚ ହେବା ନେଇ ହେଉଥିବା ଦାବି ଠିକ୍। କିନ୍ତୁ ସବୁ ନିଷ୍କର୍ଷକୁ ସାର୍ବଜନୀନ କରାଯିବା ଯାଞ୍ଚ ପ୍ରଭାବିତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ୧୨ରେ ଏଏଆଇବି ଦୁର୍ଘଟଣାର ରିପୋର୍ଟ ଜାରି କରିଥିଲା। ଏଥିରେ ଦୁଇ ପାଇଲଟଙ୍କ ମଧ୍ୟରେ କଥାବାର୍ତ୍ତା ବିଷୟରେ ଉଲ୍ଲେଖ କରାଯାଇଥିଲା।

# ମହାକାଶରେ ଉପଗ୍ରହର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍'



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଅନ୍ତରୀକ୍ଷରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିପଦ ଓ ଶତ୍ରୁ ଦେଶଗୁଡିକର ଗିତିବିଧିକୁ ଲକ୍ଷ୍ୟ କରି ଭାରତ ସରକାର ନିଜର ଉପଗ୍ରହଗୁଡିକର ସୁରକ୍ଷା ପାଇଁ ନୂଆ ଯୋଜନା ହାତକୁ ନେବାକୁ ଯାଉଛି। ଏଥିପାଇଁ ଭାରତ ସରକାର ଏବେ ନିଜ ଉପଗ୍ରହଗୁଡିକର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍' ତିଆରି କରିବାକୁ ଯୋଜନା କରୁଛି। ଏହି ବଡିଗାର୍ଡ ସାଟେଲାଇଟ୍ ଭାରତୀୟ ଉପଗ୍ରହଗୁଡିକୁ ସୁରକ୍ଷା ଦେବା ସହ ସବୁପ୍ରକାର ସନ୍ଦିଗ୍ଧ ଗତିବିଧି ନେଇ ତୁରନ୍ତ ସୂଚନା ଦେବ। ୨୦୨୪ର ମଧ୍ୟ ଭାଗରେ ଏକ ପଡୋଶୀ ଦେଶର ଉପଗ୍ରହ ଇସ୍ରୋ ଉପଗ୍ରହଠାରୁ ମାତ୍ର ୧ କିମି ଦୂରରେ ଚାଲିଯାଇଥିଲା। ଏହାକୁ ଲକ୍ଷ୍ୟ ରଖି ଭାରତ ଏବେ ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଏବେ ଷ୍ଟାର୍ଟଅପ୍ସ ସହିତ ମିଶି ଏଲଆଇଡିଏଆର ସଟେଲାଇଟ୍ ଓ ଗ୍ରାଉଣ୍ଡ ବେସ୍‌ଡ ରାଡାର ଭଳି ସିଷ୍ଟମ ଉପରେ କାର୍ଯ୍ୟ କରୁଛନ୍ତି। ଏହା ଦ୍ୱାରା ବହୁ ପୂର୍ବରୁ ବିପଦକୁ ଚିହ୍ନଟ କରି ଉପଗ୍ରହଗୁଡିକୁ ସୁରକ୍ଷିତ ସ୍ଥାନକୁ ପଠାଯାଇପାରିବ। ଉଲ୍ଲେଖଥାଉ କି, ଭାରତ ପାଖରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ଉପଗ୍ରହ ରହିଥିବା ବେଳେ ଚୀନ୍ ପାଖରେ ୯୩୦ରୁ ଉର୍ଦ୍ଧ୍ୱ ଓ ପାକିସ୍ତାନ ପାଖରେ ୮ଟି ଉପଗ୍ରହ ରହିଛି। ପୂର୍ବରୁ ଗତ ଜୁନ୍‌ରେ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ୍ ଅନ୍ତରୀକ୍ଷ ସୁରକ୍ଷା ନେଇ ଚେତାବନୀ ଦେଇଥିଲେ। ଅନ୍ତରୀକ୍ଷ ହେଉଛି ସବୁଠାର ଉଚ୍ଚ ଓ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର। ଆମକୁ ଏହାକୁ ସୁରକ୍ଷିତ ରଖିବାକୁ ପଡ଼ିବ। ନହେଲେ, ଆମକୁ ଭବିଷ୍ୟତରେ କୌଣସି ସୂଚନା ମିଳିବା କଷ୍ଟକର ହେବ ବୋଲି ସେ କହିଥିଲେ। ସରକାର ୨୦୨୯ ସୁଦ୍ଧା ଅର୍ଥାତ ଆଗାମୀ ୪ ବର୍ଷରେ ୫୨ଟି ସ୍ୱତନ୍ତ୍ର ପ୍ରତିରକ୍ଷା ସାଟେଲାଇଟ୍ ଅନ୍ତରୀକ୍ଷକୁ ପଠାଇବ। ଏହି ସାଟେଲାଇଟ୍‌ଗୁଡିକ ଅନ୍ତରୀକ୍ଷରେ ଭାରତର ଆଖି ଭଳି କର୍ଯ୍ୟକରିବ ଓ ଜଗି ରହିବ ଓ ପାକିସ୍ତାନ- ଚୀନ୍ ସୀମା ଉପରେ କ୍ରମାଗତ ନଜର ରଖିବ।

# ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ବୃଦ୍ଧି କରିବାକୁ ପୁଟିନ ରାଜି

ମସ୍କୋ, ୨୨।୯(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନ୍ୟୁ ଷ୍ଟ୍ରାଟେଜିକ ଆର୍ମ୍ସ ରିଡକସନ ଟ୍ରିଟି (ନ୍ୟୁ ଷ୍ଟାର୍ଟ)କୁ ଗୋଟିଏ ବର୍ଷ ବୃଦ୍ଧି କରିବାକୁ ଇଚ୍ଛା ଜାହିର କରିଛନ୍ତି ଓ ଏଥିପାଇଁ ରୁଷ୍ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ସେ ଗୋଟିଏ ସର୍ତ୍ତ ରଖିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଥିପାଇଁ ପସ୍ତୁତ ହେବା ସହ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ୨୦୧୦ରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ଦୁଇ ମହାଶକ୍ତିଙ୍କ ମଧ୍ୟରେ ଶେଷ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ଥିଲା। ଏହି ଚୁକ୍ତି ଅନୁସାରେ ଦୁଇଦେଶ ପାଖରେ ଥିବା ପରାମାଣୁ ଅସ୍ତ୍ର, ମିସାଇଲ ଓ ବମ୍ବରଗୁଡିକର ସଂଖ୍ୟା ଉପରେ କଟକଣା ଲାଗୁ ହୋଇଥିଲା। ଏହି ଚୁକ୍ତିକୁ ଆଗକୁ ବଢ଼ାଇବା ବିଶ୍ୱ ପାଇଁ ହିତକର ବୋଲି ପୁଟିନ କହିଛନ୍ତି। ତେବେ ଏ ନେଇ ଆମେରିକା ତା'ର ପ୍ରତିକ୍ରିୟା ଦେଇ ନାହିଁ। ସେତେବେଳେର ରାଷ୍ଟ୍ରପତି ବାରାକ ଓବାମା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

# ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି କଂଗ୍ରେସ: ପ୍ରଧାନମନ୍ତ୍ରୀ




ଇଟାନଗର, ୨୨।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ସୋମବାର ତ୍ରିପୁରା ପହଞ୍ଚିଛନ୍ତି। ଗୋମତି ଜିଲ୍ଲାରେ ସେ ପୁନଃନିର୍ମିତ ତ୍ରିପୁର ସୁନ୍ଦରୀ ମନ୍ଦିରର ଉଦ୍‌ଘାଟନ କରିଛନ୍ତି। ଏହି ମନ୍ଦିର ଦେଶରେ ଥିବା ୫୧ଟି ଶକ୍ତିପୀଠରୁ ଅନ୍ୟତମ। କେନ୍ଦ୍ର ସରକାରଙ୍କ ପିଲଗ୍ରିମେଜ ରେଜୁଭେନସନ ଆଣ୍ଡ ସ୍ପିରିଚୁଆଲିଟି ଅଗୁମେଣ୍ଟେସନ ଡ୍ରାଇଭ (ପ୍ରସାଦ) ଯୋଜାନ ଅନୁସାରେ ଏହି ମନ୍ଦିରର ପୁନଃନିର୍ମାଣ ପାଇଁ ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ଅରୁଣାଚଳ ଓ ତ୍ରିପୁରା ଗସ୍ତରେ ଅଛନ୍ତି। ଏହାପୂର୍ବରୁ ଇଟାନଗରରେ ପହଞ୍ଚି ସେ ୫, ୧୦୦ କୋଟି ଟଙ୍କାର ନୂଆ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କଂଗ୍ରେସ ଉପରେ ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି ବୋଲି ସମାଲୋଚନା କରିଛନ୍ତି। ଏବେ ମୋତେ ସେବା କରିବାର ସୁଯୋଗ ମିଳିଛି। କଂଗ୍ରେସର ଏହି ଚିନ୍ତାଧାରାରୁ ଦେଶକୁ ମୁକ୍ତି ଦେଇଛି। ଯେଉଁ ଉତ୍ତରପୂର୍ବାଞ୍ଚଳକୁ କଂଗ୍ରେସ ଭୁଲି ଯାଇଥିଲା, ସେଠାରେ ୨୦୧୪ରେ ପରେ ବିକାଶକୁ ପ୍ରାଥମିକତା ଦିଆଯାଇଛି। ଉତ୍ତରପୂର୍ବାଞ୍ଚଳର ୮ଟି ରାଜ୍ୟକୁ ଆମେ ଅଷ୍ଟଲକ୍ଷ୍ମୀ ବୋଲି ବିବେଚନା କରୁଛୁ। ଏହି ୮ଟି ରାଜ୍ୟ ହେଲା ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା। ଏହି ୮ଟି ରାଜ୍ୟ ବିକାଶର ଶୀର୍ଷକୁ ଛୁଇଁବ ବୋଲି ସେ କହିଛନ୍ତି।

# କାନାଡାରେ ଆତଙ୍କବାଦୀ ପନ୍ନୁର ସହଯୋଗୀ ଗିରଫ

ଓଟ୍ଟାୱା, ୨୨।୯(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ ଫର ଜଷ୍ଟିସ (ଏସ୍‌ଏଫ୍‌ଜେ) ମୁଖ୍ୟ ପନ୍ନୁର ଜଣେ ଘନିଷ୍ଠ ସହଯୋଗୀ ଇନ୍ଦରଜିତ୍ ସିଂହ ଗୋସାଲ କାନାଡାରେ ଗିରଫ ହୋଇଛି। ଇନ୍ଦରଜିତ କାନାଡାରେ ଏସ୍‌ଏଫ୍‌ଜେର ଜଣ ବଡ଼ ସମର୍ଥକ ତଥା ପ୍ରଚାରକ। ୨୦୨୩ ଜୁନ୍‌ରେ ହରଦୀପ ସିଂ ନିଜ୍ଜର ମୃତ୍ୟୁବରଣ କରିବା ପରେ ସେ ଦାୟିତ୍ୱରେ ରହିଛି। ରାଜଧାନୀ ଓଟାୱାରେ ବିଭିନ୍ନ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ ରହିଛି। ସେ ପନ୍ନୁର ଡାହାଣ ହାତ ଥିଲା। ସେ ମଧ୍ୟ ଏକଦା ପନ୍ନୁର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ଭାବେ କାର୍ଯ୍ୟ କରୁଥିଲା। ଇନ୍ଦରଜିତର ଗିରଫ୍ ହେବା ପଛରେ ଭାରତ ହାତ ଅଛି ବୋଲି କୁହାଯାଉଛି। ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ତରଫରୁ ଲାଗାତର କୂଟନୈତିକ ଚାପ ଫଳରେ ତାକୁ ଗିରଫ କରାଯାଇଛି। ୩୯ ବର୍ଷୀୟ ଇନ୍ଦରଜିତଙ୍କୁ ଗତବର୍ଷ ନଭେମ୍ବରରେ ଗ୍ରେଟର ଟରୋଣ୍ଟରେ ଏକ ହିନ୍ଦୁ ମନ୍ଦିର ଉପରେ ହିଂସକ ଆକ୍ରମଣ ମାମଲାରେ ଗିରଫ କରାଯାଇଥିଲା। ପରେ ତାକୁ କେତୋଟି ସର୍ତ୍ତରେ ଛାଡି ଦିଆଯାଇଥିଲା।


# ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ

## ଦକ୍ଷିଣ ଆଫ୍ରିକା ଟି-୨୦ ଓ ଦିନିକିଆ ଦଳରେ ସାମିଲ



ଜୋହାନ୍ସବର୍ଗ, ୨୨।୯ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ୱିକେଟ୍‌କିପର ବ୍ୟାଟର୍ କ୍ୱିଣ୍ଟନ ଡି କକ୍ ଦିନିକିଆ ଅବସରରୁ ୟୁ-ଟର୍ନ ନେଇଛନ୍ତି। ୫୦ ଓଭର ଫର୍ମାଟ୍‌ରୁ ଅବସର ନେବାର ଦୀର୍ଘ ୨ ବର୍ଷ ପରେ ଡି କକ୍‌ଙ୍କୁ ପୁଣିଥରେ ଜାତୀୟ ଦଳରେ ସ୍ଥାନ ମିଳିଛି। ଆଗାମୀ ପାକିସ୍ତାନ ବିପକ୍ଷ ଟୁର୍ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଥିଲା। ଉଭୟ ଦିନିକିଆ ଓ ଟି-୨୦ ଦଳରେ ୩୨ ବର୍ଷୀୟ ଡି କକ୍‌ଙ୍କୁ ସାମିଲ କରାଯାଇଛି। ପାକିସ୍ତାନ ଗସ୍ତରେ ଯାଇ ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୨ରୁ ପ୍ରଥମେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡି କକ୍ ୨୦୨୧ରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ଏହାପରେ ଭାରତରେ ୨୦୨୩ରେ ଅନୁଷ୍ଠିତ ବିଶ୍ୱକପ୍ ପରେ ସେ ଦିନିକିଆ ଫର୍ମାଟ୍‌କୁ ଅଲ୍‌ବିଦା କହିଥିଲେ। କିନ୍ତୁ ସେ ଟି-୨୦ କ୍ରିକେଟ୍‌ରେ ସକ୍ରିୟ ଥିଲେ। ୨୦୨୪ ଜୁନରେ ସେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ପାଇଁ ଖେଳିଥିଲେ। ଏବେ ପାଖାପାଖି ଦେଢ଼ବର୍ଷ ପରେ ସେ ଟି-୨୦ ଦଳକୁ ଫେରିଛନ୍ତି। ବାମହାତୀ ବ୍ୟାଟର୍ ଡି କକ୍ ଦକ୍ଷିଣ ଆଫ୍ରିକା ପାଇଁ ୧୫୫ ଦିନିକିଆ ଓ ୯୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୭୭୦ ରନ ଓ ୨୫୮୪ ରନ ସଂଗ୍ରହ କରିଛନ୍ତି। ଉଭୟ ଫର୍ମାଟ୍‌ରେ ସେ ମୋଟ୍ ଉପରେ ୨୨ଟି ଶତକ ମାରିଛନ୍ତି।

# ୧୧ ବର୍ଷ ପରେ ଭାରତ ଆସିବେ ବୋଲ୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଠଥରର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମହାନ ଧାବକ ଉସେନ ବୋଲ୍ଟ ଭାରତରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବେ। ଅକ୍ଟୋବର ୧ରେ ମୁମ୍ବଇରେ ଏହି ଫୁଟ୍‌ବଲ ମ୍ୟାଚ୍ ଖେଳାଯିବ। ଏକ ସ୍ପୋର୍ଟ୍ସ ବ୍ରାଣ୍ଡର ଦୁଇ ଦିନିଆ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଆୟୋଜିତ ହେବ। ଏହି ଫୁଟବଲ୍ ମ୍ୟାଚ୍ ଇଣ୍ଡିଆନ ସୁପର୍ ଲିଗ୍‌ର ଦୁଇ ଦଳ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏଥିରେ ବୋଲ୍ଟ ମୁମ୍ବାଇ ପାଇଁ ଗୋଟିଏ ହାଫ୍ ଓ ବେଙ୍ଗାଲୁରୁ ପାଇଁ ଅନ୍ୟ ହାଫ୍‌ଟି ଖେଳିବେ ବୋଲି ଜଣାପଡ଼ିଛି। ବଲିଉଡ୍‌ର କିଛି ଚର୍ଚ୍ଚିତ ଚେହେରାଙ୍କୁ ମଧ୍ୟ ଏହି ପ୍ରଦର୍ଶନୀ ମ୍ୟାଚରେ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଜାମାଇକା ତାରକା ବୋଲ୍ଟ ସେପ୍ଟେମ୍ବର ୨୬ରୁ ୨୮ ମଧ୍ୟରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ଉଲ୍ଲେଖଯୋଗ୍ୟ, ୩୯ ବର୍ଷୀୟ ବୋଲ୍ଟ ଦ୍ୱିତୀୟଥର ଲାଗି ଭାରତ ଗସ୍ତରେ ଆସିବେ। ଏଥିପୂର୍ବରୁ ସେ ୨୦୧୪ରେ ପ୍ରଥମଥର ଭାରତ ଗସ୍ତରେ ଆସି ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ରିକେଟର୍ ଯୁବରାଜ ସିଂହଙ୍କ ସହ ଏକ ୧୦୦ ମିଟର ରେସରେ ଭାଗନେଇଥିଲେ। ବୋଲ୍ଟଙ୍କ ନାମରେ ୧୦୦, ୨୦୦ ଓ ୪ ଗୁଣା ୧୦୦ ମିଟର ରେସର ବିଶ୍ୱରେକର୍ଡ ଲିପିବଦ୍ଧ ହୋଇ ରହିଛି। ୨୦୧୭ରେ ବୋଲ୍ଟ ଅବସର ଘୋଷଣା କରିଥିଲେ।

# ରୌଫ୍-ଫର୍‌ହାନଙ୍କୁ ନେଇ ଅଡୁଆରେ ପାକିସ୍ତାନ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)



ଭାରତ ବିପକ୍ଷ ସୁପର୍-୪ ମ୍ୟାଚରେ ପାକିସ୍ତାନ ଖେଳାଳିଙ୍କ କାର୍ଯ୍ୟକଳାପକୁ ନେଇ ଏବେ ସେମାନଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଓପନର୍ ଶାହିବଜାଦା ଫରହାନଙ୍କ ଏକେ-୪୭ ବନ୍ଧୁକରୁ ଗୁଳି ଚାଳନା କରିବା ଶୈଳୀରେ ସେଲିବ୍ରେସନ କରିବା ଏବଂ ଦ୍ରୁତ ବୋଲର ହାରିସ ରୌଫ୍‌ଙ୍କ ରାଫେଲ ବିମାନ ଖସାଇଦେବା ଇଙ୍ଗିତକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଉଭୟଙ୍କ ଟ୍ରୋଲର ସମ୍ମୁଖୀନ ହୋଇଛନ୍ତି। ଏହା ସେମାନଙ୍କର ପରାଜୟର ହତାଶାକୁ ପ୍ରଦର୍ଶନ କରୁଥିଲା ବୋଲି ଅନେକ କହିଛନ୍ତି। ଏପରିକି ଏହି ଦୁଇ ଖେଳାଳିଙ୍କ ଏଭଳି ବ୍ୟବହାରକୁ ନେଇ ପାକିସ୍ତାନ ବୋର୍ଡ ମଧ୍ୟ ଅଡୁଆରେ ପଡ଼ିଛି। ଭାରତୀୟ ଇନିଂସରେ ରୌଫ୍ ବାଉଣ୍ଡାରୀ ଲାଇନରେ ଫିଲ୍ଡିଂ କରୁଥିବାବେଳେ ପଛ ଗ୍ୟାଲେରୀରୁ ଦର୍ଶକ 'କୋହଲି' 'କୋହଲି' ଚିଲ୍ଲାଇଥିଲେ। ଅଭିଷେକ ଓ ଗିଲ୍‌ଙ୍କ ଦ୍ୱାରା ଧୁଲେଇ ହୋଇଥିବା ରୌଫଙ୍କୁ ଶେଷରେ ଦର୍ଶକ ମଧ୍ୟ ଛାଡ଼ି ନ ଥିଲେ। ଏଥିରେ ରାଗିଯାଇ ରୌଫ୍ ୬ ଆଙ୍ଗୁଠି ଦେଖାଇବା ସହ ବିମାନ ଖସିପଡ଼ିବାର ଇଙ୍ଗିତ ବାରମ୍ବାର ଦର୍ଶକଙ୍କ ଆଡ଼କୁ କରିଥିଲେ। ଅପରେସନ ସିନ୍ଦୁରରେ ଭାରତର ୬ଟି ବିମାନ ଖସାଇଦେବାର ମିଥ୍ୟା ଦାବି ପାକିସ୍ତାନ କରିଆସୁଛି। ଏହି ଦାବିକୁ ରୌଫ୍ ପଡ଼ିଆରେ ପ୍ରଦର୍ଶିତ କରିଥିଲେ। ତାଙ୍କର ଏଭଳି ମାନସିକତା ଘୃଣ୍ୟ ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ କହିଛନ୍ତି।

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଦୁଇ ଦୁଇଟି ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ରବିବାର ରାତିରେ ଦୁବାଇର ଷ୍ଟାଡିୟମରେ ଖେଳାଯାଇଥିବା ସୁପର୍-୪ ଲଢ଼େଇରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟ୍‌ରେ ୧୭୧ ରନ କରିଥିଲା। ଜବାବରେ ଓପନର୍ ଅଭିଷେକ ଶର୍ମା (୭୪ ରନ, ୩୯ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ଭାରତ ୪ ୱିକେଟ୍ ହରାଇ ୭ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୭ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଥିଲା। ବିଶ୍ୱର ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ବିଜୟଧାରାକୁ ଗଲା ୩ ବର୍ଷ ହେଲା ବଜାୟ ରଖିଛି। ସେ ଦିନିକିଆ ବିଶ୍ୱକପ୍ ହେଉକି ଟି-୨୦ ବିଶ୍ୱକପ୍ କିମ୍ବା ଚାମ୍ପିଅନ୍ସ ଟ୍ରଫି ହେଉ ଅବା ଏସିଆ କପ୍। ୨୦୨୨ରୁ ଅଦ୍ୟାବଧି ବଡ଼ ବଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ୭ଟି ମ୍ୟାଚ୍ ଖେଳି ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି।

### ବ୍ରହ୍ମାସ୍ତ୍ର ଲଞ୍ଚ କଲେ ଅଭିଷେକ-ଗିଲ୍: କାନେରିଆ

ପାକିସ୍ତାନ ବିପକ୍ଷ ସୁପର୍-୪ ମୁକାବିଲାକୁ ୬ ୱିକେଟ୍‌ରେ ଜିତିବା ପରେ ଭାରତର ଦୁଇ ଓପନର୍ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ବ୍ୟାଟିଂକୁ ଚାରିଆଡ଼ୁ ପ୍ରଶଂସା କରାଯାଇଛି। ୧୭୨ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଅଭିଷେକ ଓ ଗିଲ୍ ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୧୦୫ ରନ ଉଠାଇ ବିଜୟପଥ ପରିଷ୍କାର କରିଥିଲେ। ଏହି ଶତକୀୟ ଭାଗୀଦାରିକୁ ପୂର୍ବତନ ପାକିସ୍ତାନ କ୍ରିକେଟର୍ ଦାନିସ କାନେରିଆ ବେଶ୍ ପ୍ରଶଂସା କରିଛନ୍ତି। ଖବର ସରବରାହ ସଂସ୍ଥା ଆଇଏଏନ୍‌ଏସ୍ ସହ ଏକ ସାକ୍ଷାତ୍‌କାର ଅବସରରେ କାନେରିଆ କହିଛନ୍ତି, 'ଶାହିବଜାଦା ଫରହାନ ଅର୍ଦ୍ଧଶତକ ପରେ ଏକେ-୪୭ ବନ୍ଧୁକରୁ ଗୁଳି ଚଳାଇବା ଶୈଳୀରେ ସେଲିବ୍ରେସନ କରିଥିଲେ। କିନ୍ତୁ ଏହାପରେ ଅଭିଷେକ ଓ ଗିଲ୍ ବିସ୍ଫୋରକ ବ୍ୟାଟିଂ ଜରିଆରେ ସେମାନଙ୍କ ବ୍ୟାଟରୁ ପାକିସ୍ତାନ ଉପରେ ବ୍ରହ୍ମାସ୍ତ୍ର ଲଞ୍ଚ କରିଥିଲେ। ଭାରତୀୟ ଓପନର୍‌ଙ୍କ ପ୍ରତି ଆକ୍ରମଣ ଏତେ ବିଧ୍ୱଂସୀ ଥିଲା ଯେ ପାକିସ୍ତାନ ଖେଳାଳି ଧରାଶାୟୀ ହୋଇପଡ଼ିଥିଲେ। ପାକିସ୍ତାନ ବୋଲରଙ୍କୁ ଗିଲ୍ ଓ ଅଭିଷେକ ପ୍ରଥମେ 'ଧୁଲାଇ' ଓ ପରେ 'ମହାଧୁଲାଇ' କରିଥିଲେ' ବୋଲି କହି କାନେରିଆ ନିଜ ଦେଶର ଖେଳାଳିଙ୍କୁ ଭର୍ତ୍ସନା କରିଛନ୍ତି।

### ପାକିସ୍ତାନ ୨୦୦ କରିଥିଲେ ମଧ୍ୟ ହାରିଥାନ୍ତା: ଅଖତର

ଭାରତ ନିକଟରୁ କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ପୂର୍ବତନ ପାକିସ୍ତାନ କ୍ରିକେଟର୍ ନିଜ ଦଳର ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ବେଶ୍ ସମାଲୋଚନା କରିଛନ୍ତି। ରାୱଲପିଣ୍ଡି ଏକ୍ସପ୍ରେସ ଭାବେ ପରିଚିତ ସୋଏବ ଅଖତର ନିଜ ଦଳକୁ ସମାଲୋଚନା କରି କହିଛନ୍ତି, ଯଦି ପାକିସ୍ତାନ ୨୦୦ ରନ କରିଥାନ୍ତା ତେବେ ତଥାପି ମ୍ୟାଚ୍ ହାରିଥାନ୍ତା। ପାକିସ୍ତାନ ବୋଲିଂ ଲାଇନଅପ୍ ୨୦୦ ରନକୁ ମଧ୍ୟ ଡିଫେଣ୍ଡ କରିପାରି ନ ଥାନ୍ତା। ଦଳର ବୋଲିଂ ରଣନୀତି ସମ୍ପୂର୍ଣ୍ଣ ଭୁଲ୍ ଥିଲା। ଅବରାର ଅହମ୍ମଦଙ୍କ ଭଳି ପ୍ରମୁଖ ବୋଲରଙ୍କୁ ପଛରେ ରଖି ସଇମ ଆୟୁବଙ୍କୁ ପାୱାର ପ୍ଲେ'ରେ ବୋଲିଂ ଦେବା ବୋକାମୀ ଥିଲା' ବୋଲି ଏକ ଟିଭି ଶୋ'ରେ ଅଖତର କହିଛନ୍ତି। ଏହି ପୂର୍ବତନ ଦ୍ରୁତ ବୋଲର ଆହୁରି ମଧ୍ୟ ହାରିସ ରୌଫ୍‌ଙ୍କୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଅଖତର କହିଥିଲେ, ରୌଫ୍‌ଙ୍କୁ ଯେଉଁ ୱିକେଟ୍ ମିଳିଛି ତାହା ଭାରତୀୟ ବ୍ୟାଟର୍‌ଙ୍କ ଭୁଲ୍ ଯୋଗୁଁ ପାଇଛନ୍ତି। ସେ ନିଜ ଦକ୍ଷତା ବଳରେ ଜଣେ ବି ଭାରତୀୟ ବ୍ୟାଟର୍‌ଙ୍କୁ ଆଉଟ୍ କରିନାହାନ୍ତି। ସେହିଭଳି ଅଭିଷେକଙ୍କ ବ୍ୟାଟିଂ ବେଶ୍ ପ୍ରଶଂସନୀୟ ଥିଲା। ଯଦି ଅଭିଷେକ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥାନ୍ତେ ତେବେ ଭାରତ ୧୫ ଓଭରରେ ମ୍ୟାଚ୍ ଜିତିଯାଇଥାନ୍ତା। ସଞ୍ଜୁ ସାମସନଙ୍କ ସ୍ଥାନରେ ଲୋକେଶ ରାହୁଲ ଭାରତୀୟ ଦଳରେ ରହିଥିଲେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହୋଇଥାନ୍ତା' ବୋଲି ସୋଏବ କହିଛନ୍ତି। ନିଜ ଦେଶର ଖେଳାଳିଙ୍କୁ ଅଖତରଙ୍କ ଏହି ସମାଲୋଚନା ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଗଭୀର ସମସ୍ୟାରେ ପକାଇଛି।

### ଛକାରେ ଅଭିଷେକଙ୍କ ରେକର୍ଡ

ଯୁବ ଭାରତୀୟ ଓପନର୍ ଅଭିଷେକ ଶର୍ମା ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷ ସୁପର୍-୪ ମୁକାବିଲରେ ଖେଳିଥିବା ଅର୍ଦ୍ଧଶତକୀୟ ପାଳିରେ ଏକାଧିକ କୀର୍ତ୍ତିମାନ କରିଛନ୍ତି। ଭାରତୀୟ ଇନିଂସର ପ୍ରଥମ ଓଭର ବୋଲିଂ କରିଥିବା ଶାହୀନ ଆଫ୍ରିଦୀଙ୍କୁ ଥାର୍ଡମ୍ୟାନ ଅଞ୍ଚଳରେ ଏକ ବିଶାଳ ଛକା ମାରି ଅଭିଷେକ ପାଳି ଆରମ୍ଭ କରିଥିଲେ। ଏଥିପୂର୍ବରୁ ଅଭିଷେକ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ପାକିସ୍ତାନ ବିପକ୍ଷରେ ସମାନ ଢଙ୍ଗରେ ଇନିଂସ ଆରମ୍ଭ କରିଥିଲେ। ସେହି ମ୍ୟାଚରେ ହାଇଦର ଅଲିଙ୍କ ପ୍ରଥମ ବଲ୍‌କୁ ଅଭିଷେକ ଛକା ମାରିଥିଲେ। ଫଳରେ କୌଣସି ଟି-୨୦ ଇନିଂସର ପ୍ରଥମ ବଲ୍‌କୁ ଛକା ମାରିବାରେ ଅଭିଷେକ ଦୁଇଥର ସଫଳତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ସଞ୍ଜୁ ସାମସନ ଟି-୨୦ ଇନିଂସର ପ୍ରଥମ ବଲ୍‌କୁ ଛକା ମାରି ଆରମ୍ଭ କରିବାର ରେକର୍ଡ କରିଛନ୍ତି।

DP WORLD ASIA CUP 2025
ଆଜିର ମ୍ୟାଚ୍
ଶ୍ରୀଲଙ୍କା-ପାକିସ୍ତାନ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

ସୁଲତାନ ଜୋହର କପ୍

# ଭାରତୀୟ ଜୁନିଅର ହକି ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଗାମୀ ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ସୋମବାର ଭାରତୀୟ ଜୁନିଅର ପୁରୁଷ ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତ୍‌ଙ୍କୁ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ରୋସନ କୁଜୁର ଓ ଆଦ୍ରୋହିତ୍ ଏକ୍କା। ସେହିଭଳି ୫ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଏ ଭାବେ ଦଳରେ ରଖାଯାଇଛି।





ଏଥିରେ ମଧ୍ୟ ଓଡ଼ିଶାର ବିବେକ ଲାକ୍ରା ଓ ରୋହିତ୍ କୁଲ୍ଲୁଙ୍କୁ ସାମିଲ କରାଯାଇଛି। ୨୧ ବର୍ଷରୁ କମ୍ ଏହି ସମ୍ମାନଜନକ ହକି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଖେଳାଯିବ। ଆୟୋଜକ ମାଲେସିଆ ସମେତ ଭାରତ, ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନଭିତ୍ତିରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲା।

# ନାଇଟ୍ ରାଇଡର୍ସଙ୍କୁ ୫ମ ସିପିଏଲ୍ ଟ୍ରଫି




ଗୁୟାନା, ୨୨।୯ (ଏଜେନ୍ସି): କାରିବୀଆନ ପ୍ରିମିୟର ଲିଗ୍ (ସିପିଏଲ୍)ର ୧୩ତମ ସଂସ୍କରଣରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଛି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ନାଇଟ୍ ରାଇଡର୍ସ ୩ ୱିକେଟ୍‌ରେ ଗୁୟାନା ଆମାଜନ ୱାରିୟର୍ସଙ୍କୁ ପରାସ୍ତ କରି ରେକର୍ଡ ୫ମଥର ଲାଗି ସିପିଏଲ୍ ଟ୍ରଫି ଜିତିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁୟାନା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ଇଫତିକାର ଅହମ୍ମଦ ସର୍ବାଧିକ ୩୦, ବେନ୍ ମ୍ୟାକଡର୍ମଟ୍ଟ ୨୮ ରନ କରିଥିଲେ। ଜବାବରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ୨ ଓଭର ବଳକା ଥାଇ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଲେକ୍ସ ହେଲ୍ସ ୨୬, କଲିନ ମୁନରୋ ୨୩, ସୁନିଲ ନାରାୟଣ ୨୨ ରନ କରିଥିଲେ। ଅଧିନାୟକ ନିକୋଲସ ପୁରନ ୧ ରନ କରି ନିରାଶ କରିଥିଲେ।

# ଜୟ ଶାହଙ୍କୁ ଭେଟିଲେ ସଞ୍ଜୟ



କଟକ,୨୨।୯ (ସମିସ): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଅଧ୍ୟକ୍ଷ ଜୟ ଶାହଙ୍କୁ ଅହମ୍ମଦାବାଦ୍‌ରେ ଭେଟିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଶ୍ରୀ ଶାହଙ୍କ ଜନ୍ମଦିନ ଉପଲକ୍ଷେ ସଞ୍ଜୟ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜ୍ୟ କ୍ରିକେଟ ବାବଦରେ ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଞ୍ଜୟ ଶ୍ରୀ ଶାହଙ୍କୁ ନିମନ୍ତ୍ରଣ ଦେଇଥିଲେ।

# କେନ୍ଦୁଝରର ମାଇନର୍ସର ରୋମାଞ୍ଚକ ବିଜୟ

କଟକ, ୨୨।୯ (ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ରେ ରବିବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ କେନ୍ଦୁଝର ମାଇନର୍ସ ରୋମାଞ୍ଚକ ବିଜୟ ହାସଲ କରିଛି। ଏହି ମ୍ୟାଚରେ କେନ୍ଦୁଝର ଗୋଟିଏ ବଲ୍ ବଳକା ଥାଇ ୪ ୱିକେଟ୍‌ରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ବର୍ଷା ବାଧାପ୍ରାପ୍ତ ଯୋଗୁ ଏହି ମ୍ୟାଚକୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୧୫ ଓଭରରେ ୬ ୱିକେଟ୍ ହରାଇ ୧୨୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୬୫ ରନ କରିଥିଲେ। ଶାଶ୍ୱତ ମହାନ୍ତି ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ପପୁ ରାୟଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କେନ୍ଦୁଝର ମାଇନର୍ସ ୧୪.୫ ଓଭରରେ ୬ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଓପନର୍ ଓମ୍ ଟି ମୁଣ୍ଡେ ୪୦ ବଲରେ ୬୪ ରନର ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ଗୋବିନ୍ଦ ପୋଦ୍ଦାର ମଧ୍ୟ ୩୩ ରନ କରିଥିଲେ। ପୂର୍ବରୁ ରବିବାର ଅପରାହ୍ଣରେ ସମ୍ବଲପୁର ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି। ମଙ୍ଗଳବାର କଟକ ଓ କେନ୍ଦୁଝର ମଧ୍ୟରେ ଅପରାହ୍ଣ ୨ଟାରେ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ପୁରୀ ଟାଇଟନ୍ସର ଦ୍ୱିତୀୟ ବିଜୟ



କଟକ,୨୨।୯ (ସମିସ)

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସୋମବାର ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୪୫ ରନରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ଟାଇଟନ୍ସର ଏହା ଦ୍ୱିତୀୟ ବିଜୟ। ୪ଟି ମ୍ୟାଚ୍‌ରୁ ୮ ପଏଣ୍ଟ ହାସଲ କରି ପୁରୀ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଷ୍ଟିଲର୍ସ ଏଯାବତ୍ ବିଜୟ ଖାତା ଖୋଲିପାରିନି। ଏକ ମ୍ୟାଚ୍ ବାତିଲ ଯୋଗୁଁ ୨ ପଏଣ୍ଟ ହାସଲ କରି ଷ୍ଟିଲର୍ସ ଦଳ ଟେବଲର ଅନ୍ତିମ ସ୍ଥାନରେ ରହିଛି।

ଟାଇଟନ୍ସ ଏବଂ ଷ୍ଟିଲର୍ସ ମଧ୍ୟରେ ହୋଇଥିବା ମୁକାବିଲାରେ ବର୍ଷା ବାଧକ ସାଜିଥିଲା। ଖେଳ ୧୮ ଓଭର ବିଶିଷ୍ଟ କରାଯିବାକୁ ମ୍ୟାଚ୍ ରେଫରୀ ଘୋଷଣା କରିଥିଲେ। ରାଉରକେଲା ଷ୍ଟିଲର୍ସ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିଫଳତା ସତ୍ତ୍ୱେ ଟାଇଟନ୍ସ ୭ ୱିକେଟ ବିନିମୟରେ ୧୬୧ ରନ ସଂଗ୍ରହ କରି ପାରିଥିଲା। କାର୍ତ୍ତିକ ବିଶ୍ୱାଳ ୨୯ ବଲରୁ ୪୨ ରନ ଓ ମିଡିୟମ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତି ୪୫ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏଥିରେ ୨ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା। ରାଉରକେଲାର ପ୍ରଦୀପ ପ୍ରଧାନ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ପୁର୍ନବାର ବର୍ଷା ଯୋଗୁଁ ଡିଏଲଏସ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ




୧୦.୪ ଓଭରରେ ରାଉରକେଲା ସମ୍ମୁଖରେ ୯୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଷ୍ଟିଲର୍ସ ୫ ୱିକେଟ ହରାଇ ମାତ୍ର ୫୧ରନ ସଂଗ୍ରହ କରିଥିଲା। ଅମିନ ଖାନ ସର୍ବାଧିକ ୧୫ ରନ କରିଥିଲେ। ବିଜୟୀ ଟାଇଟନ୍ସ ପକ୍ଷରୁ ମହମ୍ମଦ ଡାନିସ୍ ୨ଟି ୱିକେଟ ଦଖଲ କରିଥିଲେ। କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

● ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ସାଗରଙ୍କୁ ସ୍ୱର୍ଣ୍ଣ, ସୂରଜ ଜିତିଲେ ରୌପ୍ୟ




ଭୁବନେଶ୍ୱର, ୨୨।୯ (ସମିସ): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ସୋମବାରଠାରୁ ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୩୬ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ୨ଟି ପଦକ ସଫଳତା ମିଳିଛି। ପୁରୁଷ ହାଇଜମ୍ପରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସାଗର ୧.୯୦ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଡିସକସ୍ ଥ୍ରୋରେ ଓଡ଼ିଶାର ସୂରଜ ଗୋପେ ରୌପ୍ୟ ପଦକ ହାସଲ କରିଛନ୍ତି। ସୂରଜ ୪୩.୪୪ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତିନିଦିନିଆ ଏହି ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS